ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର



# ଦିନଲିପି
## THE DINALIPI



Web:
www.dinalipi.com
E-mail:
dinalipinews@gmail.com

● Vol.- 46, No. 199 Bhubaneswar, Sunday, 18 October 2026 ● R.N.I. Regd. No. 34063/81 ● Postal Regd. No. BN/79/18-20, ● ୪୬ ବର୍ଷ, ସଂଖ୍ୟା-୧୯୯ ଭୁବନେଶ୍ୱର, ରବିବାର ୧୮ ଅକ୍ଟୋବର ୨୦୨୬ ● ମୂଲ୍ୟ: ୩.୦୦ ● ପୃଷ୍ଠା-୮



ଯା ଦେବୀ ସର୍ବ ଭୂତେଷୁ ଶକ୍ତିରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ॥

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀଙ୍କୁ 'ଦିନଲିପି' ପକ୍ଷରୁ ଶୁଭେଚ୍ଛା ତଥା ଅଭିନନ୍ଦନ।

– ସମ୍ପାଦକ

## 'ଦିନଲିପି'ର ଛୁଟି

ପବିତ୍ର ଦଶହରା ଉପଲକ୍ଷେ 'ଦିନଲିପି' କାର୍ଯ୍ୟାଳୟ ଓ ପ୍ରେସ୍ ଅକ୍ଟୋବର ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। 'ଦିନଲିପି'ର ପରବର୍ତ୍ତୀ ସଂସ୍କରଣ ୨୧ ତାରିଖ ସନ୍ଧ୍ୟାରେ ପ୍ରକାଶ ପାଇବ।

– ପରିଚାଳକ

# ଦୁର୍ଗା ପୂଜା ପେଣ୍ଡାଲରେ ଦଳାଚକଟା, ୧୮ ଆଖି ବୁଜିଲେ
## ହଠାତ୍ ପ୍ରବଳ ବର୍ଷା ହେବାରୁ ଭିଡ଼ ପରିଚାଳନାରେ ସଂକଟ !

କୋଲକତା, ୧୭।୧୦: ସପ୍ତମୀ ସନ୍ଧ୍ୟା ପ୍ରାୟ ୭ଟା ୪୦ ମିନିଟ ସମୟରେ କୋଲକାତାର ଚୋରବାଗାନ ସାର୍ବଜନୀନ ଦୁର୍ଗା ପୂଜା ପେଣ୍ଡାଲରେ ଦଳାଚକଟା ଘଟିଛି। ଫଳରେ ଅନ୍ୟୂନ ୧୮ ଜଣଙ୍କ ଅକାଳରେ ଜୀବନ ଯାଇଛି। ୨୫ ଜଣ ଲୋକ ଆହତ ହୋଇଛନ୍ତି। ପୂଜା ମଣ୍ଡପରେ ପ୍ରବଳ ଭିଡ଼ ଜମିଥିବା ବେଳେ ଭକ୍ତଙ୍କ ଚାପ ମଧ୍ୟରେ ଆତଙ୍କ ଓ ଅସ୍ଥିରତା ଦେଖାଦେଇଥିଲା। ହଠାତ୍ ପ୍ରବଳ ବର୍ଷା ହେବାରୁ ପେଣ୍ଡାଲର ବାହାରକୁ ଯିବା ଦ୍ୱାର ନିକଟରେ ଲୋକଙ୍କ ଭିତରେ ଅସ୍ତବ୍ୟସ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା; ସେଠାରେ ଅପେକ୍ଷା କରିଥିବା ଦର୍ଶକମାନେ ହଠାତ୍ ଆଗକୁ ମାଡ଼ି ଆସିବାରୁ ଲୋକମାନେ ଝୁଣ୍ଟି ପଡ଼ିଯାଇଥିଲେ ବୋଲି କୁହାଯାଇଛି।ଶାରଦା ପାର୍କ ନିକଟରେ ଏହି ଅଘଟଣ ଘଟିଥିଲା। କଲିକତା ମେଡିକାଲ କଲେଜ ଓ ହସ୍ପିଟାଲ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଆହୁରି ଅନେକ ପୀଡ଼ିତଙ୍କୁ ହସ୍ପିଟାଲକୁ ଅଣାଯାଉଛି, ଯେଉଁମାନଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ରହିଛି।ଦଳାଚକଟାର ପ୍ରକୃତ କାରଣ କ'ଣ, ତାହା କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହାନ୍ତି। ପୂଜା ପେଣ୍ଡାଲ ଖୋଲିବା ଦିନଠାରୁ ସେଠାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା ଏବଂ ସ୍ଥାନୀୟ ଗଣମାଧ୍ୟମ ପୂର୍ବରୁ ହିଁ ଏତେ ସଂଖ୍ୟକ ଲୋକଙ୍କ ଭିଡ଼ ପରିଚାଳନା କରିବା ପାଇଁ ସ୍ୱେଚ୍ଛାସେବୀଙ୍କ ଅଭାବ ରହିଥିବା ନେଇ ସତର୍କ କରାଇଥିଲେ।ଦଳାଚକଟା ପରେ କର୍ତ୍ତୃପକ୍ଷ ସହାୟତା ପାଇଁ ଏକ ହେଲ୍ପଲାଇନ୍ ନମ୍ବର, ୧୮୦୦୩୪୫୫୬୭୮ ଜାରି କରିଛନ୍ତି। ଇତିମଧ୍ୟରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏବଂ ମୁଖ୍ୟ ସଚିବ ମନୋଜ ଅଗ୍ରୱାଲ କଲିକତା ମେଡିକାଲ କଲେଜ ଓ ହସ୍ପିଟାଲରେ ପହଞ୍ଚିଥିଲେ। ଉତ୍ତର କୋଲକାତାରେ ଅବସ୍ଥିତ 'ଚୋରବାଗାନ ସାର୍ବଜନୀନ ଦୁର୍ଗୋତ୍ସବ ସମିତି' ପୂଜା ପେଣ୍ଡାଲରେ ଏହି ଦଳାଚକଟା ଘଟଣା ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଛି।





ଓଡ଼ିଶାର ନବ ନିଯୁକ୍ତ ରାଜ୍ୟପାଳ ବ୍ରଜ ମୋହନ ରାମ ଶନିବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ବାଚସ୍ପତି ସୁରମା ପାଢୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଜଣାଇଛନ୍ତି। (ଫଟୋ-ଦିନଲିପି)

# ଉଠା ଦୋକାନୀ ଥଇଥାନ କାର୍ଯ୍ୟ ଶୀଘ୍ର ଶେଷ କର: ମୁଖ୍ୟମନ୍ତ୍ରୀ

ପୁରୀ, ୧୭।୧୦(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା ଲୋକସେବା ଭବନ ଠାରେ କରିଛନ୍ତି। ସବୁ ପ୍ରକଳ୍ପ କାର୍ଯ୍ୟକୁ ଯଥା ଶୀଘ୍ର ତ୍ୱରାନ୍ୱିତ କରି ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ପୁରୀ ଜିଲ୍ଲା ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ବଡଦାଣ୍ଡରୁ ଉଚ୍ଛେଦ ହୋଇଥିବା ଉଠା ଦୋକାନୀଙ୍କୁ ନବ ନିର୍ମିତ ଶ୍ରୀସେତୁ ବ୍ରିଜ୍ ତଳ ମାର୍କେଟରେ ଥଇଥାନ କାର୍ଯ୍ୟ ଶୀଘ୍ର ସାରିବାକୁ ମଧ୍ୟ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପୁରୀର ପ୍ରଶାସନିକ ଅଧିକାରୀ ଓ ରାଜନେତାମାନେ ଉଠା ଦୋକାନୀଙ୍କ ପ୍ରକୃତ ସମସ୍ୟା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଉନଥିବା ଉଠା ଦୋକାନୀ ଅଭିଯୋଗ କରିଛନ୍ତି। ସରକାର ଉଠା ଦୋକାନୀଙ୍କ ବ୍ୟବସାୟ କିଭଳି ଚାଲିବ ସେ ନେଇ ବ୍ୟବସ୍ଥା କଲେ ହିଁ ଶ୍ରୀସେତୁ ମାର୍କେଟକୁ ଉଠା ଦୋକାନୀ ଦୋକାନ ଖୋଲି ବ୍ୟବସାୟ ପାଇଁ ଇଚ୍ଛା ପ୍ରକାଶ କରିବେ ବୋଲି ବଡଦାଣ୍ଡରୁ ଉଚ୍ଛେଦ ଉଠା ଦୋକାନୀ କହିଚନ୍ତି।ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ଖୁବ୍ ଶୀଘ୍ର ଶ୍ରୀସେତୁ ତଳେ ଉଠା ଦୋକାନୀ ଙ୍କୁ ଥାଇଥାନ କରାଯିବ। ତାଙ୍କର ଯାହା ପୂର୍ବ ବକେୟା ଅର୍ଥ ପାଇବାକୁ ଅଛି ଏହା ନଭେମ୍ବର ମାସ ସୁଦ୍ଧା ସେମାନଙ୍କୁ ଆମେ ପ୍ରଦାନ କରିବୁ। ଶ୍ରୀସେତୁ ମାର୍କେଟ ପାଇଁ ଯାହା ଆନୁଷଙ୍ଗିକ ଭିତ୍ତିଭୂମି ତାହା ଖୁବ୍ ଶୀଘ୍ର ଶେଷ କରାଯିବ। ଉଠା ଦୋକାନୀଙ୍କୁ ଯଥା ଶୀଘ୍ର ଥଇଥାନ କରାଯିବ।

### ଗୁଜରାଟ କାରଖାନାରେ ବିସ୍ଫୋରଣ
# ୫ ଶ୍ରମିକଙ୍କ ଜୀବନ ଗଲା

ଭରୁଚ (ଗୁଜରାଟ), ୧୭।୧୦: ଗୁଜରାଟର ଭରୁଚ ଜିଲ୍ଲା ଅନ୍ତର୍ଗତ ଓ୍ୱାଗ୍ରା ଶିଳ୍ପାଞ୍ଚଳରେ ଥିବା ସେନଜିଲ ଫାର୍ମା କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀରେ ଶୁକ୍ରବାର ବିଳମ୍ବିତ ରାତିରେ ଭୟଙ୍କର ବିସ୍ଫୋରଣ ଘଟିଥିବା ଖବର ମିଳିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ୫ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, କାରଖାନାରେ ରାସାୟନିକ ପ୍ରକ୍ରିୟା ଚାଲିଥିବା ସମୟରେ ୧୫ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ରାସାୟନିକ ପାତ୍ରରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣର ଧ୍ୱନି ପ୍ରାୟ ୧୫ କିଲୋମିଟର ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା ବୋଲି କୁହାଯାଇଛି। ଏହା ପରେ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା ଏବଂ ଅନେକ ଲୋକ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ।



# ତୈଳବାହୀ ଜାହାଜରେ ବିସ୍ଫୋରଣ ପରେ ନିଆଁ
## ଥିଲା ୨ ନିୟୁତ ବ୍ୟାରେଲରୁ ଅଧିକ ଅଶୋଧିତ ତୈଳ

ନୂଆଦିଲ୍ଲୀ, ୧୭।୧୦:ଇରାନର 'ରିଭୋଲ୍ୟୁସନାରୀ ଗାର୍ଡସ୍' (ଆଇଆରଜିସି) ଶନିବାର କହିଛି ଯେ, ହରମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଏକ ବିଶାଳ ତୈଳବାହୀ ଜାହାଜ (ସୁପରଟ୍ୟାଙ୍କର) ଏକ ସାମରିକ ଜଳମାଇନ୍‌କୁ ଧକ୍କା ଦେବା ପରେ ସେଥିରେ ବିସ୍ଫୋରଣ ଘଟି ନିଆଁ ଲାଗିଯାଇଛି। ଏହି ଜାହାଜରେ ୨ ନିୟୁତ ବ୍ୟାରେଲରୁ ଅଧିକ ଅଶୋଧିତ ତୈଳ ଥିଲା। ଇରାନର ଏକ ସରକାରୀ ଗଣମାଧ୍ୟମ ଅନୁଯାୟୀ, ଆଇଆରଜିସି ମୁତାବକ ଜାହାଜଟି ତେହେରାନ ଦ୍ୱାରା ଅନୁମୋଦିତ ନ ଥିବା ଏକ ପଥ ବ୍ୟବହାର କରି ବେଆଇନ ଭାବେ ଏହି ରଣନୀତିକ ଜଳପଥ ଅତିକ୍ରମ କରିବାକୁ ଚେଷ୍ଟା କରୁଥିଲା। ଏକ ବିବୃତିରେ ଆଇଆରଜିସ ଅଭିଯୋଗ କରିଛି ଯେ, ଇରାନର ସାମୁଦ୍ରିକ କର୍ତ୍ତୃପକ୍ଷଙ୍କୁ 'ଧୋକା ଦେବା ଉଦ୍ଦେଶ୍ୟରେ' ଉକ୍ତ ତୈଳବାହୀ ଜାହାଜଟି ଜାଣିଶୁଣି ନିଜର ଅବସ୍ଥିତି ନିର୍ଦ୍ଧାରଣକାରୀ ପ୍ରଣାଳୀ ଏବଂ ରାଡାର୍ ବ୍ୟବସ୍ଥାକୁ ବନ୍ଦ କରିଦେଇଥିଲା। ଆଇଆରଜିସି ଅନ୍ୟ ସମସ୍ତ ଜାହାଜକୁ ମଧ୍ୟ ଏହି ଜଳପଥ ବ୍ୟବହାର ନକରିବାକୁ ଚେତାବନୀ ଦେଇଛି। ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ଏହି ଜଳପଥ ନିକଟରେ ଆକ୍ରମଣ ଘଟଣା ବୃଦ୍ଧି ପାଇଛି। ଗତ ମାସରେ ଆମେରିକା ଦ୍ୱାରା ଇରାନର ବନ୍ଦରଗୁଡ଼ିକ ଉପରେ ଅବରୋଧ ଏବଂ କଠୋର କଟକଣା ଲାଗୁ କରାଯିବା ପରେ, ଇରାନ ମଧ୍ୟ ନିଜ ପକ୍ଷରୁ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନକୁ ତୀବ୍ର କରିଛି।



### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ
# ଇଣ୍ଟରନେଟ୍ ବ୍ୟବହାର ପିଲାଙ୍କ ମୌଳିକ ଅଧିକାର



- ଦୂରଦୂରାନ୍ତ ଅଞ୍ଚଳ ପାଇଁ ଶିକ୍ଷା ଗ୍ରହଣର ପ୍ରମୁଖ ମାଧ୍ୟମ
- ଉଭୟ ସୁରକ୍ଷା ଓ ଅଧିକାର ସେମାନଙ୍କୁ ମିଳିବା ଆବଶ୍ୟକ
- କଠୋର ରୋକ୍ ଲଗାଇଲେ ବିପଦପୂର୍ଣ୍ଣ ୱେବସାଇଟ୍‌କୁ ଚାଲିଯାଇପାରନ୍ତି

ନୂଆଦିଲ୍ଲୀ, ୧୭।୧୦: ପିଲାମାନଙ୍କର ଇଣ୍ଟରନେଟ୍ ବ୍ୟବହାର କରିବାର ମୌଳିକ ଅଧିକାର ଅଛି। ବ୍ୟବହାର ଓ ସୂଚନା ପାଇବାର ସେମାନଙ୍କର ଅଧିକାର ରହିଛି। ସେମାନଙ୍କୁ ଇଣ୍ଟରନେଟ୍‌ରୁ ବାଦ୍ ଦେବା ସମ୍ପୂର୍ଣ୍ଣ ଅନ୍ୟାୟ ହେବ। ପିଲାମାନଙ୍କ ଅଧିକାରକୁ ଉଲ୍ଲଂଘନ ନ କରି ସୁରକ୍ଷା ଦେବା ପାଇଁ ନିୟମ ଏବଂ ସୁରକ୍ଷା ବ୍ୟବସ୍ଥା ରହିବା ଉଚିତ। ପିଲାଙ୍କ ଇଣ୍ଟରନେଟ୍ ବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ଏପରି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ରଖିଛନ୍ତି। କେବଳ ସୁରକ୍ଷା ନାମରେ ଇଣ୍ଟରନେଟ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ରୋକ୍ କଟକଣା ସେମାନଙ୍କ ସ୍ୱାଧୀନତା, ଗୋପନୀୟତା ଓ ସାହାଯ୍ୟ ମାଗିବାର କ୍ଷମତାକୁ ପ୍ରଭାବିତ କରିପାରେ। ଜଷ୍ଟିସ୍ ଜେ.ବି. ପାରଦିୱାଲା ଓ ଜଷ୍ଟିସ୍ କେ.ଭି. ଚନ୍ଦ୍ରନ୍‌ଙ୍କ ଖଣ୍ଡପୀଠ ଅକ୍ଟୋବର ୧୫ରେ ଦେଇଥିବା ନିର୍ଦ୍ଦେଶରେ ଏପରି ମତ ରଖିଛନ୍ତି। କୋର୍ଟଙ୍କ ଅନୁସାରେ, ପିଲାଙ୍କ ସୁରକ୍ଷା ଓ ସ୍ୱାଧୀନତା ପରସ୍ପର ବିରୋଧୀ ନୁହେଁ। ସେମାନଙ୍କୁ ଉଭୟ ସୁରକ୍ଷା ଓ ଅଧିକାର ମିଳିବା ଆବଶ୍ୟକ। ଇଣ୍ଟରନେଟ୍ ବ୍ୟବହାରର ଅଧିକାର ସମ୍ବିଧାନର ଅନୁଚ୍ଛେଦ ୨୧ ଏବଂ ଅନୁଚ୍ଛେଦ ୧୯(୧)(ଏ) ରେ ଥିବା ମତପ୍ରକାଶର ସ୍ୱାଧୀନତା ସହ ଜଡ଼ିତ ବୋଲି ଖଣ୍ଡପୀଠ କହିଛନ୍ତି।ପିଲାଙ୍କ ଯୌନ ଶୋଷଣ ସମ୍ବନ୍ଧୀୟ ସାମଗ୍ରୀ (ସିଏସଇଏଏମ୍) ଚିହ୍ନଟ କରିବା ଓ ଇଣ୍ଟରନେଟରୁ ହଟାଇବା ପାଇଁ ପଦକ୍ଷେପ ଉପରେ ବିଚାର କରୁଥିବା ବେଳେ କୋର୍ଟ ଏହି ମତ ଦେଇଛନ୍ତି। ପିଲାଙ୍କ ଅନଲାଇନ୍ ସୁରକ୍ଷା ନେଇ ଚିନ୍ତା ବାସ୍ତବ ହୋଇଥିଲେ ମଧ୍ୟ, ଇଣ୍ଟରନେଟ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଏହାର ଉଚିତ ସମାଧାନ ନୁହେଁ। ବିଶେଷକରି ଦୂରଦୂରାନ୍ତ ଅଞ୍ଚଳରେ ରହୁଥିବା ପିଲାଙ୍କ ପାଇଁ ଇଣ୍ଟରନେଟ୍ ଶିକ୍ଷା ଓ ଜ୍ଞାନ ଆହରଣର ଏକ ପ୍ରମୁଖ ମାଧ୍ୟମ। ଏହା ସେମାନଙ୍କୁ ନିଜ ମତ ରଖିବା, ଅନ୍ୟମାନଙ୍କ ସହ ଯୋଡ଼ି ହେବା ଏବଂ ନିଜ ଅନୁଭୂତି ସହ ମେଳ ଖାଉଥିବା ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରିବାର ସୁଯୋଗ ଦିଏ। କୋର୍ଟ ଚେତାବନୀ ଦେଇଛନ୍ତି ଯେ, ଇଣ୍ଟରନେଟ୍ ଉପରେ କଠୋର ରୋକ୍ ଲଗାଇଲେ ପିଲାମାନେ କମ୍ ନିୟନ୍ତ୍ରଣ ଥିବା ଓ ଅଧିକ ବିପଦପୂର୍ଣ୍ଣ ୱେବସାଇଟ୍ କିମ୍ବା ପ୍ଲାଟଫର୍ମକୁ ଚାଲିଯାଇପାରନ୍ତି। ଅନଲାଇନରେ କେହି ଯଦି ପିଲାଙ୍କୁ ପ୍ରଲୋଭିତ କରେ, ଧମକ ଦିଏ କିମ୍ବା ଶୋଷଣ କରେ, ତେବେ ଇଣ୍ଟରନେଟ୍ ବ୍ୟବହାର ପାଇଁ ନିଜକୁ ଦଣ୍ଡ ମିଳିବ ବୋଲି ଭୟ କରି ପିଲାମାନେ ଅଭିଭାବକ କିମ୍ବା ଭରସାଯୋଗ୍ୟ ବୟସ୍କଙ୍କୁ ଘଟଣା ଜଣାଇବାକୁ ପଛଘୁଞ୍ଚା ଦେଇପାରନ୍ତି। ଏହା ସେମାନଙ୍କ ସୁରକ୍ଷାକୁ ଦୁର୍ବଳ କରିବା ସହ ପୋକ୍ସୋ ଆଇନର ଉଦ୍ଦେଶ୍ୟକୁ ମଧ୍ୟ ପ୍ରଭାବିତ କରିପାରେ। ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ବଦଳରେ ଅଭିଭାବକଙ୍କ ସମ୍ମତି, ମାର୍ଗଦର୍ଶନ ଓ ନିରୀକ୍ଷଣ ଆଧାରିତ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି। ସୋସିଆଲ୍ ମିଡିଆରେ ପିଲାଙ୍କ ପାଇଁ ଅଲଗା 'ଚାଇଲ୍ଡ ମୋଡ୍' ରଖିବା ଭଳି ବିକଳ୍ପ ଉପରେ ମଧ୍ୟ ଆଲୋଚନା ହୋଇଛି।ଏହା ଅନୁସାରେ ପିଲାଙ୍କ ଆକାଉଣ୍ଟକୁ ଡିଫଲ୍ଟ ଭାବେ ପ୍ରାଇଭେଟ୍ ରଖିବା, ଅଜଣା ବୟସ୍କଙ୍କଠାରୁ ମେସେଜ୍ ଓ ଯୋଗାଯୋଗ ଉପରେ କଟକଣା, ପିଲାଙ୍କୁ ଦେଖାଯାଉଥିବା ବିଷୟବସ୍ତୁ ଓ ବିଜ୍ଞାପନକୁ ନିୟନ୍ତ୍ରଣ କରିବା ଭଳି ପଦକ୍ଷେପ ନିଆଯାଇପାରେ। ଏହି ବ୍ୟବସ୍ଥା କିପରି ଲାଗୁ ହେବ, ତାହା ନିର୍ଦ୍ଧାରଣ କରିବାର ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଉପରେ ସୁପ୍ରିମ କୋର୍ଟ ଛାଡ଼ିଛନ୍ତି।

### ଖୋଲିବ ଭାରତୀୟ ରିଜର୍ଭ ବ୍ୟାଙ୍କର ଡାଟା ସେଣ୍ଟର ଓ ପ୍ରଶିକ୍ଷଣ ସଂସ୍ଥା
# ଅକ୍ଟୋବର ୨୫ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ମୋଦି



- ୨୮ରେ ରାଷ୍ଟ୍ରପତିଙ୍କ ୨ ଦିନିଆ ଗସ୍ତ
- ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ପ୍ରସ୍ତୁତି

ଭୁବନେଶ୍ୱର, ୧୭।୧୦: ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅକ୍ଟୋବର ୨୮ ଓ ୨୯ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅକ୍ଟୋବର ୨୫ ତାରିଖରେ ଖୋର୍ଦ୍ଧା ନିକଟସ୍ଥ ଭାରତୀୟ ରିଜର୍ଭ ବ୍ୟାଙ୍କର ଡାଟା ସେଣ୍ଟର ଓ ପ୍ରଶିକ୍ଷଣ ସଂସ୍ଥାର ଶୁଭ ଉଦ୍ଘାଟନ କରି ପ୍ରତ୍ୟାବର୍ତ୍ତନ କରିବେ । ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଶନିବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗସ୍ତ ପ୍ରସ୍ତୁତି ସଂପର୍କିତ ବୈଠକରୁ ପ୍ରାପ୍ତ ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ୨୫ ଅକ୍ଟୋବର ଅପରାହ୍ନରେ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୂର୍ଯ୍ୟାସ୍ତ ପୂର୍ବରୁ ଖୋର୍ଦ୍ଧା ହେଲିପ୍ୟାଡରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଖୋର୍ଦ୍ଧା ଠାରେ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚି ଆର୍‌ବିଆଇର ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର ଓ ପ୍ରଶିକ୍ଷଣ କେନ୍ଦ୍ରର ଶୁଭ ଉଦ୍ଘାଟନ କରିବେ। ପରେ ପ୍ରଧାନମନ୍ତ୍ରୀ ସଡ଼କ ପଥରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସଂଧ୍ୟାରେ ପ୍ରତ୍ୟାବର୍ତ୍ତନ କରିବେ । ସେହିପରି ରାଷ୍ଟପତି ଦ୍ରୌପଦୀ ମୁର୍ମୁ ଅକ୍ଟୋବର ୨୮ ଓ ୨୯ ତାରିଖରେ ଯୋଗ ଦେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଥିଲା । ରାଷ୍ଟ୍ରପତି ୨୮ ତାରିଖ ପୂର୍ବାହ୍ନରେ ପହଞ୍ଚି ଦାଣ୍ଡବୋଷ ଏୟାର ପୋର୍ଟରୁ ସଡ଼କ ପଥରେ ଯାଇ ମୟୂରଭଞ୍ଜ ଜିଲ୍ଲା ବହଳଦା ସ୍ଥିତ ମା କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ କରି ସେଠାରେ ପୂଜାର୍ଚ୍ଚନା କରିବେ, ପରେ ରାଇରଙ୍ଗପୁର ମହୁଲଡିହା ସ୍ଥିତ ଲକ୍ଷ୍ମୀ ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିବେ । ଅପରାହ୍ନରେ ରାଷ୍ଟ୍ରପତି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ଅକ୍ଟୋବର ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଇରଙ୍ଗପୁରଠାରେ ଅନୁଷ୍ଠିତ ମେଗା ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇଥିବା ଅଧିକାରୀ, ଷ୍ଟାଫ ଓ ହିତାଧିକାରୀଙ୍କୁ ସାକ୍ଷାତ କରିବେ । ୨୮ ତାରିଖ ଅପରାହ୍ନରେ କଚେରି ରୋଡ୍, ରାଇରଙ୍ଗପୁରରେ ରାଷ୍ଟ୍ରପତି ଏକ ଜନ ସମାବେଶରେ ଯୋଗଦେଇ ଆଭାସୀ ମାଧ୍ୟମରେ ଆଇଆଇଏଫଏମ୍ (ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଫରେଷ୍ଟ ମ୍ୟାନେଜମେଣ୍ଟ) କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ ଓ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟ ଅଧୀନରେ ମଞ୍ଜୁରୀ ହୋଇଥିବା 'ପ୍ରସାଦ' ଯୋଜନାରେ ମା କୀଚକେଶ୍ୱରୀ ମନ୍ଦିର, ଖିଚିଂର ପୁନରୁଦ୍ଧାର ଓ ଉନ୍ନତିକରଣ ପାଇଁ ଶିଳାନ୍ୟାସ କରିବେ ।୨୮ ତାରିଖରେ ରାଷ୍ଟ୍ରପତି ମଧ୍ୟ ନବନିର୍ମିତ ରାଇରଙ୍ଗପୁର ଓ ବାଦାମ ପାହାଡ଼ 'ଅମୃତ ଭାରତ' ରେଲୱେ ଷ୍ଟେସନର ଉଦଘାଟନ କରିବା ସହିତ ରାଇରଙ୍ଗପୁର ଠାରେ ଗୋଶାଳା ଏବଂ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘ କୋଠାର ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଛି । ୨୯ ତାରିଖ ସକାଳେ ରାଷ୍ଟ୍ରପତି ସ୍ପୋର୍ଟସ କମ୍ପ୍ଲେକ୍ସ, ରାଇରଙ୍ଗପୁର, ବହୁମୁଖୀ-ଦକ୍ଷତା ବିକାଶ କେନ୍ଦ୍ର ଏବଂ ଗୋରୁ ମହିଷାଣୀ ଇସ୍ପାତ କଲେଜ ପରିଦର୍ଶନ କରିବେ । ପରେ ପରେ ରାଇରଙ୍ଗପୁର ଟାଉନ ହଲ ଠାରେ ସ୍ୱାସ୍ଥ୍ୟ ବିଭାଗ ସଂପର୍କିତ ଆଲୋଚନା, ସଭା ଓ ସଚେତନତାମୂଳକ କାର୍ଯ୍ୟକ୍ରମରେ ଯୋଗଦେଇ ସେଦିନ ଅପରାହ୍ନରେ ପ୍ରତ୍ୟାବର୍ତ୍ତନ କରିବେ । ଏଥିଲାଗି ରାଜ୍ୟସ୍ତରୀୟ ପ୍ରସ୍ତୁତି କରାଯାଇଛି।

15001/117/2627





## ଦୁର୍ଗାପୂଜା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

ମା' ଦୁର୍ଗା ହେଉଛନ୍ତି ମାତୃଶକ୍ତିର ପ୍ରତୀକ। ଦୁର୍ଗାପୂଜା ହେଉଛି ଅଧର୍ମ ଉପରେ ଧର୍ମର ଓ ଅସତ୍ୟ ଉପରେ ସତ୍ୟର ବିଜୟର ପ୍ରତୀକ। ଏହି ସାମୂହିକ ଉତ୍ସବ ସମାଜରେ ଭାଇଚାରା, ଏକତା ଓ ଆତ୍ମୀୟତାକୁ ପ୍ରତିଫଳିତ କରିଥାଏ। ଗାଁରୁ ସହର ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧିଥାଏ। ମା'ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ।

ପବିତ୍ର ଦୁର୍ଗାପୂଜା ଅବସରରେ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗାଙ୍କ ଆଶୀର୍ବାଦରେ ସଂସାରରୁ ଦୁଃଖ, ଅନ୍ୟାୟ ଓ ଅଶାନ୍ତି ଦୂର ହୋଇ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ହେଉ, ମା'ଙ୍କ ନିକଟରେ ଏହା ହିଁ ମୋର ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0116



# ଆଜି ପବିତ୍ର ମହାଷ୍ଟମୀ

## ମାତା ମହାଗୌରୀ

ଆଜି ପବିତ୍ର ମହାଷ୍ଟମୀ ତିଥି । ମହାଗୌରୀ ରୂପରେ ଦର୍ଶନ ଦେଉଛନ୍ତି ମା'ଦୁର୍ଗା । ଅଷ୍ଟମୀ ତିଥିରେ ମା' ଦୁର୍ଗାଙ୍କୁ କାହିଁକି 'ମହାଗୌରୀ' ବେଶରେ ପୂଜା କରାଯାଏ, ଏଥର ଜାଣିବା। ପୌରାଣିକ ମାନ୍ୟତା ଅନୁସାରେ, ଭଗବାନ ଶିବଙ୍କୁ ସ୍ୱାମୀ ରୂପରେ ପାଇବା ପାଇଁ ମା' କଠୋର ତପସ୍ୟା କରିଥିଲେ । ସେଥିପାଇଁ ତାଙ୍କ ରଙ୍ଗ ମଳିନ ଅର୍ଥାତ୍ କଳା ପଡ଼ିଯାଇଥିଲା । ସେ ଶାରୀରିକ ଭାବେ ଖୁବ୍ ଦୁର୍ବଳ ହୋଇ ପଡ଼ିଥିଲେ। ଶିବଙ୍କୁ ପ୍ରସନ୍ନ କରିବା ପରେ ମା' ନିଜ ସ୍ୱାସ୍ଥ୍ୟ ଓ ସ୍ୱରୂପକୁ ପୁନଃ ପ୍ରାପ୍ତି ପାଇଁ ପୁଣି ତପସ୍ୟା କରିଥିଲେ। ଏହି ତପସ୍ୟା ପରେ ମା'ଙ୍କ ଶରୀରରୁ କଳା ରଙ୍ଗ ଚାଲି ଯାଇଥିଲା ଏବଂ ସେ ସଂପୂର୍ଣ୍ଣ ଗୌରବର୍ଣ୍ଣ ଧାରଣ କରିଥିଲେ । ଯାହା ପରଠୁ ମା'ଙ୍କୁ 'ମହାଗୌରୀ'ରୂପେ ପୂଜା କରାଯାଏ । ଏହି ରୂପରେ ମାଆଙ୍କର ବିଭିନ୍ନ ଅଲୌକିକ ଲୀଳା ରହିଛି । ମା' ଶୁମ୍ଭ ଓ ନିଶୁମ୍ଭ ରାକ୍ଷସଙ୍କୁ ସଂହାର କରିବା ପାଇଁ ରଚିଥିବା ଲୀଳା ମଧ୍ୟରେ 'ମହାଗୌରୀ' ରୂପ ଅନ୍ୟତମ। ମା' ଦୁର୍ଗାଙ୍କ ଏହି 'ମହାଗୌରୀ' ସ୍ୱରୂପକୁ ଅନ୍ନପୂର୍ଣ୍ଣା, ଐଶ୍ୱର୍ଯ୍ୟପ୍ରଦାୟିନୀ, ଚୈତନ୍ୟମୟୀ ବି କୁହାଯାଏ । ମାନ୍ୟତା ରହିଛି ମାଆଙ୍କୁ ଏହି ରୂପରେ ପୂଜା କରିବାଦ୍ୱାରା ଶାରୀରିକ କ୍ଷମତା ବିକଶିତ ହୋଇଥାଏ ଓ ମାନସିକ ଶାନ୍ତି ବୃଦ୍ଧି ଏବଂ ମନୁଷ୍ୟ ସୁସ୍ଥ ରହିଥାଏ । ମା' ଆଦିଶକ୍ତି ୮ ବର୍ଷ ବୟସରୁ ହିଁ ମହାଦେବଙ୍କୁ ସ୍ୱାମୀ ରୂପରେ ପାଇବା ପାଇଁ ତପସ୍ୟା ଆରମ୍ଭ କରିଦେଇଥିଲେ । ସେଥିପାଇଁ ଅଷ୍ଟମୀ ତିଥିରେ ମାଆଙ୍କର ପୂଜାର୍ଚ୍ଚନା କରାଯାଏ । ଆଠ ବର୍ଷର ତପସ୍ୟା ପରେ 'ମହାଗୌରୀ' ସାଜିଥିଲେ ମା । ସେହି କାରଣରୁ ନବରାତ୍ରୀର ଅଷ୍ଟମୀ ତିଥିରେ ଦୁର୍ଗାଙ୍କୁ 'ମହାଗୌରୀ' ରୂପରେ ପୂଜାର୍ଚ୍ଚନା କରାଯାଏ । ଏହି ସ୍ୱରୂପରେ ମା' ନନ୍ଦୀ ଉପରେ ବିରାଜମାନ ହୋଇଥାନ୍ତି ।





ମା' ଦୁର୍ଗାଙ୍କ ଏହି 'ମହାଗୌରୀ' ସ୍ୱରୂପକୁ ଅନ୍ନପୂର୍ଣ୍ଣା, ଐଶ୍ୱର୍ଯ୍ୟପ୍ରଦାୟିନୀ, ଚୈତନ୍ୟମୟୀ ବି କୁହାଯାଏ । ମାନ୍ୟତା ରହିଛି ମାଆଙ୍କୁ ଏହି ରୂପରେ ପୂଜା କରିବାଦ୍ୱାରା ଶାରୀରିକ କ୍ଷମତା ବିକଶିତ ହୋଇଥାଏ ଓ ମାନସିକ ଶାନ୍ତି ବୃଦ୍ଧି ଏବଂ ମନୁଷ୍ୟ ସୁସ୍ଥ ରହିଥାଏ ।



### କିପରି କରିବେ ମାଆଙ୍କ ପୂଜା ?

ଅଷ୍ଟମୀ ଦିନ, ସକାଳେ ଗାଧୋଇବା ସଫା ବସ୍ତ୍ର ପିନ୍ଧି ମା'ଙ୍କର ଧ୍ୟାନ କରନ୍ତୁ । ପୂଜା ସ୍ଥାନରେ କଳସ ସ୍ଥାପନ କରି ପୂଜା କରନ୍ତୁ । ଏହି ଦିନ ମାତାଙ୍କୁ ଧଳା ଫୁଲ ଏବଂ ବସ୍ତ୍ର ଅର୍ପଣ କରନ୍ତୁ । ମାଆଙ୍କ ବନ୍ଦନା ମନ୍ତ୍ର ଜପ କରନ୍ତୁ । ଏହି ଦିନ ମା'ଙ୍କ ପାଖରେ ସୁଜି ହାଲୁଆ, ପୁରୀ, ପନିପରିବା, ବିରି ଏବଂ ନଡ଼ିଆ ଭୋଗ କରନ୍ତୁ ଏବଂ ଆଠଟି ଝିଅଙ୍କୁ ମଧ୍ୟ ପ୍ରସାଦ ବାଣ୍ଟି ପାରିବେ ।



# ମହାମାୟାଙ୍କ ମହାନବମୀ

***ସାଧକକୁ ସର୍ବକର୍ମରେ ଯିଏ ସିଦ୍ଧି ପ୍ରଦାନ କରନ୍ତି ସେ ହେଉଛନ୍ତି ମାଆ ସିଦ୍ଧିଦାତ୍ରୀ । ମହାଭାରତ ଯୁଦ୍ଧରେ ଭଗବାନଙ୍କ ପରାମର୍ଶରେ ଅର୍ଜୁନ ଜୟଲାଭ ପାଇଁ ଦେବୀ ଦୁର୍ଗାଙ୍କୁ ପ୍ରାର୍ଥନା କରିଥିଲେ । ମହାଦେବୀ ତୁଷ୍ଟ ହୋଇ ଅର୍ଜୁନଙ୍କୁ ସିଦ୍ଧିଦାତ୍ରୀ ଜନନୀ ରୂପେ ଦର୍ଶନ ଦେଇ ଆଶିଷ ପ୍ରଦାନ କରିଥିଲେ...***



ନବରାତ୍ରୀର ଶେଷ ଦିନ । ଚଳଚଞ୍ଚଳ ପଲ୍ଲୀଠୁ ସହର । ଆଜି ମଣ୍ଡପରେ ମହାମାୟାଙ୍କ ମହାନବମୀ ପୂଜା ହେଉଥିବା ବେଳେ ଆଜି ଶକ୍ତିପୀଠରେ ହେଉଛି ଦଶମୀ ପୂଜା । ସକାଳୁ ସକାଳୁ ମା'ଙ୍କର ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଛି । ଆଜି ଅପରାଜିତା ପୂଜା, ଚଣ୍ଡୀପାଠ, କୁମାରୀ ପୂଜା ଆଜି କରାଯିବ ଏବଂ ଅପରାହ୍ନରେ ଆହୁତି ଦିଆଯିବ । ତେବେ ଶେଷଦିନରେ ମା' ସିଦ୍ଧିଦାତ୍ରୀଙ୍କ ପୂଜାର୍ଚ୍ଚନା କରାଯାଏ । ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଭାବରେ ମାଆଙ୍କ ଉପାସନା କଲେ ଭକ୍ତଙ୍କର ସମସ୍ତ ଇଚ୍ଛା ପୂରଣ ହୋଇଥାଏ । ଆଜି କନ୍ୟା ପୂଜନ କରାଯାଇଥାଏ । ୯ ବର୍ଷ ଭିତରେ ଥିବା ନଅ ଜଣ ବାଳିକାଙ୍କୁ ନବଦୁର୍ଗା ଭାବରେ ସଜ୍ଜିତ କରାଯାଇ ସେମାନଙ୍କର ପୂଜାର୍ଚ୍ଚନା କରାଯାଏ । ରାତିରେ ହୋମ ଓ ଉତ୍ସର୍ଗ ବଳି ଅର୍ପଣ କରି ନବରାତ୍ର ବ୍ରତର ସମାପନ କରାଯାଏ । ନବ ଦୁର୍ଗାଙ୍କ ମଧ୍ୟରେ ସିଦ୍ଧିଦାତ୍ରୀ ଅନ୍ତିମ ସେଥି ପାଇଁ ଶେଷ ଦିନ ମାଆ ସିଦ୍ଧିଦାତ୍ରୀ ରୂପରେ ଦର୍ଶନ ଦିଅନ୍ତି । ସାଧକକୁ ସର୍ବକର୍ମରେ ଯିଏ ସିଦ୍ଧି ପ୍ରଦାନ କରନ୍ତି ସେ ହେଉଛନ୍ତି ମାଆ ସିଦ୍ଧିଦାତ୍ରୀ । ମହାଭାରତ ଯୁଦ୍ଧରେ ଭଗବାନଙ୍କ ପରାମର୍ଶରେ ଅର୍ଜୁନ ଜୟଲାଭ ପାଇଁ ଦେବୀ ଦୁର୍ଗାଙ୍କୁ ପ୍ରାର୍ଥନା କରିଥିଲେ । ମହାଦେବୀ ତୁଷ୍ଟ ହୋଇ ଅର୍ଜୁନଙ୍କୁ ସିଦ୍ଧିଦାତ୍ରୀ ଜନନୀ ରୂପେ ଦର୍ଶନ ଦେଇ ଆଶିଷ ପ୍ରଦାନ କରିଥିଲେ । ବିଶ୍ୱର ସମସ୍ତ ଜୀବ, ଯୋଗୀ, ଭୋଗୀ, ଭକ୍ତ, ଗୃହୀ, ତପସ୍ୱୀ ଏପରିକି ବ୍ରହ୍ମା, ମହାଦେବଙ୍କ ପର୍ଯ୍ୟନ୍ତ ସିଦ୍ଧିଲାଭ କରିଥାନ୍ତି । ମାଆ ସିଦ୍ଧିଦାତ୍ରୀଙ୍କ କରୁଣା ବଳରେ ମାର୍କଣ୍ଡେୟ ପୁରାଣରେ ଅଣିମା, ମହିମା, ଲଂଘିମା, ପ୍ରାପ୍ତି, ପ୍ରାକମ୍ୟ, ଈଶିତ୍ୱ ଆଦି ଆଠ ସିଦ୍ଧି ବିଷୟରେ କୁହାଯାଇଛି । ଏହି ସିଦ୍ଧି ପ୍ରଦାନ କରୁଥିବା ଦେବୀ ସିଦ୍ଧିଦାତ୍ରୀ । ସେ ସିଂହ ବାହିନୀ, ଚତୁର୍ଭୁଜା ଏବଂ ପ୍ରସନ୍ନ ବଦନା । ମାଆ ଦୁର୍ଗାଙ୍କର ଏହି ରୁପକୁ ସମସ୍ତେ ସିଦ୍ଧି ପ୍ରାପ୍ତି ପାଇଁ ଆରାଧନା କରିଥାନ୍ତି ।

# କନ୍ୟା ପୂଜା

ଶାରଦୀୟ ନବରାତ୍ରିରେ ମା' ଦୁର୍ଗାଙ୍କ ଆରାଧନା ସହ କନ୍ୟା ପୂଜାର ବିଶେଷ ମହତ୍ତ୍ୱ ରହିଛି। ତେବେ ୨୦୨୬ରେ ମହାଅଷ୍ଟମୀ ଓ ମହାନବମୀରେ କନ୍ୟା ପୂଜା କେବେ କରାଯିବ, ତାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଛି। ପଞ୍ଜିକା ଅନୁସାରେ, ଏଥର ତିଥିର ସ୍ଥିତି ଯୋଗୁଁ ଅଷ୍ଟମୀ ଓ ନବମୀ ପୂଜାର ତାରିଖକୁ ନେଇ ଭିନ୍ନ ମତ ସାମ୍ନାକୁ ଆସିଛି। ଚଳିତ ବର୍ଷ ଅକ୍ଟୋବର ୧୮ ତାରିଖ ରବିବାର ସକାଳ ୮ଟା ୨୭ ମିନିଟରୁ ଅଷ୍ଟମୀ ତିଥି ଆରମ୍ଭ ହୋଇ ୧୯ ତାରିଖ ସୋମବାର ସକାଳ ୧୦ଟା ୫୧ ମିନିଟରେ ଶେଷ ହେବ। ଉଦୟ ତିଥି ଅନୁସାରେ, ଅକ୍ଟୋବର ୧୯ରେ ମହାଅଷ୍ଟମୀ ପାଳନ କରାଯିବ। ତେଣୁ ଅଷ୍ଟମୀରେ କନ୍ୟା ପୂଜା କରୁଥିବା ଶ୍ରଦ୍ଧାଳୁ ମାନେ ଏହି ଦିନ ପୂଜା କରିପାରିବେ। ଅନ୍ୟପକ୍ଷରେ, ଅକ୍ଟୋବର ୧୯ ସକାଳ ୧୦ଟା ୫୧ ମିନିଟ୍ ପରେ ନବମୀ ତିଥି ଆରମ୍ଭ ହେବ। ଏହା ଅକ୍ଟୋବର ୨୦ ତାରିଖ ମଙ୍ଗଳବାର ଦିନ ୧୨ଟା ୫୦ ମିନିଟ୍ ପର୍ଯ୍ୟନ୍ତ ରହିବ। ନବମୀ ତିଥିରେ କନ୍ୟା ପୂଜା କରୁଥିବା ଭକ୍ତମାନେ ଅକ୍ଟୋବର ୨୦ ତାରିଖରେ ମଧ୍ୟ ପୂଜା କରିପାରିବେ। କନ୍ୟା ପୂଜା ସମୟରେ ଛୋଟ ଝିଅମାନଙ୍କୁ ମା' ଦୁର୍ଗାଙ୍କ ସ୍ୱରୂପ ଭାବେ ପୂଜା କରାଯାଏ। ସେମାନଙ୍କ ପାଦ ଧୋଇବା, ଟିକା ଲଗାଇବା ଏବଂ ପୁରୀ, ହାଲୁଆ, ମିଠା ଓ ବୁଟ ଭଳି ଭୋଗ ଖାଇବାକୁ ଦେବାର ପରମ୍ପରା ରହିଛି। ଏହା ସହ ଶ୍ରଦ୍ଧାଳୁମାନେ କନ୍ୟାମାନଙ୍କୁ ଉପହାର ଦେଇ ଦେବୀଙ୍କ ଆଶୀର୍ବାଦ କାମନା କରନ୍ତି। ଧାର୍ମିକ ମାନ୍ୟତା ଅନୁସାରେ, ଅଷ୍ଟମୀରେ ମା' ମହାଗୌରୀ ଏବଂ ନବମୀରେ ମା' ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଏ। ତେବେ ପୂଜାର ନିର୍ଦ୍ଦିଷ୍ଟ ସମୟ ସ୍ଥାନୀୟ ପଞ୍ଜିକା ଓ ପରମ୍ପରା ଅନୁସାରେ ଭିନ୍ନ ହୋଇପାରେ। ତେଣୁ କନ୍ୟା ପୂଜା କରିବା ପୂର୍ବରୁ ନିଜ ଅଞ୍ଚଳର ବ୍ରାହ୍ମଣ କିମ୍ବା ପୁରୋହିତଙ୍କ ପରାମର୍ଶ ନେବା ଉଚିତ।



# 'କଟକେ କଟକଚଣ୍ଡୀ ବାରବାଟୀର ଦ୍ୱାରେ'



ବାରବାଟୀ ଦୁର୍ଗରେ ଦେବାର୍ଚ୍ଚନା କରୁଥିବା ପୁରୋହିତ ବଂଶର ଲକ୍ଷ୍ମଣ ପାଣିଗ୍ରାହୀଙ୍କ ଠାରୁ ସଂଗୃହୀତ ଏକ କବିତାରେ କଟକ ଚଣ୍ଡୀଙ୍କ ବିଷୟ ନିମ୍ନୋକ୍ତ ଭାବରେ ଲିପିବଦ୍ଧ ହୋଇଛି। 'କଟକେ କଟକଚଣ୍ଡୀ ବାରବାଟୀର ଦ୍ୱାରେ, ଫିରିଙ୍ଗ ଉଡାଇ ଦେଲା ତୋପର ଗୁଳାରେ, ଲୁଚି ଗୋ ରହିଲୁ ମାଗୋ ନାରଣଗଡ଼ରେ, ନାରାୟଣୀ ନାରାୟଣୀ ଡାକନ୍ତି ସେଠାରେ।'

ଏହିପରି ଭାବରେ ବାରବାଟୀ ଦୁର୍ଗ ଭିତରେ ଶ୍ରୀ ଶ୍ରୀ ଚଣ୍ଡୀଙ୍କ ସଂପର୍କରେ ବିଭିନ୍ନ ମତ ଏବଂ କିମ୍ବଦନ୍ତୀ ପ୍ରଚଳିତ ଅଛି। ଅଚ୍ୟୁତାନନ୍ଦଙ୍କ 'ଗୁପ୍ତଖେଦା'ରେ ବର୍ଣ୍ଣନା କରାଯାଇଅଛି ଯେ – 'ମହାନଦୀ ତଟେ ଲୀଳାଖେଳା ହେବ ଭକ୍ତମାନଙ୍କ ପରୀକ୍ଷା, ପରୀକ୍ଷାରେ ଯେହୁ ଉତ୍ତୀର୍ଣ୍ଣ ହୋଇବେ ସେହିମାନେ ହେବେ ସଖା। ଭଗବତୀ ତଟ ତୀର୍ଥସ୍ଥାନ ହେବ ଲୋକେ ଛାଡ଼ିବେ ବୋବାଳି, ବଛା ବଛା ଭକ୍ତ ମେଳିହୋଇ ଆସି ଗଢ଼ିବେ ଭକ୍ତ ମଣ୍ଡଳୀ। ଭଗବତୀ ନିଜେ କାଳିକା ରୂପରେ ଏକାକ୍ଷର ଦର୍ଶାଇବେ, ପରୀକ୍ଷାରେ ଯେହୁ ନ କହିପାରିବେ କାଳୀ ଖପରରେ ଯିବେ।' ୧୫୫୯ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବ ରାଜସିଂହାସନ ଦଖଲ କରିଥିଲେ। ସେ ୧୫୬୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ ଚଳାଇଥିଲେ। ଏହାପରେ ମୁସଲମାନ ଆଫଗାନ ଶାସକ ଓ ତାଙ୍କର ସେନାପତି କଳାପାହାଡ଼ କଟକ ରାଜଧାନୀ ଦଖଲ କରି ନେଇଥିଲେ। ଏ ସଂପର୍କରେ ଏକ ଲୋକପ୍ରିୟ ପ୍ରବାଦ ପ୍ରଚଳିତ – 'ଆସିଲା କଳାପାହାଡ଼, ଭାଙ୍ଗିଲା ଲୁହାର ବାଡ଼, ପିଇଲା ମହାନଦୀ ପାଣି, ସୁବର୍ଣ୍ଣ ଥାଳିରେ ହୀରା ପରଷିଲେ, ମୁକୁନ୍ଦଦେବଙ୍କ ରାଣୀ।' ଦେବୀଙ୍କ ମନ୍ଦିର ସମ୍ପର୍କରେ ଯାହା ଜଣାଯାଏ, ଏକ ଛୋଟ ମନ୍ଦିରରେ ମଇନା ଦେଈଙ୍କ ଉଦ୍ୟମରେ ମା'କଟକ ଚଣ୍ଡୀ ପୂଜା ପାଉଥିଲେ। ମା'ଙ୍କ ମହିମାରେ ବହୁ ଭକ୍ତ କାଳକ୍ରମେ ଏଥିପ୍ରତି ଆକୃଷ୍ଟ ହେଲେ। ରାୟସାହେବ ଗିରିଧାରୀ ପ୍ରସାଦ ମୋଡ଼ା ଏବଂ ଅନ୍ୟ ବଦାନ୍ୟ ବ୍ୟକ୍ତିଙ୍କ ଉଦ୍ୟମରେ ମନ୍ଦିରର ପ୍ରଭୂତ ଉନ୍ନତି ସାଧିତ ହେଲା। ମାଆ କଟକ ଚଣ୍ଡୀ କଟକର ଅଧିଷ୍ଠାତ୍ରୀ ଦେବୀ ଏବଂ କଲ୍ୟାଣମୟୀ। ଏହି କାରଣରୁ ସେ କଟକବାସୀଙ୍କ ପ୍ରାତଃ ସ୍ମରଣୀୟା। ମରହଟ୍ଟା ଶାସନ ପୂର୍ବରୁ ଦେବୀଙ୍କ ବିଗ୍ରହ ବାରବାଟୀ ଦୁର୍ଗ ପରିସରରେ ପୂଜା ପାଉଥିଲେ। ମୂଳାଷ୍ଟମୀରେ ସୁନାବେଶ, ନବମୀରେ ଭୁବନେଶ୍ୱରୀ, ଦଶମୀରେ ବ୍ରାହ୍ମଣୀ, ଏକାଦଶୀରେ ଉଗ୍ରତାରା, ଦ୍ୱାଦଶୀରେ ହରଚଣ୍ଡୀ, ତ୍ରୟୋଦଶୀର ବ୍ରାହ୍ମଣୀ, ଶୁକ୍ଳ ଦ୍ୱିତୀୟାରେ କାତ୍ୟାୟିନୀ, ତୃତୀୟାରେ ଜୟଦୁର୍ଗା, ଚତୁର୍ଥୀ-ପଞ୍ଚମୀରେ ଗାୟତ୍ରୀ, ଷଷ୍ଠୀ-ସପ୍ତମୀରେ ବଗଳାମୁଖୀ, ମହାଷ୍ଟମୀରେ ମହାକାଳୀ, ମହାନବମୀରେ ମହାଲକ୍ଷ୍ମୀ, ବିଶ୍ରାମ ଦିବସରେ ସରସ୍ୱତୀ ବେଶ ଓ ଦଶହରା ଦିନ ମହିଷମର୍ଦ୍ଦିନୀ ବେଶ ହୋଇ ଏକାଦଶୀରେ ସୁନାବେଶ ହୁଏ। ଓଡ଼ିଶାର ଶକ୍ତିପୀଠ ମାନଙ୍କ ମଧ୍ୟରେ ମା' କଟକ ଚଣ୍ଡୀଙ୍କ ପୀଠର ସ୍ୱତନ୍ତ୍ର ମହିମା ରହିଛି। ମା'କଟକ ଚଣ୍ଡୀ କଟକର ଆରାଧ୍ୟା ଦେବୀ ଭାବେ ସର୍ବମାନ୍ୟ। ସଂପ୍ରତି ମା' ଯେଉଁଠି ପୂଜା ପାଉଛନ୍ତି, ସେଠାରେ ମାଟିତଳେ ପୋତି ହୋଇ ରହିଥିଲେ। ଏକଦା ପଣ୍ଡିତ ହଂସ ପଣ୍ଡା ସେହିଠାରେ ବସିଥିବା ବେଳେ ମା'ଙ୍କ ଦିବ୍ୟ ଉପସ୍ଥିତିକୁ ଅନୁଭବ କରିଥିଲେ। କନିକା ରାଜାଙ୍କ ସହାୟତାରେ ସେହି ସ୍ଥାନ ଖୋଳାଯିବାରୁ ୪୦ ଓଦର ସିନ୍ଦୂର ବାହାରିବା ପରେ ମା'କଟକ ଚଣ୍ଡୀଙ୍କ ପ୍ରତୀମାକୁ ଉଦ୍ଧାର କରାଯାଇଥିଲା। ପଣ୍ଡିତ ହଂସ ପଣ୍ଡା ପ୍ରଥମ କରି ମା'ଙ୍କ ନୀତିକାନ୍ତି ଆରମ୍ଭ କରିଥିଲେ। ଏହାପରେ ତାଙ୍କ ଉତ୍ତରପିଢ଼ି ମା'ଙ୍କ ଦୈନିକ ସେବା ଓ ନୀତିକାନ୍ତି କରୁଛନ୍ତି। ସଂପ୍ରତି ହଂସ ପଣ୍ଡାଙ୍କ ପଞ୍ଚମ ପିଢ଼ି ତଥା ସେବକ ପଣ୍ଡିତ ମନୋଜ କୁମାର ପଣ୍ଡାଙ୍କ ସମେତ ତାଙ୍କ ଭାଇମାନେ ମା'ଙ୍କ ନୀତିସେବା, ପୀଠର ଯାନିଯାତ୍ରା ପରିଚାଳନା କରୁଛନ୍ତି। ଜଣେ ଦୈବୀ ସାଧକ ଓ ଶାକ୍ତ ତଥା ମାଆଙ୍କ ପ୍ରବକ୍ତା ଭାବେ ମନୋଜ କୁମାର ପଣ୍ଡା ବେଶ ଜଣା ଶୁଣା। ପ୍ରତିଦିନ ଭୋର ୫ଟା ୧୫ରୁ ମା' କଟକ ଚଣ୍ଡୀଙ୍କ ମନ୍ଦିର ପହଡ଼ ଖୋଲାହୁଏ। ପ୍ରଥମେ ମା'ଙ୍କ ମଙ୍ଗଳ ଆଳତି ସଂପନ୍ନ ହୁଏ। ବର୍ଷ ତମାମ ମଙ୍ଗଳ ଆଳତି ଦେଖିବାକୁ ବହୁ ଭକ୍ତ ଅପେକ୍ଷା କରି ରହିଥାନ୍ତି।

*-ନାରାୟଣ ଚନ୍ଦ୍ର ବିଶ୍ୱାଳ*
*କଟକ, ଦୂରଭାଷ : ୯୪୩୮୨୭୬୭୬୦*

# ୩୨ ପ୍ରକାର ଫଳ ଓ ପରିବାରେ ମା' ଦୁର୍ଗା

ପୁରୀ,(ନିପ୍ର): ୩୨ ପ୍ରକାର ଫଳ ଓ ପରିବା ଦ୍ୱାରା ନିର୍ମିତ ମା' ଦୁର୍ଗାଙ୍କ ବାଲୁକା କଳା ଦେଖିବାକୁ ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼। ପବିତ୍ର ଦୁର୍ଗାପୂଜା ଅବସରରେ ପୁରୀ ସମୁଦ୍ରକୂଳରେ ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମା' ଦୁର୍ଗାଙ୍କର ଏକ ଅନନ୍ୟ ବାଲୁକା କଳା ତିଆରି କରିଛନ୍ତି। ଏହି ନିଆରା କଳାକୃତିରେ ବାଲି ସହିତ ୨୨ ପ୍ରକାରର ପରିବା ଏବଂ ୧୦ ପ୍ରକାରର ଫଳର ବ୍ୟବହାର କରାଯାଇଛି। ଯାହା ମାଧ୍ୟମରେ 'ଶୁଭ ଦୁର୍ଗାପୂଜା'ର ପାର୍ବଣ ସନ୍ଦେଶ



ଦିଆଯାଇଛି। ଏହି ୧୦ ଫୁଟ ଉଚ୍ଚତା ବିଶିଷ୍ଟ ବାଲୁକା ପ୍ରତିମାଟିକୁ ନିର୍ମାଣ କରିବା ପାଇଁ ପ୍ରାୟ ୮ ଟନ୍ ବାଲି ବ୍ୟବହାର କରାଯାଇଥିଲା। ଏଥିପାଇଁ ୫ ଘଣ୍ଟାର ସମୟ ଲାଗିଥିଲା। ଏଥିରେ ସମୁଦାୟ ୩୨ ପ୍ରକାରର ଫଳ ଓ ପରିବା ବ୍ୟବହୃତ ହୋଇଛି, ଯେଉଁଥିରେ କମଳା, ସେଓ, ଅଙ୍ଗୁର, କଦଳୀ, କାକୁଡ଼ି, ଲେମ୍ବୁ, ଭେଣ୍ଡି, କଳରା, ଝୁଡ଼ଙ୍ଗ ଏବଂ ଗାଜର ଆଦି ବ୍ୟବହାର କରଯାଇଛି।

# ଚୋରା ଦେଶୀ ବନ୍ଧୁକ ସହ ୪ ଦେଶୀ ଗୁଳି ଜବତ

ଗଣିଆ,(ନିପ୍ର): ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଗଣିଆ ଥାନା ପୋଲିସ ଶନିବାର ଗୋଟିଏ ଚୋରା ଦେଶୀ ବନ୍ଧୁକ ସହ ୪ଟି ଦେଶୀ ଗୁଳି ଜବତ କରିଛି। ସୂଚନା ମୁତାବକ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ,ଏସଆଇ ଶ୍ୟାମସୁନ୍ଦର



ପ୍ରଧାନ, ଏଏସଆଇ ସାହା ଆଲାମ ଖାଁ ଏକ ବିଶେଷ ସୂତ୍ରରୁ ଖବର ପାଇ ବଡଶିଲିଙ୍ଗା ପଞ୍ଚାୟତର ତାଲାବାରୀ ଗ୍ରାମରେ ପହଞ୍ଚି ଜଳଧର ମଲ୍ଲିକଙ୍କ ପୁଅ ପ୍ରତାପ ମଲ୍ଲିକ(୪୬)ଙ୍କ ଘରେ ଅଚାନକ ଚଢାଉ କରି ଗୋଟିଏ ଚୋରା ଦେଶୀ ବନ୍ଧୁକ ସହ ୪ଟି ଦେଶୀ ଗୁଳି ଜବତ କରିବା ସହିତ ଦେଶୀ ବନ୍ଧୁକ ରଖିଥିବା ଅଭିଯୋଗରେ ପ୍ରତାପଙ୍କୁ ଗିରଫ କରି ଗଣିଆ ଥାନାକୁ ଆଣି ଅଧିକ ପଚରା ଉଚରା ଜାରି ରଖିଥିବା ଜଣାପଡିଛି।ଏଥିନେଇ ୧୯୫୯ ଆକ୍ଟ ର ୨୫(୧)(ଏ) ଧାରାରେ କେସ ନମ୍ବର ୧୫୩/୨୬ ରୁଜୁ କରିଛି ଗଣିଆ ପୋଲିସ।

# ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ନିମାପଡ଼ାର ୨ ଛାତ୍ର ମନୋନୀତ

ନିମାପଡ଼ା, (ନି.ପ୍ର.): ପୁରୀ ଜିଲ୍ଲା ସ୍ତରରୁ ମନୋନୀତ ହୋଇ ନିମାପଡ଼ାର ୮ ଜଣ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ତନ୍ମଧ୍ୟରୁ ୨ ଜଣ ପ୍ରତିଯୋଗୀଙ୍କୁ ଜାତୀୟ ସ୍ତରରେ ଖେଳିବା ପାଇଁ ଚୟନ କରାଯାଇଛି। ଜଗତବନ୍ଧୁ ରାୟଟସିଂହ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଭାଗ୍ୟଲକ୍ଷ୍ମୀ ଓଝା (ଅଷ୍ଟମ) ଏବଂ ୭ମ ଶ୍ରେଣୀ ଛାତ୍ରୀ କ୍ରିଷ୍ଣା ପ୍ରିୟଦର୍ଶିନୀ ବଲାଙ୍ଗୀ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ଜାତୀୟ ସ୍ତରକୁ ମନୋନୀତ ହୋଇଥିବା ଇନଡ଼ୋର ଷ୍ଟାଡ଼ିୟମ୍ ପ୍ରଶିକ୍ଷକ ଚନ୍ଦ୍ର ମୋହନ ମିଶ୍ର ସୂଚନା ଦେଇଛନ୍ତି। ଗାଁ ଗହଳିର ପ୍ରତିଭାଙ୍କ ନିକଟରେ ଆବଶ୍ୟକୀୟ ଖେଳ ସରାମ ନଥିବା ବେଳେ ସରକାରଙ୍କ ସହଯୋଗ ନିମନ୍ତେ ନିମାପଡ଼ାର ବୁଦ୍ଧିଜୀବୀମାନେ ପ୍ରସ୍ତାବ ଦେଇଛନ୍ତି। ଉକ୍ତ ୨ ଛାତ୍ରୀ ନିମାପଡ଼ା/ପୁରୀ ଜିଲ୍ଲାର ସୁନାମ ଆଣି ଥିବାରୁ ନିମାପଡ଼ାବାସୀଙ୍କ ପାଇଁ ଏହା ଗର୍ବ ଓ ଗୌରବର ବିଷୟ ବୋଲି ଆଲୋଚନା ଚାଲିଛି।

# ପିଏମଶ୍ରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଛାୟା ବିଧାନସଭା

ନିମାପଡ଼ା, (ନି.ପ୍ର.): ଆଜିର ଯୁବ ସମାଜ କାଲିର ଭବିଷ୍ୟତ ନାଗରିକ। ସେମାନଙ୍କ ମଧ୍ୟରୁ ଦେଶ ଓ ରାଜ୍ୟର ଦାୟିତ୍ୱ ସମ୍ଭାଳିବା ପାଇଁ ମଧ୍ୟ ସୁଯୋଗ ଆସିବା ଅବଶ୍ୟମ୍ଭବ। ସେହି ଅନୁସାରେ ଛାତ୍ରମାନଙ୍କୁ ଗଢ଼ି ତୋଳିବା ନିମନ୍ତେ ନିମାପଡ଼ା ସରକାରୀ ବାଳକ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାୟା ବିଧାନସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଜ୍ୟୋତି ରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ଅତିରିକ୍ତ ଶିକ୍ଷା ମଣ୍ଡଳ ଅଧିକାରୀ ସୁଦର୍ଶନ ଭୋଇ ଅତିଥି ଭାବେ ଯୋଗ ଦେଇ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା, ବିଧାନସଭା ଭଳି ପବିତ୍ର ଗୃହର କାର୍ଯ୍ୟ ଶୈଳୀ, ସଦସ୍ୟ ମାନଙ୍କ ଶୃଙ୍ଖଳିତ ଆଚରଣ, ଆଦେଶ ଅନୁଯାୟୀ ପ୍ରଶ୍ନ ପଚାରିବାରେ ଶୈଳୀ, ଶାସନ କର୍ତାଙ୍କ କାର୍ଯ୍ୟାବଳୀ ସଂପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ପ୍ରତ୍ୟେକ ଛାତ୍ର ନିଜର ଭବିଷ୍ୟତ ସଂପର୍କରେ ଅଭିବାବକଙ୍କ ଠାରୁ ବୁଝିସୁଝି ଲକ୍ଷ୍ୟ ସ୍ଥିର କରିବା ପାଇଁ ପରାମର୍ଶ ଦେଇ ନିଜର ରୁଚି ଅନୁଯାୟୀ ବିଷୟବସ୍ତୁ ଚୟନ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ।

# ବାର୍ଦ୍ଧକ୍ୟ ଭତ୍ତା ନ ପାଇ ଗୋଡି ଖଟୁଛନ୍ତି ଅସହାୟ !

ଗଞ୍ଜାମ,(ହି.ସ.): ଏବେ ମଧ୍ୟ ଅନେକ ଅସହାୟ ବୃଦ୍ଧ ବୃଦ୍ଧା ରାସନ୍ କାର୍ଡ ହେଉ କି ବାର୍ଦ୍ଧକ୍ୟ ଭତ୍ତା ହେଉ କରାଇ ଦେବା ପାଇଁ ପଞ୍ଚାୟତ ଠାରୁ ସହରାଞ୍ଚଳର ପ୍ରତିନିଧି ନେତା କୁଜି ନେତାଙ୍କ ପାଖରେ ମାସ ମାସ ଧରି ବାବୁ ଭାୟାଙ୍କୁ ଗୁହାରି କରନ୍ତି। ଶେଷରେ ବାଧହୋଇ କିଏ ମାସ ମାସ ଧରି ପର ଘରେ ବାସନ ମାଜୁଛି ଘର ପାଇଟି କରଛି, କିଏ ପୁଣି ବିଲରେ ଗୋଡି ଖଟୁଛି। ଏବେ ମଧ୍ୟ ଜିଲ୍ଲା ତଥା ରାଜ୍ୟର ଅସହାୟ ବୃଦ୍ଧ ବୃଦ୍ଧାଙ୍କ ଏହା ଅତ୍ୟନ୍ତ ବିକଳ ଚିତ୍ର। ସରକାର ପରେ ସରକାର ବଦଳିଲେ ମଧ୍ୟ ଗରିବ ଅସହାୟଙ୍କ ଅବସ୍ଥା ବଦଳୁ ନାହିଁ, ଏପରିକି ଅସହାୟ ବୃଦ୍ଧ ବୃଦ୍ଧା ପରିବାର ସହ କିମ୍ବା ଏକାକୀ ଦାଦନ ଖଟିବାକୁ ମଧ୍ୟ ବାଧ ହେଉଛନ୍ତି ବୋଲି ଆଜି ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭାରେ ମତପ୍ରକାଶ ପାଇଥିଲା ଏବଂ ଅସନ୍ତୋଷ ଦେଖା ଦେଇଥିଲା। ନିକଟରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ଜିଲ୍ଲା ତଥା ବ୍ଲକ ଓ ସଦର ମହକୁମା ମାନଙ୍କରେ ସରକାରଙ୍କ ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ କରାଯାଇଥିଲା। କିନ୍ତୁ, ଅସହାୟଙ୍କ ନିକଟରେ ସରକାରୀ ପ୍ରଶାସନ ପହଞ୍ଚି ସେମାନଙ୍କୁ ସହାୟତା ପ୍ରଦାନ କଲେ ସେମାନେ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ମାସିକ ଆଲୋଚନା ସଭା ସ୍ଥାନୀୟ ହିଲ୍ ପାଟଣା ସ୍ଥିତ ଜି. ଏସ୍ ଲିଗାଲ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ସଭାପତି ରାଧା ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ଦିନବନ୍ଧୁ ପଲ୍ଲବ ସମ୍ପାଦକୀୟ ପାଠ କରି ପ୍ରସଙ୍ଗ ସମ୍ବନ୍ଧରେ ଆଲୋଚନା କରିବାକୁ ସଭା ଅନୁରୋଧ କରିଥିଲେ।

ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ସ୍ତମ୍ଭକାର ଲେଖକ କବି ରାଧା ଚରଣ ନାୟକଙ୍କୁ ଜିଲ୍ଲା ପ୍ରଶାସନ ସମ୍ବର୍ଦ୍ଧିତ କରିଥିବାରୁ ଜିଲ୍ଲା ପ୍ରଶାସନକୁ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିବା ସହ ଶ୍ରୀ ନାୟକଙ୍କୁ ଅଭିନନ୍ଦନ ଅର୍ପଣ କରାଯାଇଥିଲା ଏବଂ ଅକ୍ଟୋବର ମାସରେ ଜନ୍ମିତ ଅନୁଷ୍ଠାନର ସଦସ୍ୟ ସଦସ୍ୟାଙ୍କୁ ଅଭିନନ୍ଦନ ସହ ଶୁଭେଚ୍ଛା ଅର୍ପଣ କରି ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା। ଏହି ଅବସରରେ ଆସନ୍ତା ଦିନରେ ଅନୁଷ୍ଠାନ ତରଫରୁ କନିଷି ବ୍ଲକ ଏବଂ କୁକୁଡା ଖଣ୍ଡି ବ୍ଲକରେ ବରିଷ୍ଠ ନାଗରିକ ସଚେତନତା କାର୍ଯ୍ୟକ୍ରମ କରାଯିବା ପାଇଁ ସ୍ଥିର କରାଗଲା।

ଏହି ଆଲୋଚନା ସଭାରେ ଅନୁଷ୍ଠାନର ସଂଯୋଜକ ଗୌରୀଶଙ୍କର ପଟ୍ଟନାୟକ, ସଂପାଦକ ରଜନୀକାନ୍ତ ମଣ୍ଡଳ, କୋଷାଧ୍ୟକ୍ଷ ଲଡୁକେଶ ମିଶ୍ର, ଯୁଗ୍ମ ସମ୍ପାଦକ କେ. କିରଣ କୁମାର ଦୋରା, ବରିଷ୍ଠ ସଦସ୍ୟ ଏ. ଅଶୋକ କୁମାର ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟ ସଦସ୍ୟା ଉପସ୍ଥିତ ଥିବାବେଳେ ଆଭାସୀ ମାଧ୍ୟମରେ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ନିରଞ୍ଜନ ମହାପାତ୍ର, ଅକ୍ଷୟ କୁମାର ପଟ୍ଟନାୟକ, ମହେନ୍ଦ୍ର କୁମାର ଅଗ୍ରୱାଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରଜନୀ କାନ୍ତ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷେତମଜଦୁର ନେତା ସୁରେନ୍ଦ୍ର ନାୟକଙ୍କ ସ୍ମୃତି ଚାରଣ ସଭା

ଭଦ୍ରକ,(ନିପ୍ର): ଓଡିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ଭଦ୍ରକ ଜିଲ୍ଲା ଉପସଭାପତି ତଥା ଭଦ୍ରକ ଜିଲ୍ଲାର ବିଶିଷ୍ଟ କ୍ଷେତମଜଦୁର ନେତା ସୁରେନ୍ଦ୍ର ନାୟକଙ୍କ ସ୍ମୃତି ଚାରଣ ସଭା ଗେଲଟୁଆ ପଞ୍ଚାୟତ କୁଆପଦା ଗ୍ରାମରେ ଅନୁଷ୍ଠିତ ହୋଇଛି। କ୍ଷେତମଜଦୁର ୟୁନିୟନ ଭଦ୍ରକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢୀଙ୍କ ସଭାପତିତ୍ୱରେ ସଭାରେ ରାଧାନାଥ ଦାସ, ବିକାଶ ନାଥ, ଗୁଲମକ୍କି ଦଲୱାଜି ହବିବ୍, ନାସିରୁଦ୍ଦିନ ଖାନ୍, ଗିରିଧାରୀ ନାଥ ପ୍ରମୁଖ ଯୋଗଦେଇ ସୁରେନ୍ଦ୍ର ନାୟକଙ୍କ ଜୀବନୀ ଓ ଆଦର୍ଶ ସଂପର୍କରେ ଆଲୋଚନା କରିଥିଲେ।



# ମାଧବା ଅନ୍ନ ପ୍ରସାଦ ସେବା ନିମନ୍ତେ ପ୍ରସ୍ତୁତି

ଚାରିଛକ,(ନିପ୍ର): ପୁରୀ ଶ୍ରୀଜଗନ୍ନାଥଙ୍କ ମାମୁଁଘର ଭାବେ ପରିଚିତ ନିଆଳି ମାଧବସ୍ଥିତ ମାଧବାନନ୍ଦ ଜିଉ ମନ୍ଦିରରେ ଆସନ୍ତା ନଭେମ୍ବର ୨ ତାରିଖରୁ ଭକ୍ତମାନଙ୍କ ପାଇଁ ମାଧବାନ୍ନ ପ୍ରସାଦ ସେବା ବ୍ୟବସ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ନିଆଳୀ ତହସିଲଦାର ତାରେଣୀ ରଂଜନ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଆଳି ବିଡିଓ ଅକ୍ଷୟ କୁମାର ପରିଡା, ମନ୍ଦିର ହେଡିଟାରି ଟ୍ରଷ୍ଟି ଚନ୍ଦନ କୁମାର ଦେବ ଗୋସ୍ୱାମୀ ,ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର ପୁରୀ,ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର ପୁରୀ,ପଣ୍ଡିତ ବିଚିତ୍ରାନନ୍ଦ ମିଶ୍ର,ମାଧବାନନ୍ଦ ଜୀୟୁ ସେବାୟତ ତ୍ରିଲୋଚନ ପୁଷ୍ପାଳକ,ଭାସ୍କର ପୁଷ୍ପାଳକ, ଅଶୋକ କୁମାର ପୁଷ୍ପାଳକ,ପୂର୍ଣ୍ଣଚନ୍ଦ୍ର ପୁଷ୍ପାଳକ,ସନ୍ତୋଷ ପୁଷ୍ପାଳକ,କୃଷ୍ଣଚନ୍ଦ୍ର ପୁଷ୍ପାଳକ,ପିତାମ୍ବର ଆଚାର୍ଯ୍ୟ.ଚର୍ତୁଭୁଜ ପରିଡା ପ୍ରମୁଖ ଯୋଗଦେଇଥିଲେ।

# ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ପ୍ରଶିକ୍ଷଣ

ଝାରସୁଗୁଡ଼ା : ସହରାଞ୍ଚଳ ମିଶନଶକ୍ତି ଭବନ ସଭାଗୃହରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନସ୍ଥ ୯୭ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଗତ ଦୁଇ ଦିନ ଧରି ମମତା – ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା।

ମମତା ପିଏ ଚିନ୍ମୟୀ ଜେନାଙ୍କ ଦ୍ୱାରା ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଡି.ପି.ସି. ତୁଷାର କାନ୍ତ ନାଏକ ଏବଂ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଝାରସୁଗୁଡ଼ାରୁ ଶିଳା ପ୍ରଧାନ, ସଞ୍ଜୀୟ କୁମାର ଭୋଇ ଏବଂ ସିଡ଼ିପିଓ ସଲମା ଟୁଡୁ ଏବଂ ମହିଳା ପ୍ରଦର୍ଶିକା ବରୁଣା ସା ଓ ସୁବାଶିନୀ ନାଏକ ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ଅଙ୍ଗନୱାଡ଼ି କର୍ମୀ ମାନଙ୍କୁ ମମତା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର କମାଇବା। ଶେଷରେ ମମତା ପିଏ ଚିନ୍ମୟୀ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା।

# ପୋଖରୀ ଭିତରେ ବିଦ୍ୟୁତ ଟ୍ରାନ୍ସଫର୍ମର
## ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡିବ କେବେ ?

ଭାପୁର,(ନିପ୍ର): ଭାପୁର ବ୍ଲକ ବାଇଗୁଣିଆ ପଞ୍ଚାୟତ ନୂଆପଲ୍ଲୀ ଗ୍ରାମର ରାସ୍ତା ପାର୍ଶ୍ୱରେ ଅବସ୍ଥିତ ପୋଖରୀ ଭିତରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦଜନକ ଅବସ୍ଥାରେ ରହିଛି। ପାଣି ଭିତରେ ଟ୍ରାନ୍ସଫର୍ମର ରହିଥିବା ନେଇ ବିଭାଗୀୟ କ୍ର୍ତୃପକ୍ଷଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ଷା ଦିନରେ ପାଣି ଭିତରେ ଟ୍ରାନ୍ସଫରମର ରହିଥିବାରୁ କେତେବେଳେ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ତେଣୁ,ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଟ୍ରାନ୍ସଫର୍ମରକୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଛି।

# ପାର୍ବଣ ବେଳେ ଆକ୍ସନ୍ ମୋଡ୍‌ରେ ଖାଦ୍ୟ ସୁରକ୍ଷା ବିଭାଗ ଟିମ୍
## ହୋଟେଲ୍ ଓ ରେଷ୍ଟୁରାଣ୍ଟ୍‌ରେ ଚଢ଼ାଉ: ୫୦ କେଜି ବାସୀ ଖାଦ୍ୟ ନଷ୍ଟ



କଟକ(ନିପ୍ର): ସହରରେ ଦଶହରା ଭଳି ପାର୍ବଣ ମାହୋଲକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ (କେଏମ୍‌ସି ) ଖାଦ୍ୟ ସୁରକ୍ଷା ବିଭାଗ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଚଢଉ କରାଯାଇଛି। ବଡ଼ ବଡ଼ ହୋଟେଲ୍ ଓ ରେଷ୍ଟୁରାଣ୍ଟମାନଙ୍କରେ ଯାଞ୍ଚ ସମୟରେ ପାଖାପାଖି ୫୦କେଜିର ବାସି ଖାଦ୍ୟ ଜବତ କରାଯାଇ ନଷ୍ଟ ହୋଇଛି। ଏହାସହ ବିଭିନ୍ନ ହୋଟେଲକୁ ସ୍ୱଚ୍ଛତା ବଜାୟ ରଖିବା ପାଇଁ ନୋଟିସ୍ ଜାରି କରାଯାଇଛି। ପାର୍ବଣ ପାଇଁ ପୁରା କଟକ ଏବେ ଚଳଚଞ୍ଚଳ ହୋଇପଡ଼ିଛି। ଏହାରି ମଧ୍ୟରେ ଲୋକମାନେ ବୁଲାବୁଲି କରିବା ସହିତ ବାହାରେ ଖାଇବା ପିଇବାକୁ ପସନ୍ଦ କରୁଛନ୍ତି। ତେବେ ପାର୍ବଣରେ ଖାଦ୍ୟ ବ୍ୟବସାୟ ବୃଦ୍ଧି ପାଉଥିବାରୁ ଲୋକମାନଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇଛି କେଏମ୍‌ସି ସ୍ୱାସ୍ଥ୍ୟ ବିଭାଗ। ନଗର ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ନୃପେନ୍ଦ୍ର ଶତପଥୀଙ୍କ ଅଧକ୍ଷତାରେ ଏକ ଟିମ୍ ସିଡିଏ ସମେତ ବିଭିନ୍ନ ସ୍ଥାନରେ ଥିବା ରେଷ୍ଟୁରାଣ୍ଟ, ହୋଟେଲ ଏବଂ କାଫେରେ ଚଢଉ କରିଥିଲା। ଜନସ୍ୱାସ୍ଥ୍ୟ ବିପଦକୁ ରୋକିବା ପାଇଁ ପ୍ରାୟ ୫୦ କିଲୋଗ୍ରାମ ବାସି ଖାଦ୍ୟକୁ ନଷ୍ଟ କରାଯାଇଥିଲା। ଏକ ହୁକା ବାର୍ ଚିହ୍ନଟ କରାଯାଇଥିଲା ଏବଂ ଏକ ରେଷ୍ଟୁରାଣ୍ଟ ଭିତରେ ନିକୋଟିନ୍ ସ୍ୱାଦଯୁକ୍ତ ପଦାର୍ଥ ମିଳିଥିଲା। ଏହା ବ୍ୟତୀତ, ଖରାପ ଏବଂ ଅସ୍ୱାସ୍ଥ୍ୟକର ପରିସ୍ଥିତି ଯୋଗୁଁ ଗୋଟିଏ ରେଷ୍ଟୁରାଣ୍ଟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଚଢ଼ଉରେ ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା, ଭଗବାନ ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଦିଗପହଣ୍ଡି(ନିପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗାଁରେ ଅଭାବନୀୟ ଘଟଣା ଘଟିଛି। ଦୁର୍ଗାପୂଜା ପାଇଁ ମେଢ଼ ତିଆରି କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ସିଦ୍ଧେଶ୍ୱର ଗାଁର ଜଗନ୍ନାଥ ବିଷୋୟୀ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ସକାଳେ ଗାଁରେ ମହାଆଡ଼ମ୍ବରରେ ଦୁର୍ଗାପୂଜା ପାଳନ କରିବା ପାଇଁ ଯୁବକମାନେ ମିଳିତ ଭାବେ ଦୁର୍ଗାମେଢ଼ ତିଆରି କରୁଥିଲେ। ଏହି ସମୟରେ ହଠାତ୍ ଜଗନ୍ନାଥ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ତଳେ ପଡିଯାଇଥିଲେ। ତୁରନ୍ତ ଜଗନ୍ନାଥକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେତେ ବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘଟିଥିବା ଘୋଷଣା କରିଥିଲେ। ଏହି ଦୁଃଖଦ ଘଟଣା ଜଣାପଡ଼ିବା ପରେ ସିଦ୍ଧେଶ୍ୱର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଆଗକୁ ଦୁର୍ଗାପୂଜା ପାଳନ କରିବେ ନାହିଁ ତାହାକୁ ନେଇ ବିଚାର ବିମର୍ଶ ଚାଲିଛି।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

କାକଟପୁର,(ନିପ୍ର): କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି 'ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ୧୪ ଗୋଟି କ୍ଲଷ୍ଟରରୁ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ ଓ ସୃଜନଶୀଳ କାର୍ଯ୍ୟକଳାପ ମାଧ୍ୟମରେ ପିଲାମାନେ ନିଜର ଦକ୍ଷତା ପ୍ରତିପାଦନ କରିବା ସହ ଉପସ୍ଥିତ ଅତିଥି ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ମନ ଜିଣିଥିଲେ। କାର୍ଯ୍ୟକ୍ରମ ପିଲାମାନଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ, ସହଯୋଗ ଓ ସୃଜନଶୀଳ ଚିନ୍ତାଧାରାର ବିକାଶ କରିବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା।



ଶିକ୍ଷା ସହିତ ସହପାଠ୍ୟକ୍ରମ କାର୍ଯ୍ୟକଳାପର ଗୁରୁତ୍ୱକୁ ଉପଲବ୍ଧି କରି ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଦିଗରେ 'ସୁରଭି' ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ପରିଗଣିତ ହୋଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସହ ଶିକ୍ଷାଧିକାରୀ ମଲିକ ଜାକିର ହୁସେନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ, ପାଟପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ରଥ, ସହକାରୀ ଶିକ୍ଷକ ପ୍ରତାପ ରାଉତ, ଶିକ୍ଷକ ସଂଘ ସଭାପତି ମୁନିର ଅହମଦ ଖାଁ, ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିବା ସହ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ।

**ରମ୍ଭା :** କେଶପୁର ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୬ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେଶପୁର କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପବନା କୁମାର ସ୍ୱାଇଁଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସରପଞ୍ଚ ବିଚିତ୍ର ଜାଲି , ଜିଲ୍ଲା ପରିଷଦ ସଭ୍ୟ ବିନାୟକ ଜାଲି,କେଶପୁର ଡିଗ୍ରୀ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସ,ଏସ ଏମ ସି ଏକାଡେମୀକ ଏକମିଟି ସଭ୍ୟ ଭୀମସେନ ଦାସ, ପୂର୍ବତନ ସି ଆର ସି ସି ମାଗତା ନାହାକ, ନୀଳାଞ୍ଚଳ ମିଶ୍ର,ଏ ଇ ଆଇ ପ୍ରଶାନ୍ତ କୁମାର ବଡତ୍ୟା,ସନ୍ତୋଷ କୁମାର ଗୌଡ଼,ପ୍ରକାଶ ଚନ୍ଦ୍ର ପ୍ରଧାନ,ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ,ବ୍ଲକ ବିଜ୍ଞାନ ଶିକ୍ଷକ ସଂଯୋଜିକା ମେନକା ଦେବୀ ରାଉତଙ୍କ ସମେତ କ୍ଲଷ୍ଟର ଅଧିନସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। କ୍ଲଷ୍ଟରର ୧୪ ଗୋଟି ବିଦ୍ୟାଳୟରୁ ଆସିଥିବା ୨୫୦ ଜଣ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବକ୍ତୃତା, ପ୍ରବନ୍ଧ,ସୁନ୍ଦର ହସ୍ତାକ୍ଷର,ବିତର୍କ,ସୃଜନାତ୍ମକ ଲିଖନ,କୁଇଜ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା।

# ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ

ଯାଜପୁର,(ନିପ୍ର): ଯାଜପୁର ଜିଲ୍ଲାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଯାଜପୁରଠାରେ ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ–୨୦୨୬ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ "ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ" ରହିଥିବାବେଳେ ମା' ଓ ଶିଶୁଙ୍କ ପୋଷଣ, ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଅମ୍ବର କୁମାର କର ପୋଷଣର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ମା' ଓ ଶିଶୁଙ୍କ ସୁସ୍ୱାସ୍ଥ୍ୟ ତଥା ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଉପଯୁକ୍ତ ପୋଷଣ ଅତ୍ୟନ୍ତ ଜରୁରୀ। ସରକାରୀ ଯୋଜନାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନଙ୍କୁ ଉପଯୁକ୍ତ ପୋଷଣ ଯୋଗାଇବା ଦିଗରେ ସମସ୍ତେ ମିଳିତ ଭାବେ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ। ସୁସ୍ଥ ମା' ଓ ସୁପୋଷିତ ଶିଶୁ ହିଁ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ବୋଲି ସେ ମତବ୍ୟକ୍ତ କରିଥିଲେ।

# ବୁଗୁଡ଼ା ବ୍ଲକରେ ସେବାସେତୁ ଅଭିଯାନ
## ହିତାଧିକାରୀଙ୍କୁ ଋଣ ଓ କାର୍ଯ୍ୟାଦେଶ ବଣ୍ଟନ



ବୁଗୁଡ଼ା,(ନିପ୍ର)ବୁଗୁଡ଼ା ବ୍ଲକ ପକ୍ଷରୁ ବ୍ଲକସ୍ତରୀୟ ସେବାସେତୁ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅଭିଯାନ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ସରକାରୀ ସେବା ପ୍ରଦାନ ବ୍ୟବସ୍ଥା ଓ ଉପଲବ୍ଧ ସୁବିଧା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିସହ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଋଣ ପ୍ରଦାନ ସହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବୁଗୁଡ଼ା ବ୍ଲକ ବିଡିଓ ଦୂତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଓ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ, ମିଶନ ଶକ୍ତିର ସଦସ୍ୟା, ପଞ୍ଚାୟତ ପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ।ସରକାରୀ ଯୋଜନାର ସୁଫଳ ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଯୋଜନା ଓ ସେବା ସମ୍ପର୍କରେ ଆବଶ୍ୟକ ସୂଚନା ପ୍ରଦାନ କରାଯାଇଥିଲା। ଏହି ଅଭିଯାନ ମାଧ୍ୟମରେ ଜନସାଧାରଣ ସରକାରୀ ସେବା ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ ହେବା ସହ ବିଭିନ୍ନ ସୁବିଧା ପାଇବାର ସୁଯୋଗ ପାଇଥିଲେ।

# ମା ମଙ୍ଗଳାଙ୍କ ସିଂହ ବାହିନୀ ବେଶ ଦେଖି ଭକ୍ତ ବିମୋହିତ

କାକଟପୁର(ନିପ୍ର): ପୁରୀଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କର ଶାରଦୀୟ ପାର୍ବଣ ପୂଜା ମହାସମାରୋହରେ ପାଳିତ ହୋଇ ଆସୁଛି। ନବପତ୍ରିକା ଠାରୁ ମା ଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯିବା ସହିତ ଆଜି ସପ୍ତମୀ ତିଥିରେ ମା ମଙ୍ଗଳାଙ୍କ ପ୍ରସିଦ୍ଧ ସିଂହବାହିନୀ ବେଶ ଅନୁଷ୍ଠିତ ହୋଇଛି। ରାତ୍ର ଚାରି ଘଟିକା ଠାରୁ ମା ଙ୍କର ମଙ୍ଗଳ ଆଳତୀ, ସ୍ନାନ ମାର୍ଜନା, ବେଶ ହେବା ପରେ ସର୍ବସାଧାରଣ ଦର୍ଶନ ପାଇଁ ପହୁଡ଼ ଖୋଲି ଥିଲା। ଅପରାହ୍ନରେ ସୂର୍ଯ୍ୟପୂଜା, ବଲ୍ଲଭ, ସିଂହପୂଜା ସରିବା ପରେ ମା ଙ୍କର ଧୂପ ନୀତି ଅନୁଷ୍ଠିତ ହୋଇଥିଲା। ପରେ ରାତ୍ର ୮ ଘଟିକା ବେଳକୁ ମାଙ୍କୁ ପ୍ରସିଦ୍ଧ ସିଂହ ବାହିନୀ ବେଶରେ ସଜ୍ଜିତ କରାଯାଇଥିଲା। ପୌରାଣିକ ତଥ୍ୟ ଅନୁସାରେ ଦେବତାମାନେ ସମସ୍ତ ଅସ୍ତ୍ରଶସ୍ତ୍ର ମାଙ୍କୁ ଅର୍ପଣ କରିବା ପରେ ବାହାନ ଭାବେ ପଶୁରାଜ ସିଂହକୁ ଅର୍ପଣ କରିଥିଲେ। ମନ୍ଦିରରୁ ମଣି ବିମାନରେ ମାଙ୍କ ଚଳନ୍ତି ପ୍ରତିମାକୁ ରତ୍ନଗିରି ବିଜେ କରିବା ପରେ ସର୍ବସାଧାରଣଙ୍କ



ନିମନ୍ତେ ପହୁଡ଼ ଖୋଲିଥିଲା। ଏହି ଦୁର୍ଲ୍ଲଭ ବେଶ ଦେଖିବାକୁ ଦୂରଦୂରାନ୍ତରୁ ମାତୃଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ମନ୍ଦିରର ଚାରି ଦ୍ୱାରକୁ ଫୁଲରେ ସଜ୍ଜିତ କରାଯିବା ସହିତ ମନ୍ଦିରକୁ ବିଭିନ୍ନ ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ କାକଟପୁର ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯିବା ସହିତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆଜିର ପାଳିଆ ସେବକ ଭାବେ ମିତୁରଞ୍ଜନ ଦୀକ୍ଷିତ ଏବଂ ଶୋଡଷ ଉପଚାର ପୂଜାପଣ୍ଡା ଭାବେ ସଞ୍ଜୀୟ କୁମାର ଦୀକ୍ଷିତ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଦୁର୍ଲ୍ଲଭ ସିଂହବାହିନୀ ବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳେ ବୋଲି କିମ୍ବଦନ୍ତୀ ରହିଛି। ଆଜିର ଏହି ସିଂହବାହିନୀ ବେଶ ଅବସରରେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ପକ୍ଷରୁ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କୁ ନେଇ ସିଂହବାହିନୀ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

CMYK



ତିଥି :(ସପ୍ତମୀ): (ପୂର୍ବାଷାଢା ଧନୁ)

ଅମୃତ ବେଳା: ଦିବା ଘ ୬ ।୩୩ ଗତେ ଘ୮ ।୫୭ ଗତେ

## ଆଜିର ଅନୁଚିନ୍ତନ

ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟଙ୍କୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି।। - ଶ୍ରୀମଦ୍ ଭଗବଦ୍ ଗୀତା

# ଭାରତୀୟଙ୍କ ପ୍ରତି ବିଦ୍ୱେଷ

ଆମେରିକା କେବଳ ନିଜର ନାଗରିକଙ୍କ ଅବଦାନରେ ଏହାର ଅର୍ଥନୀତିକୁ ସୁଦୃଢ କରିନାହିଁ,ଅଧିକନ୍ତୁ ଏହା ପଛରେ ପିଢି ପରେ ପିଢି ପ୍ରବାସୀମାନଙ୍କ ପରିଶ୍ରମ, ଉଦ୍ୟମ ଓ ନବସୃଜନର ଭୂମିକାକୁ କେହି ଅସ୍ୱୀକାର କରିପାରିବେନାହିଁ। ବିଶେଷ କରି ଭାରତୀୟ ବୃତ୍ତିଧାରୀଙ୍କ ଅବଦାନ କିଛି କମ୍ ନୁହେଁ। ଆବଶ୍ୟକ କାଗଜପତ୍ର ବିନା ରହୁଥିବା ଭାରତୀୟଙ୍କ ସଂଖ୍ୟା ସେଠାରେ ପ୍ରାୟ ୭.୫ ଲକ୍ଷ ଓ ସେଥିରୁ କୃଷି ସମ୍ବନ୍ଧୀୟ କାର୍ଯ୍ୟରେ ନିୟୋଜିତ ଅଛନ୍ତି ପ୍ରାୟ ୧ ଲକ୍ଷ ଲୋକ। ନିକଟରେ କାଲିଫର୍ଣ୍ଣିଆରେ ପ୍ରାୟ ୩୦ହଜାର ଭାରତୀୟ ଶ୍ରମିକଙ୍କୁ ଚାଷ କାମ ଛାଡ଼ିବାକୁ ପଡ଼ିଛି। ଏହାର କାରଣ ସେଠାରେ ଭାରତର ଅଧିକାଂଶ ଶ୍ରମିକଙ୍କ ପାଖରେ ଆମେରିକାର ରହଣୀ ଓ କାମ କରିବା ସମ୍ବନ୍ଧୀୟ ଆବଶ୍ୟକ ସମସ୍ତ ପ୍ରମାଣପତ୍ର ନାହିଁ। ଅପରପକ୍ଷେ ଟ୍ରମ୍ପ ପ୍ରଶାସନ ଇମିଗ୍ରେସନ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ (ଆଇସିଇ)କୁ କଠୋର ନିର୍ଦ୍ଦେଶ ଦେଇଛନ୍ତି ଯେ ବେଆଇନ ଭାବରେ ରହୁଥିବା ପ୍ରବାସୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅ। ଆଇସିଇର ଚଢଉ ହେତୁ ଧରାପଡିବା ଭୟରେ ବହୁ ଶ୍ରମିକ ଚାଷ କାମକୁ ଯାଉନାହାନ୍ତି। ଏହି ହେତୁରୁ କାଲିଫର୍ଣ୍ଣିଆ ଠାରୁ ଆରମ୍ଭ କରି କାନସାସ୍ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ କୃଷି ଶ୍ରମିକଙ୍କ ଘୋର ଅଭାବ କାରଣରୁ ସେଠାରେ ବିଭିନ୍ନ ଫଳ ଓ ପନିପରିବା ଅମଳ ଆଶଙ୍କା ବାଧାପ୍ରାପ୍ତ ହେବା ବଢିଛି। ଏହାଦ୍ୱାରା ଏସବୁର ମୂଲ୍ୟ ୩୦ ରୁ ୩୫ ପ୍ରତିଶତ ବୃଦ୍ଧି ପାଇପାରେ ବୋଲି ଆକଳନ କରାଯାଇଛି।

ଶ୍ରମିକ କଥା କ'ଣ, ଗ୍ରୀନ୍ କାର୍ଡ ସମ୍ବନ୍ଧୀୟ ପରମାନେଣ୍ଟ୍ ଲେବର ସାର୍ଟିଫିକେସନ ପ୍ରୋଗ୍ରାମ (ପିଇଆର୍‌ଏମ୍) ରୁ ଟାଟା, ଇନ୍‌ଫୋସିସ୍, ଉ୍ୱିପ୍ରୋ, ଏଚ୍‌ସିଏଲ୍ ସମେତ ୮ଟି ଆଇଟି କଂପାନୀଙ୍କୁ ନିଲମ୍ବିତ କରିଛି ଆମେରିକା। ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏ ବାବଦରେ କଟୁ ମନ୍ତବ୍ୟ ଦେବାକୁ କୁଣ୍ଠିତ ହୋଇନାହାନ୍ତି। ଏହି କଟୁ ମନ୍ତବ୍ୟଟି ହେଉଛି- ଆମେରିକାରେ କାମ କରୁଥିବା ବିଦେଶୀ ହେଲେ ଗୋଡି ଶ୍ରମିକ। ଏପରି ବିବୃତି ରଖିବା ବେଳେ ଭାନ୍ସ ଆହୁରି କହିଥିଲେ ଆଲୋଚ୍ୟ ୮ଟି କଂପାନୀଗୁଡ଼ିକ ଆମେରିକୀୟ କର୍ମଚାରୀଙ୍କୁ ଚାକିରିରୁ ବାହାର କରି କମ୍ ଦରମାରେ ବିଦେଶୀଙ୍କୁ ରଖୁଛନ୍ତି। ଭାନ୍ସଙ୍କ ମନ୍ତବ୍ୟଙ୍କୁ ଅବଶ୍ୟ ଭାରତ ପକ୍ଷରୁ ବିରୋଧ କରାଯାଇଛି। ତେବେ ବିଦେଶୀ ଶ୍ରମିକଙ୍କ ମଧ୍ୟରେ ଭାରତୀୟ ବି ଅଛନ୍ତି। ଅର୍ଥାତ୍, ଭାରତୀୟ ବୃତ୍ତିଧାରୀଙ୍କୁ ମଧ୍ୟ ଉପେକ୍ଷା କରାଯାଇଛି। ଯାହା ମନେ ହୁଏ ଆଗାମୀ ନଭେମ୍ବର ୩ ରେ ଆମେରିକାରେ ଅନ୍ତରୀଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ପରାଜିତ ହେବା ସଂକ୍ରାନ୍ତରେ କିଛି ସର୍ବେକ୍ଷଣରେ ଚର୍ଚ୍ଚା ହେଉଛି। ଇତିମଧ୍ୟରେ ନାନା କାରଣ ଦର୍ଶାଇ ଭୋଟର ତାଲିକାରୁ ଟ୍ରମ୍ପ ପ୍ରଶାସନ ୨ ଲକ୍ଷ ଭାରତୀୟ ବଂଶୋଦ୍ଭବଙ୍କୁ ବାଦ୍ ଦେଇଛନ୍ତି।

ସ୍ମରଣ କରାଯାଇପାରେ ଯେ ୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀ ଥିଲେ କମଳା ହାରିସ୍। ତାଙ୍କୁ ପ୍ରାୟ ୬୫ ପ୍ରତିଶତ ଭାରତୀୟ ବଂଶୋଦ୍ଭବ ଭୋଟ୍ ଦେଇଥିଲେ। ଏହି ହେତୁ ଭାରତୀୟଙ୍କ ପ୍ରତି ସମ୍ଭବତଃ ଟ୍ରମ୍ପ ପ୍ରଶାସନର ବିଦ୍ୱେଷ ଭାବ ବୃଦ୍ଧି ପାଉଛି। ଏହି ବିଦ୍ୱେଷ ଓ ଉପେକ୍ଷାର ତିକ୍ତତା ପ୍ରଭାବ ହୁଏତ ଆମେରିକାର ଆଗାମୀ ଅନ୍ତରୀଣ ନିର୍ବାଚନ ଉପରେ ପଡ଼ିବା ସମ୍ଭାବନା ଏଡ଼ାଇ ହେବନାହିଁ।

# ଭର୍ଚୁଆଲ୍ ସୁଖର ସୀମା

**ଡ. ଲକ୍ଷ୍ମଣ ସାହୁ**

ଜୀବନର ସବୁଠାରୁ ଦୁଃଖଦ ମୁହୂର୍ତ୍ତ ହେଉଛି ଯେତେବେଳେ ଜଣେ ବ୍ୟକ୍ତି ନିଜକୁ ମିଛ କହିଥାଏ। କେତେବେଳେ ନିଜକୁ କିମ୍ବା ଅନ୍ୟମାନଙ୍କୁ ଖୁସି ରଖିବା ପାଇଁ, କେତେବେଳେ ସମ୍ପର୍କ, ପରିସ୍ଥିତି କିମ୍ବା ସାମାଜିକ ଚାପ ବଜାୟ ରଖିବା ପାଇଁ, ସେମାନେ ନିଜକୁ ମିଛ ସାନ୍ତ୍ୱନା ଦିଅନ୍ତି । ବାହାରେ ସବୁକିଛି ଠିକ୍ ଦେଖାଯାଏ, କିନ୍ତୁ କିଛି ସେମାନଙ୍କୁ ସବୁବେଳେ ଅସୁବିଧାରେ ପକାଉଥାଏ । ଏହି ଆଭ୍ୟନ୍ତରୀଣ ସତ୍ୟ ପ୍ରାୟତଃ ଆମେ ଗ୍ରହଣ ନ କରିଥିବା ସତ୍ୟ ଅପେକ୍ଷା ଅଧିକ ଯନ୍ତ୍ରଣାଦାୟକ। ପ୍ରକୃତରେ ଅନ୍ୟମାନଙ୍କ ଠାରୁ ଲୁଚି ରହିଥିବା ସତ୍ୟ କିଛି ସମୟ ପରେ ପ୍ରକାଶ ପାଇପାରେ ।

କିନ୍ତୁ ନିଜ ଠାରୁ ଲୁଚି ରହିଥିବା ସତ୍ୟ ପ୍ରତି ମୁହୂର୍ତ୍ତରେ ଆମ ଭିତରେ ଉପସ୍ଥିତ ରହିଥାଏ। 'ପ୍ରତାରଣା' କଥା ଆସିଲେ ଆମେ ପ୍ରାୟତଃ ଅନ୍ୟମାନଙ୍କ ଠାରୁ ଆମେ ପାଇଥିବା ବିଶ୍ୱାସଘାତକତା ଉପରେ ଧ୍ୟାନ ଦେଉଛେ । କିନ୍ତୁ ଆମେ କେବେ ଭାବିଛୁ କି କେତେବେଳେ ଆମେ ନିଜକୁ ମଧ୍ୟ ପ୍ରତାରିତ କରୁଛେ ? ଦୁଃଖିତ ହେଲେ ମଧ୍ୟ ମୁହଁରେ ଭ୍ରୁକୁଞ୍ଚନ ରଖିବା, ଗଭୀର ଚିନ୍ତାରେ ଥିବା ସମୟରେ ମଧ୍ୟ ଅନ୍ୟମାନଙ୍କୁ 'ମୁଁ ସମ୍ପୂର୍ଣ୍ଣ ଭଲ ଅଛି' କହିବା, ଆମର ପ୍ରକୃତ ଅବସ୍ଥାକୁ ଲୁଚାଇବା ଓ ସୋସିଆଲ ମିଡିଆରେ ଏକ ସୁଖୀ ଜୀବନର ଚିତ୍ର ଉପସ୍ଥାପନ କରିବା , ଏସବୁ କୌଣସି ପ୍ରକାରେ ଏକ ଆତ୍ମ-ପ୍ରତାରଣା ।

ଆଜିର ଡିଜିଟାଲ୍ ଯୁଗ ଏହି ଆତ୍ମ-ପ୍ରତାରଣାକୁ ଆହୁରି ସହଜ କରିଦେଇଛି । ସୋସିଆଲ ମିଡିଆରେ, ଆମେ କେବଳ ଆମ ଜୀବନର ସେହି ଅଂଶଗୁଡ଼ିକୁ ଦେଖାଉ ଯାହା ବିଶ୍ୱ ଦେଖିବାକୁ ଚାହୁଁଛି । ସୁନ୍ଦର ଫଟୋ, ମହଙ୍ଗା ଜିନିଷ, ବୁଲିବା ପାଇଁ ସ୍ଥାନ, ସଫଳତା ଓ ସୁଖୀ ସମ୍ପର୍କ ସବୁ ଏକ ସିଦ୍ଧ ଜୀବନର ଚିତ୍ର ଆଙ୍କିଥାଏ । କିନ୍ତୁ ଏହି ଗ୍ଲାମର ପଛରେ ଲୁଚି ରହିଥିବା ଏକାକୀତ୍ୱ, ଚାପ ଓ ଅସୁରକ୍ଷାକୁ କେହି ଦେଖିପାରନ୍ତି ନାହିଁ । ଯେତେବେଳେ ଆମର ସୃଷ୍ଟି ହୋଇଥିବା ଭର୍ଚୁଆଲ୍ ପରିଚୟ ଓ ଆମର ପ୍ରକୃତ ସ୍ୱ ମଧ୍ୟରେ ଦୂରତା ବଢ଼ିବାକୁ ଲାଗେ , ସେତେବେଳେ ସମସ୍ୟା ଗମ୍ଭୀର ହୋଇଯାଏ । ଆମେ ପ୍ରକୃତରେ କିଏ ଓ ଆମେ ଅନ୍ୟମାନଙ୍କ ସମ୍ମୁଖରେ କିଏ ଦେଖାଯିବାକୁ ଚାହୁଁଛୁ ସେହି ମଧ୍ୟରେ ଏହି ବିଭେଦ ମାନସିକ ଚାପ ସୃଷ୍ଟି କରିପାରେ । ମନସ୍ତତ୍ତ୍ୱରେ ଏପରି ପରିସ୍ଥିତିକୁ ବୁଝିବା ପାଇଁ ଜ୍ଞାନାତ୍ମକ ବିଭେଦର ଧାରଣା ଗୁରୁତ୍ୱପୂର୍ଣ୍ଣ । ନିରନ୍ତର ଭାବରେ ନିଜର ପ୍ରକୃତ ଭାବନାକୁ ଦମନ କରିବା ସହିତ ଏକ ଭିନ୍ନ ପ୍ରତିଛବି ବଜାୟ ରଖିବା ଜଣେ ବ୍ୟକ୍ତିଙ୍କୁ ଭିତରୁ ଅସହଜ ଅନୁଭବ କରାଇପାରେ ।

ଏହା ସହିତ ସୋସିଆଲ ମିଡିଆ ତୁଳନା କରିବାର ଅଭ୍ୟାସକୁ ପ୍ରୋତ୍ସାହିତ କରିଛି । କେତେକ ବିଦେଶ ଯାତ୍ରା କରୁଛନ୍ତି, ଅନ୍ୟମାନେ ନୂତନ କାର୍ କିଣୁଛନ୍ତି, କାହାର କ୍ୟାରିଅର ଆଶାଜନକ ଦେଖାଯାଉଛି । ଏପରିକି କାହାର ସମ୍ପର୍କ ଅତ୍ୟନ୍ତ ଖୁସି ଦେଖାଯାଉଛି । ସାମାଜିକ ତୁଳନା ତତ୍ତ୍ୱ ଅନୁଯାୟୀ, ନିରନ୍ତର ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିବା ଆତ୍ମସମ୍ମାନ ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ । ଏହି ତୁଳନା କିଶୋର ଓ ଯୁବକମାନଙ୍କ ପାଇଁ ବିଶେଷ ଭାବରେ ଶକ୍ତିଶାଳୀ ହୋଇପାରେ । ହାତଛଡ଼ା ହେବାର ଭୟ ଯୁବପିଢ଼ିଙ୍କ ମାନସିକତାକୁ ମଧ୍ୟ ପ୍ରଭାବିତ କରୁଛି । ପରିସ୍ଥିତି ଏପରି ଯେ ସୋସିଆଲ ମିଡିଆରେ 'ଲାଇକ୍' ଓ ମନ୍ତବ୍ୟ କେତେକ ସମୟରେ ଆତ୍ମ-ମୂଲ୍ୟକୁ ମଧ୍ୟ ପ୍ରଭାବିତ କରିପାରେ ।

ସବୁବେଳେ ଡିଜିଟାଲ ଉତ୍ତେଜନା ଜଣେ ବ୍ୟକ୍ତିଙ୍କୁ ବିଚଳିତ କରେ ଓ କିଛି ଲୋକଙ୍କ ମଧ୍ୟରେ ଅତ୍ୟଧିକ ସୋସିଆଲ ମିଡିଆ ବ୍ୟବହାର କିମ୍ବା ନିର୍ଭରଶୀଳତା ସୃଷ୍ଟି କରିପାରେ । ଫିଲ୍ଟର ବ୍ୟବହାର ଓ ଫଟୋ ସମ୍ପାଦନର ସହଜତା ମଧ୍ୟ ଶରୀର ଓ ମୁହଁର ଅସନ୍ତୋଷକୁ ବଢ଼ାଇ ଦେଇଛି । ବିଶେଷକରି ଏବେକାର କିଶୋରୀ ଓ ଯୁବତୀମାନଙ୍କ ପାଇଁ, ସୋସିଆଲ ମିଡିଆରେ ପ୍ରଦର୍ଶିତ 'ନିର୍ଦ୍ଦୋଷ' ଚର୍ମ, ମୁହଁ ଓ ଶରୀର ସେମାନଙ୍କର ପ୍ରକୃତ ଦୃଶ୍ୟ ସହିତ ତୁଳନା କରିପାରେ । ଏହା ଶରୀର ପ୍ରତିଛବିର ଅସନ୍ତୋଷ ଓ କମ୍ ଆତ୍ମସମ୍ମାନକୁ ବୃଦ୍ଧି କରିପାରେ । ତଥାପି କିଛି କ୍ଷେତ୍ରରେ, ଖାଦ୍ୟ ବିକାରର ଆଶଙ୍କା ବୃଦ୍ଧି କରିପାରେ । ଅନଲାଇନରେ ଆପତ୍ତିଜନକ ମନ୍ତବ୍ୟ ମାଧ୍ୟମରେ ହଇରାଣ ଏହି ସମସ୍ୟାକୁ ଆହୁରି ବଢ଼ାଇଥାଏ । ପ୍ରଶଂସା ଆଶା କରି ବ୍ୟକ୍ତିମାନେ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଫଟୋ ସେୟାର କରୁଥିବା ବେଳେ, ଅପମାନଜନକ ମନ୍ତବ୍ୟ କିମ୍ବା ଟ୍ରୋଲିଂ ସେମାନଙ୍କର ଆତ୍ମବିଶ୍ୱାସକୁ ଦୁର୍ବଳ କରିପାରେ । ଅନଲାଇନରେ ନିରନ୍ତର ନକାରାତ୍ମକ ଅଭିଜ୍ଞତା ସାମାଜିକ ଚିନ୍ତା, ଅବସାଦ ଓ ଭାବପ୍ରବଣ ଯନ୍ତ୍ରଣା ସହିତ ଜଡିତ ହୋଇପାରେ।

ଏହାର ପ୍ରଭାବ କେବଳ ମାନସିକ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ । ବିଳମ୍ବିତ ରାତି ପର୍ଯ୍ୟନ୍ତ ମୋବାଇଲ୍ ଫୋନ୍ ବ୍ୟବହାର କରିବା, ସ୍କ୍ରିନ୍ ସମୟ ଯୋଗୁଁ ନିଦ ବାଧାପ୍ରାପ୍ତ ହେବା ଇତ୍ୟାଦି ସମସ୍ୟାକୁ ବଢ଼ାଇପାରେ । ଏହାର ଅର୍ଥ ହେଉଛି ଯେ ଆମେ ସୁବିଧା ଓ ମନୋରଞ୍ଜନ ପାଇଁ ସୃଷ୍ଟି କରିଥିବା ଡିଜିଟାଲ୍ ଦୁନିଆ ପ୍ରାୟତଃ ଆମର ମାନସିକ ଓ ଶାରୀରିକ ସନ୍ତୁଳନକୁ ପ୍ରଭାବିତ କରିବା ଆରମ୍ଭ କରେ । ତଥାପି ଏହାର ଅର୍ଥ ନୁହେଁ ଯେ ସୋସିଆଲ ମିଡିଆ ସମ୍ପୂର୍ଣ୍ଣ କ୍ଷତିକାରକ । ଏହା ଶିକ୍ଷା, ସୂଚନା, ସୃଜନଶୀଳତା ଓ ସାମାଜିକ ସଂଯୋଗ ପାଇଁ ଏକ ପ୍ରଭାବଶାଳୀ ମାଧ୍ୟମ । ସମସ୍ୟା ନିଜେ ସୋସିଆଲ ମିଡିଆ ନୁହେଁ, ବରଂ ଏହା ସହିତ ଆମର ଅସନ୍ତୁଳିତ ସମ୍ପର୍କ ।

କଟକ -୪ , ସଂପର୍କ: ୯୦୪୦୧ ୫୧୪୮୫

# ଥମୁନି ଜ୍ଞାନେଶ ବିବାଦ

**ଗୋପାଳ ମହାପାତ୍ର**

> ନିର୍ବାଚନ କମିଶନ ଏକ ସ୍ୱତନ୍ତ୍ର ଓ ସାମ୍ବିଧାନିକ ସଂସ୍ଥା। କିନ୍ତୁ ଏହି ସଂସ୍ଥା ସମ୍ବିଧାନର ଉର୍ଦ୍ଧ୍ୱରେ ନୁହେଁ। ନିର୍ବାଚନ କମିଶନଙ୍କ ଦାୟିତ୍ୱ ହେଉଛି ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ କରାଇବା। ଏହି ନିର୍ବାଚନ ପ୍ରକ୍ରିୟରେ ଗୁରୁତ୍ୱପୂର୍ଣ୍ଣ ଭାଗିଦାର ହେଉଛନ୍ତି ରାଜନୈତିକ ଦଳ। ବିରୋଧୀ ସାଂସଦଙ୍କୁ ଭେଟିବାକୁ ନିର୍ବାଚନ କମିଶନରଙ୍କ ନିକଟରେ ସମୟ ନାହିଁ। ଏଣୁ ଏମାନଙ୍କ ଦୃଷ୍ଟିରେ ସାଧାରଣ ଭୋଟରଙ୍କର ବା ସ୍ଥିତି କ'ଣ ଯାହାଙ୍କୁ ନିର୍ବାଚନ ସମୟରେ 'ଜନତା ଜନାର୍ଦ୍ଦନ' ବୋଲି କୁହାଯାଇଥାଏ।

ସାରା ବିଶ୍ୱରେ ପ୍ରତିଷ୍ଠା ଲାଭ କରିଥିବା ଭାରତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟ ପ୍ରଣାଳିକୁ ନେଇ ଏବେ ଦେଶରେ ଅନେକ ପ୍ରଶ୍ନ ଉଠୁଛି ଓ ନିର୍ବାଚନ କମିଶନଙ୍କୁ ନେଇ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହେବାରେ ଲାଗିଛି। କମିଶନଙ୍କ କାର୍ଯ୍ୟକୁ ନେଇ ବାହାରୁ ତ ପ୍ରଶ୍ନ ଉଠୁଛି କିନ୍ତୁ ଭିତରୁ ଉଠୁଥିବା ପ୍ରଶ୍ନର ଉତ୍ତର ନ ଦେଇ ମୁଖ୍ୟ ନିର୍ବାଚନ କମିଶନର ଏବେ କାଠ ଗଡ଼ାରେ ଠିଆ ହୋଇଛନ୍ତି। ନିର୍ବାଚନ କମିଶନଙ୍କୁ ଭେଟିବା ପାଇଁ ସଂସଦରୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା (ମାର୍ଚ୍ଚ) ରେ ଯାଉଥିବା ବିରୋଧୀ (ଇଣ୍ଡିଆ) ମେଣ୍ଟର ଶତାଧିକ ସାଂସଦଙ୍କୁ ଭେଟିବାର ସୁଯୋଗ ନ ଦେବାରୁ ବିବାଦ ଘନେଇବା ସହ ଦିଲ୍ଲୀ-ମୁମ୍ବାଇ ସମେତ ଅନେକ ସହରରେ ପ୍ରଦର୍ଶନ ଜାରି ରହିଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆକାଶବାଣୀ ଭବନ ପରିସରରେ ୮ ଘଣ୍ଟା ଧାରଣାରେ ବସିବା, ତା ପରଦିନ ଜନ୍ତର ମନ୍ତର ଠାରେ ଧାରଣାରେ ବସିବାର ଉଦ୍ୟମ ଏବଂ ଅକ୍ଟୋବର ୧୨ ତାରିଖ ଦିନ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଲୋକଙ୍କ ମାର୍ଚ୍ଚ (ଶୋଭାଯାତ୍ରା) ଭାରତୀୟ ଗଣତନ୍ତ୍ରର ଛବିକୁ ମଳିନ କରିଦେଇଛି। ଅକ୍ଟୋବର ୨ ତାରିଖରେ ମୁମ୍ବାଇ,୮ ତାରିଖରେ ବେଙ୍ଗାଲୁରୁରେ ପ୍ରଦର୍ଶନ ପରେ ଅକ୍ଟୋବର ୧୦ ରେ ଦିଲ୍ଲୀରେ ପ୍ରଦର୍ଶନ ପାଇଁ ଯାଉଥିବା କକରୋଚ ଜନତା ପାର୍ଟିର ନେତା ଅଭିଜିତ ଦିପକେ, ସୌରଭଦାସ ଏବଂ ଆଶୁତୋଶ ରାଙ୍କାଙ୍କୁ ବିମାନ ମଧ୍ୟରୁ ହାଜତକୁ ନିଆଯିବା, ଚର୍ଚ୍ଚିତ




ୟୁଟ୍ୟୁବର ଧ୍ରୁବ ରାଠିଙ୍କୁ ଗୁରୁଗ୍ରାମ ସ୍ଥିତ ତାଙ୍କ ଫ୍ଲାଟ(ଘର)ରୁ ଉଠାଇ ନିଆଯିବା ଏପରିକି ପୂର୍ବତନ ମୁଖ୍ୟମନ୍ତ୍ରୀମାନଙ୍କ ସହ ଅନେକ ସାଂସଦଙ୍କୁ ହାଜତକୁ ନିଆଯିବା ଘଟଣା ସମ୍ବିଧାନ ସମ୍ମତ ଶାସନ ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅକ୍ଟୋବର ୯ ତାରିଖ ରାତି ୯ଟା ପରଠାରୁ ଅନେକ ମେଟ୍ରୋ ଷ୍ଟେସନକୁ ବନ୍ଦ କରିବା ଓ ଦିଲ୍ଲୀ ଆସୁଥିବା ଅନେକ ଟ୍ରେନକୁ ସରକାର ରଦ୍ଦ କରିବା କାରଣରୁ ସୁପ୍ରିମ୍‌କୋର୍ଟ ଅଦାଲତ ଅବମାନନ୍ୟ ନୋଟିସ ଜାରି କରିଥିଲେ ମଧ୍ୟ ଦିଲ୍ଲୀ ସହର ପୋଲିସର ଛାଉଣୀରେ ପରିଣତ ହୋଇଥିଲା। ଏପରିକି ଦିଲ୍ଲୀ ପୋଲିସର ମାନସିକତାରେ ପରିବର୍ତ୍ତନ ହୋଇନଥିଲା। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀ , ସାମ୍ବାଦିକ ଏବଂ ଓକିଲମାନଙ୍କୁ ଦିଲ୍ଲୀ ପୋଲିସ ହାଜତକୁ ପଠାଇଦେଇଥିଲା। ପ୍ରଧାନ ବିଚାରପତିଙ୍କ ନିର୍ଦ୍ଦେଶ ପରେ ଓକିଲମାନଙ୍କୁ ତୁରନ୍ତ ଛାଡ଼ି ଦିଆଯାଇଥିଲା। ସରକାର ପ୍ରଦର୍ଶନ ସ୍ଥଳର ପରିବର୍ତ୍ତନ ପାଇଁ ମଧ୍ୟ ଅଧିସୂଚନା ଜାରି କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ନାମରେ ଆନ୍ଦୋଳନକାରୀଙ୍କ ସହ ସରକାର ଯେଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ତାହା ଅବ୍ୟବସ୍ଥା ବଢ଼ାଇଦେଇଛି, କିନ୍ତୁ ସନ୍ଦେହ ଏବଂ ପ୍ରଶ୍ନ ଘେରରେ ଥିବା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏଯାବତ୍ ମୌନ ରହିଛନ୍ତି। ମୌନ ରହିଲେ ପ୍ରଶ୍ନର ଉତ୍ତର ମିଳେନାହିଁ। କ୍ରମାଗତ ଭାବେ ନିର୍ବାଚନରେ ପରାଜୟ ଲାଭ କରୁଥିବା ବିରୋଧୀ ତଥାକଥିତ 'ଭୋଟ ଚୋରି' ପ୍ରସଙ୍ଗକୁ ନେଇ ଏବେ ଏକଜୁଟ ଏବଂ ଆକ୍ରାମକ ହେବାରେ ଲାଗିଛନ୍ତି। ଅନ୍ୟପକ୍ଷରେ ଜ୍ଞାନେଶ କୁମାରଙ୍କୁ ବଞ୍ଚାଇବା ପାଇଁ ବିଜେପି ମଧ୍ୟ ଅଧିକ ଆକ୍ରମକ ହେଉଛି। ଏହି କାରଣରୁ ବିଜେପି ଏବଂ ଜ୍ଞାନେଶ କୁମାରଙ୍କ ସମ୍ପର୍କକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ସାମାଜିକ ଗଣ ମାଧ୍ୟମରେ ଦିଲ୍ଲୀ ପୋଲିସର ମାତ୍ରାଧିକ କାର୍ଯ୍ୟ ବହୁଳ ଭାବରେ ପ୍ରସାରିତ ହୋଇଛି। ପେପର ଲିକ ମାମଲାରେ କକ୍‌ରୋଚ ଜନତା ପାର୍ଟିର ପ୍ରଦର୍ଶନ ବେଳେ ମଧ୍ୟ କିଛି ଅସାମାଜିକ ତତ୍ତ୍ୱ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଥିଲେ।

ଏକଥା ସତ୍ୟ ଯେ ନିର୍ବାଚନ କମିଶନ ଏକ ସ୍ୱତନ୍ତ୍ର ଓ ସାମ୍ବିଧାନିକ ସଂସ୍ଥା। କିନ୍ତୁ ଏହି ସଂସ୍ଥା ସମ୍ବିଧାନର ଉର୍ଦ୍ଧ୍ୱରେ ନୁହେଁ। ନିର୍ବାଚନ କମିଶନଙ୍କ ଦାୟିତ୍ୱ ହେଉଛି ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ କରାଇବା। ଏହି ନିର୍ବାଚନ ପ୍ରକ୍ରିୟରେ ଗୁରୁତ୍ୱପୂର୍ଣ୍ଣ ଭାଗିଦାର ହେଉଛନ୍ତି ରାଜନୈତିକ ଦଳ। ବିରୋଧୀ ସାଂସଦଙ୍କୁ ଭେଟିବାକୁ ନିର୍ବାଚନ କମିଶନରଙ୍କ ନିକଟରେ ସମୟ ନାହିଁ। ଏଣୁ ଏମାନଙ୍କ ଦୃଷ୍ଟିରେ ସାଧାରଣ ଭୋଟରଙ୍କର ବା ସ୍ଥିତି କ'ଣ ଯାହାଙ୍କୁ ନିର୍ବାଚନ ସମୟରେ 'ଜନତା ଜନାର୍ଦ୍ଦନ' ବୋଲି କୁହାଯାଇଥାଏ। ଗୋଟିଏ ପଟେ ସାମ୍ବିଧାନିକ ସଂସ୍ଥାକୁ ନେଇ ଅବିଶ୍ୱାସ ବଢୁଛି ଓ ଅନ୍ୟ ପକ୍ଷରେ ସଂପୃକ୍ତ ସଂସ୍ଥା କୌଣସି ପ୍ରଶ୍ନର ଉତ୍ତର ଦେଉନାହିଁ। ରାଜନୈତିକ ଦଳଙ୍କ ପାଖରେ ଏଜେଣ୍ଡାକୁ ନେଇ ରାଜନୀତି କରିବା ଛଡ଼ା କିଛି ନାହିଁ। ଅତୀତରେ ମଧ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି। ଦୀର୍ଘଦିନ ପରେ ନିର୍ବାଚନ କମିଶନଙ୍କୁ ବହୁ ସଦସ୍ୟ ବିଶିଷ୍ଟ କରାଯିବାର କାରଣ ହେଉଛି କୌଣସି ନିର୍ବାଚନ କମିଶନର ନିରଙ୍କୁଶ ହୋଇପାରିବ ନାହିଁ । କିନ୍ତୁ ଏକ ଇଂରାଜୀ ସମ୍ବାଦପତ୍ରରେ ଏକ ସମ୍ବାଦ ପ୍ରକାଶ ପାଇଥିଲା ଯେ ୩ ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନଙ୍କ ଦୁଇ କମିଶନର ସୁଖବୀର ସିଂହସଂଧୁ ଏବଂ ବିବେକ ତ୍ୟାଗି ୧୦ ମାସ ମଧ୍ୟରେ ମୁଖ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟକୁ ନେଇ ୧୪ ଥର ପ୍ରଶ୍ନ ଉଠାଇଛନ୍ତି। ଉକ୍ତ ସମ୍ବାଦପତ୍ରର ଏହି ସମ୍ବାଦ ଅନୁସାରେ ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କୁ ନ ଜଣାଇ ଏକା ସବୁ ନିଷ୍ପତ୍ତି ନିଆଯାଇଛି। ଏହି ଖବର ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ କମିଶନର ପୁଣି ବିବାଦୀୟ ହୋଇ ପଡ଼ିଛନ୍ତି। ଉକ୍ତ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇବାର ୩ ଦିନ ପରେ ମୁଖ୍ୟନିର୍ବାଚନ କମିଶନର ଓ ଦୁଇ ନିର୍ବାଚନ କମିଶନର ମିଳିତ ଭାବେ ଏକ ବିଜ୍ଞପ୍ତି ଜାରି କରିଥିଲେ। କମିଶନର କାର୍ଯ୍ୟାଳୟରେ ସବୁକିଛି ଠିକ୍ ଚାଲିଛି ବୋଲି କହିଥିଲେ। ଆଶା କରାଯାଉଥିଲା ଅଭିଯୋଗର ଗୁରୁତ୍ୱ ଦୃଷ୍ଟିରୁ ସ୍ପଷ୍ଟୀକରଣ ଦେଇଥାନ୍ତେ ନିର୍ବାଚନ କମିଶନର କିନ୍ତୁ ପ୍ରତିଥର ଭଳି ବିଜେପି ନିର୍ବାଚନ କମିଶନରଙ୍କ ସୁରକ୍ଷା ପାଇଁ ଆଗେଇ ଆସିଥିଲେ। ସୁପ୍ରିମ୍ କୋର୍ଟ ମୁଖ୍ୟ ନିର୍ବାଚନ କମିଶନଙ୍କୁ ନିଲମ୍ବନ କରାଯିବା ଓ ତାଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧ ଲଗାଯିବା ପାଇଁ ଉକ୍ତ ଖବରକାଗଜର ସମ୍ବାଦକୁ ଆଧାର ଭାବେ ଗ୍ରହଣ କରିନଥିଲେ। କିନ୍ତୁ କମିଶନଙ୍କୁ କାରଣ ଦର୍ଶାଇ ନୋଟିସ ଜାରି କରିଥିଲେ। ଏଥିରୁ ସ୍ପଷ୍ଟ ଯେ ନିର୍ବାଚନ କମିଶନଙ୍କ କାର୍ଯ୍ୟ ନ୍ୟାୟିକ ସମୀକ୍ଷାରୁ ଉର୍ଦ୍ଧ୍ୱରେ ନୁହେଁ। ଏସ୍‌ଆଇଆରରେ କୋଟି କୋଟି ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟିଦେବା ସହ ଫର୍ମ-୬ ମଧ୍ୟ ଆୟୋଗଙ୍କ ବିରୋଧରେ ଜନଅସନ୍ତୋଷର ଅନ୍ୟତମ କାରଣ ଅଟେ।

ନିର୍ବାଚନ କମିଶନ ଏବଂ ବିଜେପି ଫର୍ମ-୬ରେ ଘୋଷଣାପତ୍ର ଯୋଡ଼ିବା ପାଇଁ ସୁପ୍ରିମ୍ କୋର୍ଟଙ୍କ ମଞ୍ଜୁରି ମିଳିଛି ବୋଲି କହୁଥିବା ବେଳେ ସୁପ୍ରିମ୍ କୋର୍ଟ ଫର୍ମ-୬ ରେ କୌଣସି ସଂଶୋଧନ ପାଇଁ ମଞ୍ଜୁରି ଦେଇ ନାହାନ୍ତି ବୋଲି ଅକ୍ଟୋବର ୧୨ ତାରିଖରେ କହିଦେଇଛନ୍ତି। ଅକ୍ଟୋବର ୧୨ ରେ ରାହୁଲ ଗାନ୍ଧୀଙ୍କ ସମେତ ୧୧ ବିରୋଧୀ ନେତା ସୁପ୍ରିମ୍‌କୋର୍ଟଙ୍କ ଇଜଲାସରେ ଜ୍ଞାନେଶ କୁମାରଙ୍କ ବିରୋଧରେ ମାମଲା ଦାଏର କରିଛନ୍ତି। ଆଇନଗତ ଲଢ଼େଇ ଅଧିକ ଲମ୍ବିତ ହୋଇପାରେ। କିନ୍ତୁ ବିରୋଧୀଦଳଙ୍କ ଲଢ଼େଇ ମଧ୍ୟ ବନ୍ଦ ହେବନାହିଁ ବୋଲି ବିରୋଧୀଦଳମାନେ କହିଛନ୍ତି। ସୁପ୍ରିମ୍ କୋର୍ଟରେ ମାମଲାର ଶୁଣାଣି ବେଳେ ଯଦି ନିର୍ବାଚନ କମିଶନଙ୍କ ଦୋଷ ଜଣାପଡ଼େ ତେବେ ସରକାରଙ୍କୁ ନିନ୍ଦିତ ହେବାକୁ ପଡ଼ିବ। ବିରୋଧୀ ମଧ୍ୟ ଏହା ହିଁ ଚାହୁଁଛନ୍ତି।

ମୋ-୯୪୩୮୪୮୫୦୯୪

# 'ଆଇଡିବିଆଇ ବ୍ୟାଙ୍କ ବିକ୍ରି : ଆର୍ଥିକ ସାର୍ବଭୌମତ୍ୱର ପ୍ରଶ୍ନ'

**ଅସିତ ମହାନ୍ତି**

> ଆଇଡିବିଆଇ ବ୍ୟାଙ୍କ ଏକ ଦୀର୍ଘକାଳୀନ ଆର୍ଥିକ ସଙ୍କଟରେ ଫସି ରହିଥିଲା କାରଣ ଏହା ବହୁ ପରିମାଣର ଖରାପ ଋଣ (ଅଣ-ପ୍ରଦର୍ଶନକାରୀ ସମ୍ପତ୍ତି -ଏନ୍‌ପିଏ) ସଂଗ୍ରହ କରିଥିଲା। ୨୦୧୮ ସୁଦ୍ଧା, ବ୍ୟାଙ୍କର ମୋଟ ଅଗ୍ରଗତିରୁ ପ୍ରାୟ ୩୧.୭୮% ଖରାପ ହୋଇଯାଇଥିଲା, ଫଳରେ ଏହାର ପୁଞ୍ଜି ପର୍ଯ୍ୟାପ୍ତତା ହାର ୬.୨୨% କୁ ହ୍ରାସ ପାଇଥିଲା ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଏହାକୁ ପ୍ରମ୍ପ୍ଟ କରେକ୍ଟିଭ୍ ଆକ୍ସନ୍ ଢାଞ୍ଚା ଅଧୀନରେ ରଖାଯାଇଥିଲା।

ଭାରତ ସରକାର ଆଇଡିବିଆଇ ବ୍ୟାଙ୍କର ୬୦.୭୨% ଅଂଶଧନ କାନାଡାର ଫେୟାରଫାକ୍ସ ଫାଇନାନ୍ସିଆଲ୍ ହୋଲ୍ଡିଂସ୍କୁ ବିକ୍ରି କରିଛନ୍ତି, ଯାହା ଭାରତର ଆର୍ଥିକ କ୍ଷେତ୍ରରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବିଦେଶୀ ନିବେଶ ଚୁକ୍ତି। ସରକାର ଏବଂ ଏଲ୍‌ଆଇସି ଏବେ କେବଳ ୩୪% ଅଂଶଧନ ରଖିବେ, ଯେତେବେଳେ ସମ୍ପୂର୍ଣ୍ଣ ପରିଚାଳନା ନିୟନ୍ତ୍ରଣ ଏକ ବିଦେଶୀ କମ୍ପାନୀକୁ ଦିଆଯିବ।

ଭାରତ ସରକାରଙ୍କର ଆଇଡିବିଆଇ ବ୍ୟାଙ୍କର ସଂଖ୍ୟାଗରିଷ୍ଠ ଅଂଶଧନ କାନାଡିଆନ୍ ଫେୟାରଫାକ୍ସ ଫାଇନାନ୍ସିଆଲ୍ ହୋଲ୍ଡିଂସ୍କୁ ବିକ୍ରୟ କରିବାର ନିଷ୍ପତ୍ତି କେବଳ ଏକ ଆର୍ଥିକ କାରବାର ନୁହେଁ, ବରଂ ଭାରତର ଅର୍ଥନୈତିକ ଦିଗ ଏବଂ ସାର୍ବଭୌମତ୍ୱ ଉପରେ ଏକ ଗଭୀର ପ୍ରଶ୍ନ। ଆଇଡିବିଆଇ ବ୍ୟାଙ୍କ ୧୯୬୪ ମସିହାରେ ଏକ ବିକାଶ ଆର୍ଥିକ ପ୍ରତିଷ୍ଠାନ ଭାବରେ ପ୍ରତିଷ୍ଠିତ ହୋଇଥିଲା ଯାହାର ଉଦ୍ଦେଶ୍ୟ ଥିଲା ଭାରତର ଶିଳ୍ପ ଏବଂ ସାମାଜିକ ଭିତ୍ତିଭୂମିକୁ ଆର୍ଥିକ ସହାୟତା ପ୍ରଦାନ କରିବା। ଏହା ପରେ ଏକ ବାଣିଜ୍ୟିକ ବ୍ୟାଙ୍କରେ ପରିଣତ ହୋଇଥିଲା, କିନ୍ତୁ ଏହାର ମୂଳ ସର୍ବଦା ବିକାଶ-ମୁଖୀ ରହିଛି। ଦୀର୍ଘ ସମୟ ଧରି, ବ୍ୟାଙ୍କଟି ଭାରତୀୟ ଜନସାଧାରଣ ଏବଂ ସରକାରଙ୍କ ନିୟନ୍ତ୍ରଣରେ ଥିଲା। ସରକାର ଏବଂ ଭାରତୀୟ ଜୀବନ ବୀମା ନିଗମ ଏହାର ସବୁଠାରୁ ବଡ଼ ଅଂଶଧନକାରୀ ଥିଲେ। ଏହି ବିକ୍ରୟ ପରେ, ସରକାର ଏବଂ ଏଲ୍‌ଆଇସି ଅଂଶଧନ ସଂଖ୍ୟାଲଘୁ ଅଂଶଧନକୁ ହ୍ରାସ ପାଇଛି, ଯେତେବେଳେ ବିଦେଶୀ କମ୍ପାନୀର ନିୟନ୍ତ୍ରଣ ବୃଦ୍ଧି ପାଇଛି।

ଏହି ଚୁକ୍ତିକୁ ଭାରତର ଆର୍ଥିକ କ୍ଷେତ୍ରରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବିଦେଶୀ ନିବେଶ ବୋଲି ବିବେଚନା କରାଯାଏ। ଫେୟାରଫାକ୍ସ ପ୍ରାୟ ୫୨,୦୦୦ କୋଟିରେ ଏହି ଅଂଶଧନ ଅଧିଗ୍ରହଣ କରିଛି। କ୍ଷଣସ୍ଥାୟୀ ଭାବରେ, ଏହି ଚୁକ୍ତି ଭାରତରେ ବିଦେଶୀ ପୁଞ୍ଜି ପ୍ରବାହ ବୃଦ୍ଧି କରେ ଏବଂ ସରକାରଙ୍କୁ ତୁରନ୍ତ ପାଣ୍ଠି ଯୋଗାଇଥାଏ। ତଥାପି, ଦୀର୍ଘକାଳୀନ ଭାବରେ, ଏହାର ପରିଣାମ ବହୁତ ଗମ୍ଭୀର।

ପ୍ରଥମେ, ଏହା ବୁଝିବା ଗୁରୁତ୍ୱପୂର୍ଣ୍ଣ ଯେ ଆଇଡିବିଆଇ ବ୍ୟାଙ୍କ କେବଳ ଏକ ବାଣିଜ୍ୟିକ ବ୍ୟାଙ୍କ ନଥିଲା। ଏହା ଭାରତର ଶିଳ୍ପ ବିକାଶର ଏକ ସ୍ତମ୍ଭ ଥିଲା। ଏହା କ୍ଷୁଦ୍ର ଶିଳ୍ପ, କୃଷି କ୍ଷେତ୍ର ଏବଂ ଗ୍ରାମୀଣ ବିକାଶକୁ ଋଣ ଏବଂ ଆର୍ଥିକ ସହାୟତା ପ୍ରଦାନ କରୁଥିଲା। ଜଣେ ବିଦେଶୀ ନିବେଶକର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଲାଭ କରିବା। ଯେତେବେଳେ ପରିଚାଳନା ବିଦେଶୀ ହାତରେ ଥାଏ, ସେତେବେଳେ ବ୍ୟାଙ୍କର ନୀତିଗୁଡ଼ିକ ମଧ୍ୟ ଲାଭ-ଚାଳିତ ହୋଇଯିବ। ଏହାର ଅର୍ଥ ହେଉଛି କ୍ଷୁଦ୍ର ଶିଳ୍ପ ଏବଂ କୃଷକମାନେ ଅଧିକ ଲାଭ ପ୍ରଦାନ କରିପାରିବେ ନାହିଁ ବୋଲି ଋଣ ପାଇବା କଷ୍ଟକର ହେବ।

ଆର୍ଥିକ ସାର୍ବଭୌମତ୍ୱ ଉପରେ ଆଉ ଏକ ପ୍ରମୁଖ ପ୍ରଭାବ ପଡ଼ିବ। ଯେତେବେଳେ ଏକ ଦେଶର ଅଗ୍ରଣୀ ଆର୍ଥିକ ପ୍ରତିଷ୍ଠାନ ଏକ ବିଦେଶୀ କମ୍ପାନୀର ନିୟନ୍ତ୍ରଣକୁ ଆସେ, ଏହାର ନୀତି ଏବଂ ନିଷ୍ପତ୍ତି ବିଦେଶୀ ସ୍ୱାର୍ଥ ସହିତ ସମନ୍ୱିତ ହେବା ଆରମ୍ଭ କରେ, ଦେଶର ସାମାଜିକ-ଆର୍ଥିକ ପ୍ରାଥମିକତାରୁ ଦୂରେଇଯାଏ। ଏହି ପରିସ୍ଥିତି ଭାରତର ଆର୍ଥିକ ସ୍ୱାଧୀନତାକୁ ଦୁର୍ବଳ କରେ।

ତୃତୀୟ ପ୍ରଭାବ ନିଯୁକ୍ତି ଏବଂ ସେବା ଭିତ୍ତିଭୂମି ଉପରେ ପଡ଼ିବ। ଖର୍ଚ୍ଚ ହ୍ରାସ କରିବା ପାଇଁ ବିଦେଶୀ ପରିଚାଳନା କର୍ମଚାରୀମାନଙ୍କୁ ଛଟେଇ କରିପାରେ, ଶାଖା ପୁନର୍ଗଠନ କରିପାରେ ଏବଂ ଗ୍ରାମାଞ୍ଚଳରେ ଶାଖାଗୁଡ଼ିକୁ ବନ୍ଦ କରିପାରେ। ଏହା ସାଧାରଣ ଜନତା, ବିଶେଷକରି ଗ୍ରାମାଞ୍ଚଳ ଏବଂ କ୍ଷୁଦ୍ର ସଞ୍ଚୟକାରୀଙ୍କୁ କ୍ଷତି ପହଞ୍ଚାଇବ। ଚତୁର୍ଥ ପ୍ରଭାବ ପୁଞ୍ଜି ପ୍ରବାହ ଉପରେ ପଡ଼ିବ। ବର୍ତ୍ତମାନ, ଏହି ଚୁକ୍ତି ଭାରତରେ ବିଦେଶୀ ପୁଞ୍ଜି ଆଣେ, କିନ୍ତୁ ଭବିଷ୍ୟତରେ, ବ୍ୟାଙ୍କର ଲାଭାଂଶ ଏବଂ ଲାଭ ବିଦେଶକୁ ଚାଲିଯିବ। ଏହା ଭାରତର ଘରୋଇ ଅର୍ଥନୀତିକୁ ଦୀର୍ଘକାଳୀନ କ୍ଷତି ପହଞ୍ଚାଇବ।

ସାଧାରଣ ଜନତାଙ୍କ ପାଇଁ ଏହି କ୍ଷତି ବହୁମୁଖୀ। ଜମାକାରୀମାନେ ବର୍ଦ୍ଧିତ ବିପଦର ସମ୍ମୁଖୀନ ହେବେ କାରଣ ବିଦେଶୀ ପରିଚାଳନା ଭାରତୀୟ ସାମାଜିକ ପ୍ରାଥମିକତାକୁ ବୁଝିପାରନ୍ତି ନାହିଁ। ଋଣ ସର୍ତ୍ତାବଳୀ କଠୋର ହୋଇପାରେ। ଏଲ୍‌ଆଇସିର ଅଂଶଧନ ହ୍ରାସ ପଲିସିଧାରକଙ୍କ ସ୍ୱାର୍ଥକୁ ଦୁର୍ବଳ କରିବ। ଏବଂ ସବୁଠାରୁ ବଡ଼ କ୍ଷତି ହେବ ଯେ ବ୍ୟାଙ୍କର ସାମାଜିକ ଉଦ୍ଦେଶ୍ୟ ହଜିଯିବ।

ସରକାର କାହିଁକି ଏହି ପଦକ୍ଷେପ ନେଲେ ତାହାର ଉତ୍ତର ଏହାର ଘରୋଇକରଣ ନୀତିରେ ରହିଛି। ମୋଦି ସରକାର ୨୦୨୧ ମସିହାରୁ ରଣନୈତିକ ବିନିଯୋଗ ନୀତି ଗ୍ରହଣ କରିଛନ୍ତି। ଆଇଡିବିଆଇ ବ୍ୟାଙ୍କ ଦୀର୍ଘ ସମୟ ଧରି ଆର୍ଥିକ ସଙ୍କଟରେ ଥିଲା ଏବଂ ସରକାର ବାରମ୍ବାର ପୁଞ୍ଜି ପ୍ରବେଶ କରୁଥିଲା। ସରକାର ବିଦେଶୀ ନିବେଶକଙ୍କୁ ଏହାର ଅଂଶଧନ ବିକ୍ରୟ କରି ବ୍ୟାଙ୍କକୁ ମଜଭୁତ କରିବା ପାଇଁ ଏହି ପଥ ବାଛିଥିଲେ। କିନ୍ତୁ ଏହି ଶକ୍ତି କେବଳ ଉପରସ୍ତରର ଥିଲା। ଆଇଡିବିଆଇ ବ୍ୟାଙ୍କ ଏକ ଦୀର୍ଘକାଳୀନ ଆର୍ଥିକ ସଙ୍କଟରେ ଫସି ରହିଥିଲା କାରଣ ଏହା ବହୁ ପରିମାଣର ଖରାପ ଋଣ (ଅଣ-ପ୍ରଦର୍ଶନକାରୀ ସମ୍ପତ୍ତି -ଏନ୍‌ପିଏ) ସଂଗ୍ରହ କରିଥିଲା। ୨୦୧୮ ସୁଦ୍ଧା, ବ୍ୟାଙ୍କର ମୋଟ ଅଗ୍ରଗତିରୁ ପ୍ରାୟ ୩୧.୭୮% ଖରାପ ହୋଇଯାଇଥିଲା, ଫଳରେ ଏହାର ପୁଞ୍ଜି ପର୍ଯ୍ୟାପ୍ତତା ହାର ୬.୨୨% କୁ ହ୍ରାସ ପାଇଥିଲା ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଏହାକୁ ପ୍ରମ୍ପ୍ଟ କରେକ୍ଟିଭ୍ ଆକ୍ସନ୍ ଢାଞ୍ଚା ଅଧୀନରେ ରଖାଯାଇଥିଲା।

ବ୍ୟାଡ୍ ଲୋନ୍ କ୍ରାଇସିସ୍ ଆଇଡିବିଆଇ ବ୍ୟାଙ୍କର ସବୁଠାରୁ ବଡ଼ ସମସ୍ୟା ଥିଲା ଏହାର କର୍ପୋରେଟ୍ ଋଣ ପୋର୍ଟଫୋଲିଓ। ୨୦୦୦ ଦଶକରେ, ବ୍ୟାଙ୍କ ବଡ଼ ଶିଳ୍ପପତି ଏବଂ କର୍ପୋରେଟ୍ ହାଉସଗୁଡ଼ିକୁ ପ୍ରଚୁର ପରିମାଣରେ ଋଣ ଦେଇଥିଲା। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଅନେକ ପରେ ଆର୍ଥିକ ସମସ୍ୟାରେ ପଡ଼ିଥିଲେ ଏବଂ ଋଣ ପରିଶୋଧ କରିବାରେ ଅକ୍ଷମ ହୋଇଥିଲେ। କିଙ୍ଗ୍ ଫିଶର (ବିଜୟ ମାଲ୍ୟା) ଭଳି କମ୍ପାନୀଗୁଡ଼ିକୁ ହଜାର ହଜାର କୋଟି ଟଙ୍କାର ଋଣ ଦେବାଳିଆ ହୋଇଯାଇଥିଲା। ଉଦାହରଣ ସ୍ୱରୂପ, କିଙ୍ଗଫିଶର ଏୟାରଲାଇନ୍ସକୁ ୨୦୦୯ ମସିହାରେ ୮୬୦ କୋଟି ଋଣ ଦିଆଯାଇଥିଲା, ଯାହା ମଧ୍ୟରୁ ୮୦୭ କୋଟି କେବେ ପରିଶୋଧ କରାଯାଇ ନଥିଲା। ଭିଡିଓକନ୍ ଗ୍ରୁପ୍ ପ୍ରାୟ ୯,୯୦୩କୋଟି ଋଣ କରିଥିଲା।

ପରିଚାଳନା ଏବଂ ନୀତିଗତ ଦୁର୍ବଳତା - ଆଇଡିବିଆଇ ବ୍ୟାଙ୍କର ଗଠନ ଦୀର୍ଘ ସମୟ ଧରି ଏକ ଅର୍ଦ୍ଧ-ସରକାରୀ ସଂସ୍ଥା ପରି ଥିଲା। ଏହାର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ପ୍ରାୟତଃ ରାଜନୈତିକ ଏବଂ ପ୍ରଶାସନିକ ଚାପ ଦ୍ୱାରା ପ୍ରଭାବିତ ହୋଇଥିଲା। ଯଥେଷ୍ଟ ବିପଦ ମୂଲ୍ୟାଙ୍କନ ବିନା ବଡ଼ କର୍ପୋରେଟ୍ ଋଣ ମଞ୍ଜୁର କରାଯାଇଥିଲା। ଏହା ବ୍ୟତୀତ, ୨୦୦୬ ମସିହାରେ, ସମସ୍ୟାଗ୍ରସ୍ତ ୟୁନାଇଟେଡ୍ ୱେଷ୍ଟର୍ଣ୍ଣ ବ୍ୟାଙ୍କକୁ ଆଇଡିବିଆଇ ସହିତ ମିଶ୍ରଣ କରାଯାଇଥିଲା, ଯାହା ଏହାର ପୂର୍ବରୁ ଦୁର୍ବଳ ବାଲାନ୍ସ ସିଟ୍ ଉପରେ ଆହୁରି ବୋଝ ସୃଷ୍ଟି କରିଥିଲା। ଏଥିପାଇଁ ଜନସାଧାରଣ କ'ଣ କରିବା ଉଚିତ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗଣତାନ୍ତ୍ରିକ ଚାପ ଅପରିହାର୍ଯ୍ୟ। ଏପରି ରଣନୈତିକ ପ୍ରତିଷ୍ଠାନର ବିଦେଶୀକରଣକୁ ରୋକିବା ପାଇଁ ଜନସାଧାରଣ ସଂସଦ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଚାପ ପକାଇବା ଉଚିତ। ଗଣମାଧ୍ୟମ, ଛାତ୍ର ଏବଂ ବୁଦ୍ଧିଜୀବୀମାନେ ଏହି ପ୍ରସଙ୍ଗରେ ଏକ ବ୍ୟାପକ ବିତର୍କରେ ସାମିଲ ହେବା ଉଚିତ। ଏହି ଘରୋଇକରଣର ପ୍ରତିବାଦ କରିବା ପାଇଁ ଟ୍ରେଡ୍ ୟୁନିଅନ୍ ଏବଂ କୃଷକ ସଂଗଠନଗୁଡ଼ିକ ମିଳିତ ହେବା ଉଚିତ। ସାଧାରଣ ଜନତାଙ୍କୁ ସଚେତନ କରାଯିବା ଉଚିତ ଯେ ଏହା କେବଳ ଏକ ବ୍ୟାଙ୍କ ଚୁକ୍ତି ନୁହେଁ, ବରଂ ଭାରତର ଆର୍ଥିକ ସାର୍ବଭୌମତ୍ୱର ପ୍ରଶ୍ନ।

ଆଇଡିବିଆଇ ବ୍ୟାଙ୍କର ବିକ୍ରୟ ଭାରତର ଅର୍ଥନୈତିକ ନୀତିରେ ଏକ ଗଭୀର ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରେ। ଏହା ବିଦେଶୀ ପୁଞ୍ଜିର ପ୍ରାଧାନ୍ୟ ବୃଦ୍ଧି କରିବ, ଘରୋଇ ପ୍ରାଥମିକତାକୁ ଦୁର୍ବଳ କରିବ ଏବଂ ସାଧାରଣ ଜନତା, ବିଶେଷକରି ଛୋଟ ବ୍ୟବସାୟ, ଚାଷୀ ଏବଂ ସଞ୍ଚୟକାରୀଙ୍କୁ କ୍ଷତି ପହଞ୍ଚାଇବ। ସରକାର ଏହାର ପୁଞ୍ଜି ସଙ୍କଟ ଏବଂ ଘରୋଇକରଣ ନୀତିର ଏକ ଅଂଶ ଭାବରେ ଏହା କରିଛନ୍ତି, କିନ୍ତୁ ଦୀର୍ଘକାଳୀନ ଭାବରେ, ଏହା ଭାରତର ଅର୍ଥନୈତିକ ସାର୍ବଭୌମତ୍ୱ ଏବଂ ସାମାଜିକ ନ୍ୟାୟ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ଭବିଷ୍ୟତରେ ଏପରି ପ୍ରତିଷ୍ଠାନର ବିଦେଶୀକରଣକୁ ରୋକିବା ପାଇଁ ଜନସାଧାରଣଙ୍କୁ ଦୃଢ଼ ପ୍ରତିରୋଧ କରିବାକୁ ପଡିବ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

## ପୀଡ଼ିତାଙ୍କୁ ଲକ୍ଷେ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା,୧୭।୧୦(ନିପ୍ର): ଝାରସୁଗୁଡ଼ାର ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ଏଥିସହ ଅନ୍ୟ ଏକ ଧାରାରେ ଆଉ ୫ ବର୍ଷ ଜେଲଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପୀଡ଼ିତା ନାବାଳିକାଙ୍କୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତ ହେଲେ ଧୁମା ଓରଫ କାର୍ତ୍ତିକ ଭୂଇଁ (୩୩)। ଉପଲବ୍ଧ ସାକ୍ଷ୍ୟପ୍ରମାଣ ଆଧାରରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତର ବିଚାରପତି ପୂଜା ଷଡ଼ଙ୍ଗୀ ଏହି ରାୟ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଚଳିତବର୍ଷ ଅଗଷ୍ଟ ୧୨ ତାରିଖରେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ଥାନା ଅନ୍ତର୍ଗତ ଏକ ଗ୍ରାମରେ ଚାରି ବର୍ଷର ଜଣେ ନାବାଳିକା ନିଜ ଘର ସମ୍ମୁଖରେ ଖେଳୁଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କୁ କୁରକୁରେ ଦେବାର ପ୍ରଲୋଭନ ଦେଖାଇ ଘର ଭିତରକୁ ନେଇଯାଇ ଯୌନ ନିର୍ଯାତନା ଦେଇଥିଲେ। ନିକଟରେ ରହୁଥିବା ଜଣେ ପଡ଼ୋଶୀ ମହିଳା ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାକୁ ନେଇ ଅଗଷ୍ଟ ୧୪ ତାରିଖରେ ପୀଡ଼ିତାଙ୍କ ପରିବାର ପକ୍ଷରୁ ଲଖନପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଶେଷ କରିବା ପରେ ଆବଶ୍ୟକ ଦସ୍ତାବିଜ, ପରୀକ୍ଷା ରିପୋର୍ଟ ଓ ଅଭିଯୋଗପତ୍ର ଅଦାଲତରେ ଦାଖଲ କରିଥିଲା। ଏହି ମାମଲାରେ ପବ୍ଲିକ ପ୍ରସିକ୍ୟୁଟରଙ୍କ ଉପନିର୍ଦ୍ଦେଶକ ବୃନ୍ଦାବନ ନାୟକଙ୍କ ତଦାରଖରେ ସ୍ୱତନ୍ତ୍ର ସରକାରୀ ଓକିଲ ରାଜକୁମାର ଶ୍ରୀବାସ ମକଦ୍ଦମା ପରିଚାଳନା କରୁଥିଲେ।

## ଦୁର୍ଗା ପୂଜା ଉପଲକ୍ଷେ ଶ୍ରୀକ୍ଷେତ୍ର ଚଳଚଞ୍ଚଳ

ପୁରୀ,୧୭/୧୦ (ନିପ୍ର):ପୁରୀ ସହରରେ ଥିବା ସମସ୍ତ ଦେବୀ ପୀଠ ଗୁଡ଼ିକରେ ମହାସପ୍ତମୀ ପାଇଁ ମାଙ୍କୁ ଦର୍ଶନ କରିବା ପାଇଁ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କର ପ୍ରବଳ ଭିଡ଼ ଲାଗିରହିଥିବା ଦେଖାଯାଇଛି। ଶ୍ରୀମନ୍ଦିର ବେଢା ମଧ୍ୟରେ ଥିବା ମା ବିମଳାଙ୍କର ମହାସପ୍ତମୀ ପୂଜା ସମେତ କକୁଡ଼ିଖାଇ, ଜହ୍ନିଖାଇ, ବାରବାଟି,ସୁନ୍ୟୋଘୋଷାଣି, ହରଚଣ୍ଡି ଠାକୁରାଣୀଙ୍କ ସହ ନାଗାମୂର୍ତ୍ତୀ,ସମ୍ପତିଚଢ଼େଇ, ମହାଦେବଙ୍କ ପୀଠ ଗୁଡ଼ିକ ରେ ତ୍ରିଦିନାତ୍ମକ ପୂଜା ଆରମ୍ଭ ହୋଇଛି । ସେହିପରି ଦୁର୍ଗା ବାଡି,ବଡ଼ ଶଙ୍ଖ,ଜିଲ୍ଲା ସ୍କୁଲ ସମେତ ରେଳ ଷ୍ଟେସନ୍‌ରେ ଦୁର୍ଗା ମୂର୍ତ୍ତି ମଣ୍ଡପ ଗୁଡ଼ିକରେ ପୂଜିତ ହେଉଛନ୍ତି। ମଣ୍ଡପ ଗୁଡ଼ିକ ସମ୍ମୁଖରେ ସ୍ୱଚ୍ଛ ଆକର୍ଷଣ ତୋରଣମାନ ପ୍ରସ୍ତୁତି ହେବା ସହ ମଣ୍ଡପ ଗୁଡ଼ିକ ରଙ୍ଗ ବେରଙ୍ଗ ବିଦ୍ୟୁତ୍ ଆଲୋକ ମୟରେ ସୁସଜ୍ଜିତ କରାଯାଇଛି ପୂଜା ଛୁଟି ଅବସରରେ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକମାନଙ୍କର ଆଗମନର ସୁଅ ଛୁଟିଛି। ସହରରେ ଥିବା ବିଭିନ୍ନ ହୋଟେଲ୍, ଲଜିଂ ହାଉସ, ଗେଷ୍ଟ୍ ହାଉସ୍ ଗୁଡିକରେ କୋଠରୀ ଖାଲି ନ ଥିବା କୁହାଯାଉଛି। ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ବେଳ ଭୂମିରେ ଥିବା ବିଭିନ୍ନ ହୋଟେଲ୍ ବିଦ୍ୟୁତ୍ ଆଲୋକ ମାଳରେ ସୁସଜ୍ଜିତ କରାଯାଇଛି। ବିଭିନ୍ନ ଦେବୀ ପୀଠ ଗୁଡ଼ିକରେ ପ୍ରତ୍ୟୁଷରୁ ଚଣ୍ଡୀ ପାଠ ସହ ପାରମ୍ପରିକ ରୀତିନୀତି ଅନୁସାରେ ଷୋଡଶ ଉପଚାରରେ ପୂଜା ଆରମ୍ଭ ହୋଇଛି।

## ଡଃ ଅଭିଷିକ୍ତା ଦାସ ପାଇଲେ ଓଡିଶା ଗୌରବ ଜାତୀୟ ସମ୍ମାନ ୨୦୨୬

ଭବାନୀପାଟଣା, ୧୭/୧୦ (ନି.ପ୍ର)- ଭୁବନେଶ୍ୱରର ହୋଟେଲ ମେଫେୟାରଠାରେ ନେସନାଲ ଏକାଡେମୀ ଅଫ ସାକ୍ଷରତା ମିଶନ ତରଫରୁ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ନୂଆପଡା ନିବାସୀ ସ୍ୱର୍ଗତ ଶିବଶଙ୍କର ଦାସ ଓ ରୀତାଞ୍ଜଳି ଦାସଙ୍କ ଏକ ମାତ୍ର କନ୍ୟା ଡଃ ଅଭିଷିକ୍ତା ଦାସଙ୍କୁ ସମ୍ମାନ ଜନକ ଓଡିଶା ଗୌରବ ଜାତୀୟ ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି । ଶ୍ରୀମତୀ ଦାସ ଜଣେ ଦକ୍ଷ ଦାନ୍ତ ରୋଗ ବିଶେଷଜ୍ଞ ତଥା ସମାଜସେବୀ ମଧ୍ୟ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ବିଭିନ୍ନ ସମୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ସବୁ ଆୟୋଜନ କରି ଲୋକଙ୍କ ସେବା କରିଆସୁଛନ୍ତି । ତାସହ ବିଭିନ୍ନ ସମୟରେ ଶୀତ ବସ୍ତ୍ର ବାଣ୍ଟିବ ଛତା ବାଣ୍ଟିବା ଗରିବଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇବା ପରି ଜନସେବା କାର୍ଯ୍ୟକ୍ରମ ସବୁ କରିଆସୁଛନ୍ତି । ଶ୍ରୀମତୀ ଦାସ ଏହି ସମ୍ମାନ ପାଇଲା ପରେ ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଛି । ତାଙ୍କୁ ବିଭିନ୍ନ ସଂଗଠନ ତଥା ବ୍ୟକ୍ତି ବିଶେଷ ଶୁଭେଚ୍ଛା ବାର୍ତ୍ତା ଜଣାଉଛନ୍ତି।

## ଚର୍ଚ୍ଚାରେ ଲଇକେରା ବିଇଓ କାର୍ଯ୍ୟାଳୟ
### ବିଭିନ୍ନ ସରକାରୀ କାର୍ଯ୍ୟରେ ଅର୍ଥ ଦାବି ଅଭିଯୋଗ

ଝାରସୁଗୁଡ଼ା,୧୭।୧୦ (ନିପ୍ର): ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) କାର୍ଯ୍ୟାଳୟ ବିଭିନ୍ନ କାର୍ଯ୍ୟକୁ ନେଇ ଏବେ ଚର୍ଚ୍ଚାରେ ରହିଛି। ସରକାରୀ କାର୍ଯ୍ୟ ସମ୍ପାଦନଠାରୁ ଆରମ୍ଭ କରି ଶିକ୍ଷକଙ୍କ ବିଭିନ୍ନ ଆବେଦନର ଅନୁମୋଦନ ପର୍ଯ୍ୟନ୍ତ ଅର୍ଥ ଦାବି କରାଯାଉଥିବା ନେଇ କେତେକ ଶିକ୍ଷକ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ନେଇ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଘଟଣାର ନିରପେକ୍ଷ ତଦନ୍ତ ଦାବି ହୋଇଛି। ନିଜ ନାମ ପ୍ରକାଶ ନକରିବା ସର୍ତ୍ତରେ କେତେକ ଶିକ୍ଷକ ଅଭିଯୋଗ କରିଛନ୍ତି ଯେ, କାର୍ଯ୍ୟାଳୟରେ ସାଧାରଣ କାର୍ଯ୍ୟଠାରୁ ଆରମ୍ଭ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ସମ୍ପାଦନ ପର୍ଯ୍ୟନ୍ତ ଅର୍ଥ ଦେବାକୁ ପଡୁଥିବା ଅଭିଯୋଗ ରହିଛି। କାର୍ଯ୍ୟାଳୟର କେତେକ କର୍ମଚାରୀ ଓ ଅଧିକାରୀଙ୍କ ମାଧ୍ୟମରେ ଏପରି କାର୍ଯ୍ୟ ହେଉଥିବା ସେମାନେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟ ପରିଦର୍ଶନ ପାଇଁ ଅଧିକାରୀମାନେ ଗଲେ ଗାଡ଼ିର ଇନ୍ଧନ ଖର୍ଚ୍ଚ ବାବଦରେ ଅର୍ଥ ଦାବି କରାଯାଉଛି। ଏହି ଅର୍ଥ ନଗଦ ଆକାରରେ ନନେଇ କେତେକ ତେଲ ଟାଙ୍କିର କ୍ୟୁଆର କୋଡ୍ ମାଧ୍ୟମରେ ପଠାଇବାକୁ କୁହାଯାଉଥିବା ଅଭିଯୋଗ ହୋଇଛି। ସେହିପରି 'ମୋ ସ୍କୁଲ ଅଭିଯାନ' ଅଧୀନରେ ବିଦ୍ୟାଳୟର ବିକାଶ ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥର ହିସାବ ଚୂଡ଼ାନ୍ତ କରିବା, ଓଟିଇଟି ଉତ୍ତୀର୍ଣ୍ଣ ପ୍ରମାଣପତ୍ର ସେବା ପୁସ୍ତିକାରେ ସଂଲଗ୍ନ କରିବା ଏବଂ ଲେଭଲ୍-୪ରୁ ଲେଭଲ୍-୩କୁ ପଦୋନ୍ନତି ପାଇଥିବା ଶିକ୍ଷକଙ୍କ କ୍ଷେତ୍ରରେ ମଧ୍ୟ ଅର୍ଥ ଦାବି ହୋଇଥିବା ଅଭିଯୋଗ ରହିଛି। ଚଳିତ ଦୁର୍ଗାପୂଜା ଅବସରରେ ଶିକ୍ଷକମାନଙ୍କୁ ସରକାରଙ୍କ ପକ୍ଷରୁ ମିଳୁଥିବା ପୂଜା ଅଗ୍ରିମ ଅନୁମୋଦନ ପାଇଁ ପ୍ରତ୍ୟେକ ଆବେଦନପତ୍ର ପିଛା ୫୦୦ରୁ ୧,୦୦୦ ଟଙ୍କା ପର୍ଯ୍ୟନ୍ତ ଦାବି କରାଯାଉଥିବା ମଧ୍ୟ କେତେକ ଶିକ୍ଷକ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ବାର୍ଷିକ ବେତନ ବୃଦ୍ଧି (ଇନକ୍ରିମେଣ୍ଟ) ମଞ୍ଜୁର, ଉଚ୍ଚ ପଦୋନ୍ନତି ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ ପାଇଁ ମଧ୍ୟ ଅର୍ଥ ଦାବି କରାଯାଉଥିବା ଅଭିଯୋଗ ହୋଇଛି। ଏହି ସମସ୍ତ ଅଭିଯୋଗକୁ ନେଇ ବ୍ଲକର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରିବା ସହ ସମ୍ପୃକ୍ତ କାର୍ଯ୍ୟାଳୟର କାର୍ଯ୍ୟପ୍ରଣାଳୀର ତଦନ୍ତ କରାଯିବା ଆବଶ୍ୟକ ବୋଲି ଶିକ୍ଷକ ମହଲରୁ ଦାବି ହୋଇଛି।

# ବଡ଼ଦାଣ୍ଡରେ ଖୋଲା ଆକାଶ ତଳେ ଗରିବ ଶ୍ରଦ୍ଧାଳୁମାନଙ୍କ ରାତ୍ରି ଯାପନ

ପୁରୀ,୧୭।୧୦ (ନିପ୍ର); ଶ୍ରୀମନ୍ଦିରକୁ ଆସୁଥିବା ଗରିବ ଶ୍ରେଣୀର ଶ୍ରଦ୍ଧାଳୁ ମାନେ ବଡଦାଣ୍ଡରେ ଖୋଲା ଆକାଶ ତଳେ ରାତ୍ରି ଯାପନ କରୁଛନ୍ତି। ଅର୍ଥ ଅଭାବ ହେତୁ ଗରିବ ଶ୍ରଦ୍ଧାଳୁମାନେ ହୋଟେଲ, ଲଜିଂରେ ରହି ପାରୁନାହାନ୍ତି। ବଡଦାଣ୍ଡରେ ସୁଲଭ ମୂଲ୍ୟରେ ରାତ୍ରି ଯାପନ ବ୍ୟବସ୍ଥା ନଥିବାରୁ ବାଧ୍ୟ ହୋଇ ଗରିବ ଲୋକ ମାନେ ବର୍ଷା, ଶୀତ କାକରରେ ବଡଦାଣ୍ଡ ରେ ରାତି କାଟୁଛନ୍ତି। ସେପଟେ ଗରିବ ଶ୍ରେଣୀର ଶ୍ରଦ୍ଧାଳୁ ମାନେ ସ୍ୱଳ୍ପ ମୂଲ୍ୟରେ ରହିବା ପାଇଁ ସରକାରଙ୍କ ପକ୍ଷରୁ ହେଉଥିବା ବାସେଳି ସାହି ଥାନା ପାଖରେ ନିର୍ମିତ ହୋଉଥିବା ଧର୍ମଶାଳା ନିର୍ମାଣ ଅତ୍ୟନ୍ତ କଚ୍ଛପ ଗତିରେ ଚାଲୁଛି। ନିର୍ମାଣ ଅବଧି ଗତ ଦୁଇ ବର୍ଷ ତାଳେ ଶେଷ ହୋଇସାରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଧର୍ମଶାଳା ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଗରିବ ଲୋକ ମାନେ ଅତି ଦୟନୀୟ ଅବସ୍ଥାରେ ବଡଦାଣ୍ଡ ରେ ରାତି କାଟୁଥିବା ବେଳେ ବାସେଳି ସାହି ଧର୍ମଶାଳା ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାରେ ପ୍ରଶାସନର ଅବହେଳାକୁ ସମାଲୋଚନା କରିଛନ୍ତି ଭକ୍ତ ଓ ସେବାୟତ। ଗରିବ ଶ୍ରଦ୍ଧାଳୁଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ହେଉଥିବା ଧର୍ମଶାଳା ନିର୍ମାଣ କାର୍ଯ୍ୟ ଯଥା ଶୀଘ୍ର ଶେଷ କରିବାକୁ ଭକ୍ତ ଓ ସେବାୟତ ଦାବି କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯୋଗୁଁ ଶ୍ରୀମନ୍ଦିର ଚାରିପାଖରେ ଥିବା ମଠ, ଲଜିଂକୁ ସରକାର ଉଚ୍ଛେଦ କରିଦେଲେ।

ପୂର୍ବରୁ ଭକ୍ତମାନେ ଶ୍ରୀମନ୍ଦିର ଚରିପାଖରେ ଥିବା ବିଭିନ୍ନ ମଠ, ଲଜିଂରେ ଖୁବ୍ ସ୍ୱଳ୍ପ ମୂଲ୍ୟରେ ରହୁଥିଲେ। ତେବେ ମଠ, ଲଜିଂ ଉଚ୍ଛେଦ ପରେ ଗରିବ ଶ୍ରେଣୀର ଶ୍ରଦ୍ଧାଳୁମାନଙ୍କ ରହଣି ପାଇଁ ତତ୍କାଳିନ ସରକାର ବାସେଳି ସାହି ଥାନା ପାଖରେ ଥିବା ଏକ ସ୍ଥାନରେ ଧର୍ମଶାଳା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଅବଢ଼ା ଯୋଜନାରେ ୫ ଟି କୋଠା ନିର୍ମାଣ ଆରମ୍ଭ ହୋଇଥଲା।୨୦୨୨ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଅତ୍ୟନ୍ତ ଧିମା ଗତିରେ ଚାଲିଛି। ଓବିସିସି ପକ୍ଷରୁ ୨୦୨୨ ଅଗଷ୍ଟ ୨୩ ରେ ଧର୍ମଶାଳା ପ୍ରକଳ୍ପ ନିମନ୍ତେ ଏକ ପ୍ରୋଜେକ୍ଟ ଲିମିଟେଡ ସଂସ୍ଥାକୁ ୧୩୫.୬ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ୨୪ ମାସ ମଧ୍ୟରେ ଅର୍ଥାତ୍ ୨୦୨୪ ଅଗଷ୍ଟ ୨୨ ତାରିଖରେ ଏହି ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା।

ହେଲେ ଅବଧି ପୂରିବାର ୨ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ଧର୍ମଶାଳା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଫଳରେ ବଡଦାଣ୍ଡରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ବିଭିନ୍ନ କାରଣରୁ ରାତି କାଟିବାକୁ ବାଧ୍ୟ ହେଉଛନ୍ତି। ହୋଟେଲ, ଲଜିଂ ଚଢ଼ାଦର ପକେଟକୁ ସୁହାଉନଥିବାରୁ ବାଧ୍ୟ ହୋଇ ବଡଦାଣ୍ଡରେ ରାତି କାଟୁଥିବା ଜଣାପଡିଛି। ପୁର୍ବରୁ ଯାତ୍ରୀମାନେ ଶ୍ରୀମନ୍ଦିର ଚାରିପଟେ ଥିବା ମଠ, ଲଜିଂ , ଧର୍ମଶାଳାରେ ଅତି କମ୍ ମୂଲ୍ୟରେ ରାତ୍ରିଯାପନ କରୁଥିଲେ। ଏବେ ଭକ୍ତଙ୍କ ପାଇଁ କୌଣସି ସୁଲଭ ମୂଲ୍ୟରେ ଧର୍ମଶାଳା, ଲଜିଂ ଉପଲବ୍ଧ ନଥିବାରୁ ଗରିବ ଶ୍ରେଣୀର ଶ୍ରଦ୍ଧାଳୁ ମାନେ ବାଧ୍ୟ ହୋଇ ବର୍ଷା, ଶୀତ କାକରରେ ବଡ଼ଦାଣ୍ଡରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରାତି କାଟୁଛନ୍ତି। ଅବଢ଼ା ଯୋଜନାରେ ୫ଟି ବଡ ବଡ କୋଠା ନିର୍ମାଣ କରାଯାଉଛି।

ଏଥିରେ ରହଣି ପାଇଁ ପ୍ରାୟ ୩୭୦୦ ଶଯ୍ୟା ବ୍ୟବସ୍ଥା ରହିଛି। ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବାସେଳି ସାହି ଧର୍ମଶାଳା ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଥିବା ବେଳେ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ଆଗାମୀ କିଛି ମାସ ମଧ୍ୟରେ ଏହା ପୂର୍ଣ୍ଣାଙ୍ଗ ରୂପ ନେବ। ଏହି ଧର୍ମଶାଳାରେ ଭକ୍ତଙ୍କ ପାଇଁ ଡର୍ମେଟାରି କକ୍ଷ ରହିବ। ଏହାକୁ ପରିଚାଳନା ପାଇଁ କର୍ମଚାରୀ ରହିବେ। ଯାତ୍ରୀଙ୍କ ରହଣି ପାଇଁ ଖୁବ୍ କମ୍ ମୂଲ୍ୟରେ ବ୍ୟବସ୍ଥା କରାଯିବ। ଆଉ କିଛି ମାସ



ମଧ୍ୟରେ ଏହି ଧର୍ମଶାଳା ଯାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି।

## ବୌଦ୍ଧ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ଉଦ୍‌ଯାପିତ

ବୌଦ୍ଧ,୧୭।୧୦(ନିପ୍ର):ବୌଦ୍ଧ ଶିଶୁଯତ୍ନ ଅନୁଷ୍ଠାନ ରାମକୃଷ୍ଣ ବାଳାଶ୍ରମ, ବୀରନରସିଂପୁର ଠାରେ ଶିଶୁଯତ୍ନ ଅନୁଷ୍ଠାନର ଶିଶୁ ମାନଙ୍କୁ ନେଇ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ "ମହକ ଓ ଉତ୍ସାହ- ୨୦୨୬" ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ହୋଇଯାଇଛି । ଉଦଯାପନୀ ସଭାରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁମାନେ ଅନୁଶାସନ ଓ ପରମ୍ପରାକୁ ଅନୁସରଣ କରିବା ସହ ସମୟାନୁବର୍ତ୍ତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ବିଭିନ୍ନ ବାଧାବିଘ୍ନ ଅତିକ୍ରମ କରି କିଛି ଛାତ୍ରଛାତ୍ରୀ କିଭଳି ସଫଳତାର ସ୍ୱାଦ ପାଇଛନ୍ତି ତାହାର ଉଦାହରଣ ମଧ୍ୟ ରଖିଥିଲେ। ପାଠ ପଢ଼ିବା ପାଇଁ ଅର୍ଥ ବାଧକ ନୁହେଁ, ଏଭଳି ଶିଶୁମାନଙ୍କ ପାଇଁ ସରକାର ସବୁବେଳେ ତତ୍ପର ବୋଲି କହିଥିଲେ। ସରକାର ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କର ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ, ବିକାଶ ତଥା ଚିହ୍ନଟ କରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ସମ୍ମାନିତ କରିବାପାଇଁ ସୁଯୋଗ ସୃଷ୍ଟି କରିଛନ୍ତି ଏବଂ ସେମାନଙ୍କର ଅଂଶଗ୍ରହଣ କରିବାର ଅଧିକାରକୁ ସୁନିଶ୍ଚିତ କରିଛନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସାଗରିକା ଦତ୍ତ, ଟିପିଏସଓଡ଼ିଏଲ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ ନରେଶ ଚନ୍ଦ୍ର ଆଚାର୍ଯ୍ୟ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ , ସଦସ୍ୟ ସୀତାକାନ୍ତ ସାହୁ ଯୋଗଦେଇ ଶିଶୁମାନଙ୍କ ପ୍ରତିଭାକୁ ପ୍ରଶଂସା କରିବା ସହ କୌଣସି




ଅସୁବିଧା ହେଲେ ଜିଲ୍ଲା ପ୍ରଶାସନର ସହାୟତା ନେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସେକ୍ରେଟାରୀ ରାମକୃଷ୍ଣ ବାଳାଶ୍ରମ ନବୀନ ଚନ୍ଦ୍ର ବଘାର ତାଙ୍କର ମତବ୍ୟକ୍ତ କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିବାବେଳେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସୌଜନ୍ୟମୂଳକ ଉପହାର ଓ ମାନପତ୍ର ଦିଆଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

## କୁମାର ଉତ୍ସବ ପାଇଁ ପ୍ରସ୍ତୁତି

ପିପିଲି,୧୭।୧୦(ନିପ୍ର); ପିପିଲି ବ୍ଲକ ଅଲାରପୁର ହରୁଦୁର୍ଗା ୟୁଥ୍ କ୍ଲବ୍ ପକ୍ଷରୁ ଦୁଇ ଦିନିଆ ୧୬ତମ କୁମାର ଉତ୍ସବ ଆସନ୍ତା ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହେବ। ଏଥି ପାଇଁ ଗୁରୁବାର ରାତିରେ କ୍ଲବ୍ ଘରେ ଏକ ପ୍ରସ୍ତୁତି ବୈଠକ ୟୁଥ୍ କ୍ଲବ୍ ସଭାପତି ଅଶ୍ୱିନୀ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପାଇଁ ଏହି ଉତ୍ସବରେ ବାଚସ୍ପତି ଓଡିଶା ବିଧାନ ସଭା ସୁରମା ପାଢ଼ୀ, ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ମହଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ଲୋକସଭା ସାଂସଦ ସମ୍ବିତ ପାତ୍ର, ଅତିରିକ୍ତ ଶାସନ ସଚିବ ଡ ସ୍ମିତା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଭଳି ଉତ୍ସବରେ ୨ଦିନ ପାଇଁ ରାଜ୍ୟ ଓ ରାଜ୍ୟ ବାହାର କଳାକାର ମାନେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିବେ। ବିଶେଷ କରି ବଲିଉଡ କଳାକାର ରବି କିଶନ ଉତ୍ସବରେ ଯୋଗଦେବାର କାର୍ଯକ୍ରମ ରହିଥିବା ନେଇ ୟୁଥ୍ କ୍ଲବ୍ ସଭାପତି ଅଶ୍ୱିନୀ ସାହୁ ସୂଚନା ଦେଇଛନ୍ତି।

## ଧାନ ଫସଲରେ ରୋଗପୋକ,କ୍ଷେତ୍ର ମାଡୁନାହାନ୍ତି ଅଧିକାରୀ
## କୋମାରେ କୃଷି ବିଭାଗ !

ଭାପୁର,୧୭।୧୦ (ନିପ୍ର): ଚଳିତ ବର୍ଷ ଅନୁକୂଳ ପାଗ ପାଇଁ ଭାପୁର ବ୍ଲକ ଅଞ୍ଚଳରେ ଖରିଫ ଧାନ ଫସଲ ଭଲ ହୋଇଥିବାବେଳେ ବର୍ତ୍ତମାନ ଦାଉ ସାଧୁଛି ରୋଗପୋକ।ଦିନକୁ ଦିନ ରୋଗପୋକ ଧାନ ଫସଲରେ ମାଡୁଥିବାବେଳେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି ଏବଂ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟାଳୟ ଛାଡି କ୍ଷେତ୍ର ମାଡୁ ନ ଥିବା ଅଭିଯୋଗ ହୋଇଛି ତେଣୁ,ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ଏହାର ସମାଧାନ ସହ କ୍ଷତିଗ୍ରସ୍ତ ଚାଷୀ ଙ୍କୁ କ୍ଷତି ପୂରଣ ପ୍ରଦାନ ପାଇଁ ଭାପୁର ବ୍ଲକର ଚାଷୀମାନେ ଦାବୀ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ବର୍ତ୍ତମାନ ଧାନ ଥୋଡ଼ ଧରୁଥିବାବେଳେ ଫସଲରେ ରୋଗପୋକ ଲାଗିଲାଣି। ଧାନ ପତ୍ର ସବୁ ହଳଦିଆ ରଙ୍ଗ ହୋଇଗଲାଣି। ରୋଗପୋକ ସମ୍ପର୍କରେ ଚାଷୀ ମାନେ ଭାପୁର କୃଷି ବିଭାଗ ଅଧିକାରୀଙ୍କ ସହିତ କଥା ହୋଇପାରୁ ନାହାନ୍ତି। ଚାଷୀ ମାନେ ଯେତେବେଳେ ଅଫିସ ଗଲେ



କର୍ମଚାରୀମାନଙ୍କ ଠାରୁ କୃଷି ଅଧିକାରୀ ଅନୁପସ୍ଥିତ ରହିଛନ୍ତି ବୋଲି ଶୁଣିବାକୁ ମିଳୁଛି ଫଳରେ,ଦିନକୁ ଦିନ କ୍ଷେତରେ ରୋଗ ମାଡ଼ିଯିବା ସହିତ ଫସଲ ନଷ୍ଟ ହେବାରେ ଲାଗିଛି।ରୋଗପୋକ ନିମନ୍ତେ ଔଷଧ ପକେଇବା ପାଇଁ ଚାଷୀଙ୍କ ନିକଟରେ ଧନ ନ ଥିବାରୁ କାନ ମୁଣ୍ଡା ଆଉଁସି ଘରେ ରହୁଛନ୍ତି। କୃଷି ବିଭାଗରୁ ଚାଷୀଙ୍କ ପାଇଁ କୌଣସି ସରକାରୀ ସହାୟତା ମିଳୁ ନ ଥିବାରୁ ଧାର କରଜ କରି ବଜାର ରୁ ଔଷଧ ନେଇ ପକାଉଛନ୍ତି। ଶୁଣିବାକୁ ମିଳେ , ରାଜ୍ୟ ସରକାରଙ୍କ ପକ୍ଷରୁ ସବସିଡି ଯୁକ୍ତ ରାସାୟନିକ ସାର ଚାଷୀମାନଙ୍କ ପାଇଁ ମିଳୁଥିବା ବେଳେ ଏହା ମୁହଁ ଦେଖି କାରବାର ହେଉଛି ବୋଲି ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଭାପୁର ବ୍ଲକ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

## କଳାହାଣ୍ଡିରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂବାଦ'

ଭବାନୀପାଟଣା,୧୭।୧୦ (ନିପ୍ର); ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟସ୍ଥ ଓସ୍ୱାନ୍ ହଲ୍‌ଠାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଙ୍କ ଅଧ୍ୟକ୍ଷତାରେ 'ବିକଶିତ ଭାରତ ଯୁବ ନେତୃତ୍ୱ ସଂବାଦ' ଏବଂ ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ-୨୦୨୭ର ସଫଳ ଆୟୋଜନ ନେଇ ଭିଡିଓ କନଫରେନ୍ସି ମାଧ୍ୟମରେ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ୍ରମେ ଯୁବବର୍ଗଙ୍କ ସାଂସ୍କୃତିକ ପ୍ରତିଭାର ବିକାଶ ଓ ଭାରତର ବିବିଧ ପରମ୍ପରାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ମହୋତ୍ସବର ଆୟୋଜନ କରାଯାଉଛି। ଜିଲ୍ଲାର ସମସ୍ତ ୧୩ଟି ବ୍ଲକ୍ ଏବଂ ୪ଟି ପୌରାଞ୍ଚଳ (ଭବାନୀପାଟଣା ପୌରପାଳିକା, କେସିଙ୍ଗା, ଜୁନାଗଡ଼ ଓ ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ) ରେ ବ୍ଲକ/ପୌର ସ୍ତରୀୟ ଚୟନ ପ୍ରକ୍ରିୟା ଶେଷ କରାଯିବ। ଏହି ସ୍ତରରୁ ମନୋନୀତ ବିଜେତାମାନଙ୍କ ତାଲିକା ଆସନ୍ତା ଅକ୍ଟୋବର ୩୧, ୨୦୨୬ ସୁଦ୍ଧା ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ନିକଟରେ ଦାଖଲ କରାଯିବ। ଏହାପରେ ଆସନ୍ତା ନଭେମ୍ବର ୩ ଓ ୪, ୨୦୨୬ ରେ ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହେବ। ୧୭.୦୮.୨୦୨୬ ସୁଦ୍ଧା ୧୫ ରୁ ୨୯ ବର୍ଷ ବୟସର ସ୍କୁଲ, କଲେଜ, ଗ୍ରାମୀଣ ଯୁବ କ୍ଲବ, ଗଣ ଭାରତ ସ୍ୱେଚ୍ଛାସେବୀ ଓ ଏନଏସଏସ ର ଯୁବକ/ଯୁବତୀମାନେ ଓ ଅନ୍ୟାନ୍ୟ ଯୋଗ୍ୟ ଯୁବ ଗୋଷ୍ଠୀ ଭାଗ ନେଇପାରିବେ। ସମସ୍ତ ପ୍ରତିଯୋଗୀଙ୍କ ପାଇଁ ଗଣ ଭାରତ ପୋର୍ଟାଲରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ। ଚଳିତ ବର୍ଷର ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ ରହିଛି 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ' । ଏହି କାର୍ଯ୍ୟକ୍ରମରେ ଲୋକନୃତ୍ୟ, ଲୋକଗୀତ, ପଥପ୍ରାନ୍ତ ନାଟକ (ନୁକ୍କଡ଼ ନାଟକ), ଚିତ୍ରାଙ୍କନ ଏବଂ କବିତା ଲିଖନ (ଓଡ଼ିଆ, ହିନ୍ଦୀ,




ଇଂରାଜୀ) ଭଳି ବିଭିନ୍ନ ବିଭାଗରେ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବ୍ଲକ୍ ଓ ପୌରାଞ୍ଚଳ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନକାରୀମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିବେ। ଜିଲ୍ଲା ସ୍ତରୀୟ ଲୋକଗୀତ, ଲୋକନୃତ୍ୟ ଓ ନୁକ୍କଡ଼ ନାଟକ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜୟୀଦଳ ମାନଙ୍କୁ ଯଥାକ୍ରମେ ୧୦୦୦୦, ୭୫୦୦ ଓ ୫୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ଚିତ୍ରାଙ୍କନ ଓ କବିତା ଲିଖନ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗିମାନଙ୍କୁ ଯଥାକ୍ରମେ ୩୦୦୦, ୨୦୦୦ ଓ ୧୦୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଏହି ବୈଠକରେ ଆଭାସୀ ମାଧ୍ୟମରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଓସ୍ୱାନ୍ ହଲ୍‌ରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା କ୍ରୀଡ଼ା ଅଧିକାରୀ ସନାତନ ମହାରଣା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଡେପୁଟୀ ରେଜିଷ୍ଟ୍ରାର,ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଜୟଦେବ ସାହୁ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସହକାରୀ ଜିଲ୍ଲାପାଳ ପ୍ରିୟ ରଞ୍ଜନ ସେଠ,ଡି ଡବ୍ଲୁ ଓ ଜାନକୀ ବଲ୍ଲଭ ସାମନ୍ତରାୟ, ଡି ପି ଇ ଓ ରୁପ ସିଂ ରାଉତ,ଏ ଡି ଇ ଓ ତପିମଣି ଜାନୀ, ମାଇ ଭାରତ ରୁ ଦୂତୀଆ ବନଛୋର ଏବଂ ଶାଶ୍ୱତ ରଞ୍ଜନ ଠାକୁର ଓ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବହୁଚର୍ଚ୍ଚିତ ଅଡ଼ବାରୁ ହାଇଦ୍ରାବାଦକୁ ମାନବ ଚାଲାଣ ମାମଲାରେ ଡିସଚାର୍ଜ ପିଟିସନ ଖାରଜ

ପାରଳାଖେମୁଣ୍ଡି.୧୭।୧୦ (ନିପ୍ର): ଆଦିବାସୀ ଅଧୁଷିତ ଉପାନ୍ତ ଜିଲ୍ଲା ଗଜପତିରୁ ବେଧଡ଼କ ମାନବ ଚାଲାଣ ଅନ୍ୟ ଜିଲ୍ଲା ତଥା ରାଜ୍ୟକୁ ଲୁଚାଛପାରେ ଜାରି ରହିଥିଲା ତଥା ଅପରାଧୀ ସହଜରେ ଧରା ପଡୁନଥିଲେ। କିନ୍ତୁ ଜୁନ ମାସରେ ଏହିଭଳି ଏକ ସମ୍ବେଦନଶୀଳ ମାମଲାର ଖବର ପାଇ ଅଡ଼ବା ପୋଲିସ ଅତିରିକ୍ତ ଆଇଆଇ.ସି. ନଳିନୀ କୁମାରୀ କଁଅରଙ୍କ ନେତୃତ୍ୱରେ କାଳ ବିଳମ୍ବ ନ କରି ଗଜପତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଆଇ.ପି.ଏସ. ପ୍ରହଲ୍ଲାଦ ସହାୟ ମୀନା ତଥା ଆର. ଉଦୟଗିରି ଏସଡିପିଓ ଆଇ.ପି.ଏସ. ରାକେଶ କୁମାର ସାହୁଙ୍କ ପରାମର୍ଶରେ ହାଇଦ୍ରାବାଦ ଯାଇ ବିଭିନ୍ନ ସ୍ଥାନରେ ଛାପା ମାରିବା ପରେ ଅଭିଯୁକ୍ତ ଈଶ୍ୱର କୁଶୁଲିୟା ତଥା ମୁଖ୍ୟ ଅଭିଯୁକ୍ତ ହାଇଦ୍ରାବାଦ ନିବାସୀ ସରିତା ଜୈନଙ୍କୁ ଗିରଫ କରିବା ସହ ସେଠାରୁ ୬ଜଣ ନାବାଳିକା ସମେତ ୭ଜଣଙ୍କୁ ଉଦ୍ଧାର କରିଥିଲେ। ପରେ ଅଭିଯୁକ୍ତ ଦ୍ୱୟଙ୍କୁ ପର୍ଯ୍ୟାୟ କ୍ରମେ ମୋହନା ଜେ.ଏମ.ଏଫ.ସି. ତଥା ଜିଲ୍ଲା ଓ ଦୌରା ଜଜଙ୍କ ସମ୍ମୁଖରେ ହଜାର କରାଯାଇଥିଲା ଓ ସେମାନଙ୍କର ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ କାରାଗାରକୁ ପଠାଯାଇଥିଲା। ପରେ ଅଭିଯୁକ୍ତଙ୍କ ପକ୍ଷରୁ ଜିଲ୍ଲା ନ୍ୟାୟାଳୟର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ହର ପ୍ରସାଦ ପଟ୍ଟନାୟକଙ୍କ ନିକଟରେ ଚାର୍ଜ ଫ୍ରେମର ଶୁଣାଣି ନିମନ୍ତେ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସରକାରଙ୍କ ପକ୍ଷରୁ ଉକ୍ତ ମାମଲାଟିରେ ପୀଡ଼ିତଙ୍କର ପକ୍ଷ ଉପସ୍ଥାପନ କରି ତଦନ୍ତକାରୀ ଅଧିକାରୀଙ୍କର ଦ୍ୱାରା ଲଗାଯାଇଥିବା ଆରୋପକୁ ଯଥାର୍ଥ ଦର୍ଶାଇ ଚାର୍ଜ ଫ୍ରେମ କରିବା ନିମନ୍ତେ ବିଚାରପତିଙ୍କୁ ପ୍ରାର୍ଥନା କରିଥିଲେ। ସେହିପରି ଦୁଇ ଅଭିଯୁକ୍ତଙ୍କ ତରଫରୁ ଡିସଚାର୍ଜ ପିଟିସନ ଅଦାଲତ ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା।କିନ୍ତୁ ଶୁଣାଣିର ସର୍ବଶେଷରେ ବିଚାରପତି, ପୂର୍ବରୁ ତଦନ୍ତ ସମୟରେ ନ୍ୟାୟିକ ଅଧିକାରୀଙ୍କ ନିକଟରେ ଦେଇଥିବା ସମସ୍ତ ପୀଡିତାଙ୍କ ବୟାନକୁ ନଜରରେ ରଖି ତଥା ରାଜ୍ୟର ଶିଶୁମାନଙ୍କ ଭବିଷ୍ୟତ କଥା ଚିନ୍ତା କରି ଓ ବଳିଷ୍ଠ ପ୍ରମାଣ ଆଧାରକୁ ନଜରରେ ରଖି ଉକ୍ତ ଦୁଇ ଅଭିଯୁକ୍ତଙ୍କର ଡିସଚାର୍ଜ ପିଟିସନ ଖାରଜ କରିବା ସହ ଚାର୍ଜ ଫ୍ରେମ କରି ବିଚାରଣା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଘରୋଇ ହିଂସା ପ୍ରତିରୋଧ ଓ ପୀଡ଼ିତାଙ୍କ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳା

ଭବାନୀପାଟଣା, ୧୭।୧୦ (ନିପ୍ର); ଘରୋଇ ହିଂସାର ପ୍ରତିରୋଧ, ପୀଡ଼ିତାଙ୍କ ଅଧିକାରର ସୁରକ୍ଷା ଏବଂ ଆବଶ୍ୟକ ସହାୟତା ସେବା ସମ୍ପର୍କରେ ସଚେତନତା ବୃଦ୍ଧି ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଭବାନୀପାଟଣା ସ୍ଥିତ ଜିଲ୍ଲା ଯୋଜନା ଓ ସମୀକ୍ଷା ବିଭାଗର ସଭାଗୃହରେ ଅନୁଷ୍ଠିତ ହୋଇଥିଲା।

ଏହି କର୍ମଶାଳାରେ ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଅଧିନିୟମ, ୨୦୦୫ର ବିଭିନ୍ନ ବ୍ୟବସ୍ଥା, ପୀଡ଼ିତାଙ୍କ ପାଇଁ ଉପଲବ୍ଧ ଆଇନଗତ ସୁରକ୍ଷା ଓ ସହାୟତା ସେବା, ପରାମର୍ଶ ପ୍ରଦାନ ପ୍ରକ୍ରିୟା ଏବଂ ସମ୍ପୃକ୍ତ ବିଭାଗ ଗୁଡ଼ିକର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ଘରୋଇ ହିଂସାର ଘଟଣାଗୁଡ଼ିକୁ ଚିହ୍ନଟ କରିବା, ପୀଡ଼ିତାଙ୍କୁ ସମୟୋପଯୋଗୀ ସହାୟତା ଯୋଗାଇବା, ଆବଶ୍ୟକ ସ୍ଥଳେ ଆଇନଗତ ପଦକ୍ଷେପ ଗ୍ରହଣ




କରିବା ଏବଂ ଏକ ସୁଦୃଢ଼ ରେଫରାଲ୍ ବ୍ୟବସ୍ଥା ମାଧ୍ୟମରେ ସମନ୍ୱିତ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଘରୋଇ ହିଂସା ନିରାକରଣ ଦିଗରେ ସାମାଜିକ ସଚେତନତା ବୃଦ୍ଧି ଏବଂ ଭବିଷ୍ୟତ କାର୍ଯ୍ୟଯୋଜନା ପ୍ରସ୍ତୁତି ନେଇ ମଧ୍ୟ ଆଲୋଚନା କରାଯାଇଥିଲା।

ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ନିହାରେନ୍ଦ୍ର ପଣ୍ଡା, ଉପନିର୍ଦ୍ଦେଶକ, ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ସମାଜ କଲ୍ୟାଣ ଅଧିକାରିଣୀ ନିୟତିବଳା ସୋରେନ, କାର୍ଯ୍ୟକ୍ରମ ଅଧିକାରିଣୀ ନମିତା ପୋଲ ,ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଶିଶୁ ମଙ୍ଗଳ ସମିତିର ଅଧକ୍ଷା ସ୍ୱର୍ଣ୍ଣଲତା ମହାନ୍ତି ଓ ସଦସ୍ୟ, ଜିଲ୍ଲା ମହିଳା ହବ୍‌ର ସଂଯୋଜକ ଯୋଗେଶ୍ୱର ବୁଢ଼ିଆ, ପୋଲିସ ଅଧିକାରୀ, ୱାନ୍ ଷ୍ଟପ୍ ସେଣ୍ଟର, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଶକ୍ତି ସଦନ ଏବଂ ଏଫ୍‌ସିସିର ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା ଉପସ୍ଥିତ ଅତିଥି ଓ ସହଭାଗୀ ମାନଙ୍କୁ ସ୍ୱାଗତ ଜଣାଇବା ସହ କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ମହିଳା ହବ୍‌ର ସଂଯୋଜକ ଯୋଗେଶ୍ୱର ବୁଢ଼ିଆ କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ।

ତାଲିମ ଦାତା ଶୁଭ୍ରାଂଶୁ ଶେଖର ନନ୍ଦ କର୍ମଶାଳାକୁ ଆଗକୁ ନେଇଥିଲେ। କର୍ମଶାଳାର ଶେଷରେ ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ଦିବ୍ୟ ରଞ୍ଜନ ଯୋଷି ଉପସ୍ଥିତ ସମସ୍ତ ଅତିଥି, ପ୍ରଶିକ୍ଷକ, ଅଧିକାରୀ ଓ ସହଭାଗୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ କର୍ମଶାଳା ମାଧ୍ୟମରେ ଘରୋଇ ହିଂସାର ଶିକାର ମହିଳାମାନଙ୍କୁ ସମୟୋପଯୋଗୀ ସହାୟତା, ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ସହ ଜିଲ୍ଲାରେ ଏକ ସୁରକ୍ଷିତ, ହିଂସା ମୁକ୍ତ ଓ ମହିଳାଙ୍କ ପ୍ରତି ସମ୍ମାନଜନକ ପରିବେଶ ଗଠନ ଦିଗରେ ସମନ୍ୱିତ ପ୍ରୟାସକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ପୋଲିସର ବର୍ବରତା, ସ୍ୱର ଚାପିଦେବା ଷଡ଼ଯନ୍ତ୍ରର ଅଂଶ: ରାହୁଲ

ନୂଆଦିଲ୍ଲୀ,୧୭।୧୦: ଛାତ୍ରଛାତ୍ରୀ ଓ ମହିଳାଙ୍କ ସମେତ ପ୍ରତିବାଦକାରୀଙ୍କ ଉପରେ ଦିଲ୍ଲୀ ପୋଲିସର ବର୍ବରତା ଲୋକଙ୍କ ସ୍ୱର ଚାପିଦେବା ଏବଂ କେହି ଯେପରି ପ୍ରଶ୍ନ ଉଠାଇବାକୁ ସାହସ ନକରନ୍ତି, ସେଥିପାଇଁ କରାଯାଉଥିବା ଏକ ଷଡ଼ଯନ୍ତ୍ରର ଅଂଶ ବୋଲି ଶନିବାର ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି। ସୋସିଆଲ ମିଡିଆ 'ଏକ୍ସ'ରେ ହିନ୍ଦୀ ଭାଷାରେ ଏକ ପୋଷ୍ଟ କରି ଲୋକସଭାରେ ବିରୋଧୀ ଦଳର ନେତା କହିଛନ୍ତି ଯେ ପୋଲିସର ଏଭଳି ବର୍ବରତା ଲଜ୍ଜାଜନକ ସୀମା ଅତିକ୍ରମ କରିଛି। ରାହୁଲ ଗାନ୍ଧି ନିଜ ପୋଷ୍ଟରେ କହିଛନ୍ତି, 'ଯୌନ ଉତ୍ପୀଡ଼ନ, ପୋଷାକ ଟାଣିବା ଏବଂ ଗୁପ୍ତାଙ୍ଗରେ ଆକ୍ରମଣ। ଗଣତନ୍ତ୍ର ପାଇଁ ସ୍ୱର ଉଠାଉଥିବା ଛାତ୍ରଛାତ୍ରୀ ଓ ମହିଳାଙ୍କ ବିରୋଧରେ ଦିଲ୍ଲୀ ପୋଲିସର ବର୍ବରତା ଲଜ୍ଜାଜନକ ସୀମା ଅତିକ୍ରମ କରିଛି। ଏସବୁ ହେଉଛି ସ୍ୱର ଚାପିଦେବା ପାଇଁ କରାଯାଉଥିବା ସେହି ଷଡ଼ଯନ୍ତ୍ରର ଅଂଶ। ଲୋକଙ୍କୁ ଏତେ ଭୟଭୀତ କରିଦିଆଯାଉଛି ଏବଂ ଏତେ ଅପମାନିତ କରାଯାଉଛି ଯେ, ଯେପରି ସେମାନେ ଆଉ କେବେ ପ୍ରଶ୍ନ ଉଠାଇବାକୁ ସାହସ ନକରନ୍ତି।'

## କକ୍ସ ବଜାରରେ ଅଗ୍ନିକାଣ୍ଡ: ୧୦ ମୃତ, ୯ ଗୁରୁତର

ଢାକା,୧୭।୧୦: ବାଂଲାଦେଶର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କକ୍ସ ବଜାର ଜିଲ୍ଲାସ୍ଥିତ ଏକ ସମୁଦ୍ରକୂଳ ରିସୋର୍ଟରେ ଶନିବାର ଭୋର ସମୟରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଥିବା ସୂଚନାରୁ ଜଣାପଡ଼ିଛି। ବାଉଁଶ ଏବଂ କାଠରେ ନିର୍ମିତ ତିନିମହଲା ବିଶିଷ୍ଟ ଏହି ରିସୋର୍ଟଟି ଅଗ୍ନିକାଣ୍ଡ ଯୋଗୁଁ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ମେରାଇନ୍ ଡ୍ରାଇଭ୍ ନିକଟସ୍ଥ ପାଟୁଆରଟେକ୍ ବେଳାଭୂମି ପାଖରେ ଥିବା 'ଟୁପଟପ୍ ରେଷ୍ଟୋ ଆଣ୍ଡ ରିସୋର୍ଟ'ରେ ସକାଳ ପ୍ରାୟ ୬ଟା ୩୦ ମିନିଟରେ ଏହି ନିଆଁ ଲାଗିଥିଲା। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଦୁର୍ଘଟଣା ସମୟରେ ରିସୋର୍ଟରେ ପ୍ରାୟ ୩୦ ଜଣ ପର୍ଯ୍ୟଟକ ଓ କର୍ମଚାରୀ ଥିଲେ। କେବଳ ୪ ରୁ ୫ ଜଣ ସୁରକ୍ଷିତ ଭାବେ ବାହାରିବାକୁ ସକ୍ଷମ ହୋଇଥିଲେ। କକ୍ସ ବଜାର ଡେପୁଟି କମିସନର ଏ. ମନ୍ନାନ ସୂଚନା ଦେଇଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଉଛି ଏବଂ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ସେମାନଙ୍କର ଡିଏନଏ ନମୁନା ସଂଗ୍ରହ କରାଯାଉଛି। ଆହତମାନଙ୍କୁ କକ୍ସ ବଜାର ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଥିରେ ଅନେକଙ୍କ ଶରୀର ଗୁରୁତର ଭାବେ ପୋଡ଼ିଯାଇଥିବା ଚିକିତ୍ସାଧୀନ ଡାକ୍ତର ସୂଚନା ଦେଇଛନ୍ତି।

## ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା ପୂର୍ବତନ ବିଜେପି ବିଧାୟକଙ୍କ ଘରେ ଚଢ଼ାଉ

ନୂଆଦିଲ୍ଲୀ,୧୭।୧୦: ଉତ୍ତରାଖଣ୍ଡର ବହୁଚର୍ଚ୍ଚିତ ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ ଏବେ ତଦନ୍ତ ଜୋରଦାର ହୋଇଛି। ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ପକ୍ଷରୁ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଜ୍ୱାଲାପୁରର ପୂର୍ବତନ ବିଜେପି ବିଧାୟକ ସୁରେଶ ରାଠୋରଙ୍କ ହରିଦ୍ୱାରସ୍ଥିତ ବାସଭବନରେ ସିବିଆଇ ଟିମ୍ ଚଢ଼ାଉ କରିଛି। ଏହା ସହ ଡେରାଡୁନର ଶିବାଲିକ ଗେଷ୍ଟ ହାଉସରେ ତାଙ୍କୁ ଜେରା କରାଯାଉଥିବା ସୂଚନା ମିଳିଛି। ଏହି କାର୍ଯ୍ୟାନୁଷ୍ଠାନ ପରେ ଉତ୍ତରାଖଣ୍ଡର ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସୂତ୍ର ଅନୁସାରେ, ଗତ ଡିସେମ୍ବରରେ ଅଭିନେତ୍ରୀ ଉର୍ମିଳା ସନାୱରଙ୍କ ଏକ ଭିଡିଓ ସାମ୍ନାକୁ ଆସିବା ପରେ ପୂର୍ବତନ ବିଧାୟକ ସୁରେଶ ରାଠୋରଙ୍କ ଏକ କଥିତ ଅଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା। ଏହି ଅଡିଓରେ ଅଙ୍କିତା ହତ୍ୟା ମାମଲାରେ ଜଣେ କଥିତ ଭିଆଇପିଙ୍କ ସମ୍ପୃକ୍ତି ନେଇ ଆଲୋଚନା ହୋଇଥିବା ଦାବି କରାଯାଇଥିଲା। ଏପରିକି ଜଣେ ବରିଷ୍ଠ ନେତାଙ୍କ ନାଁ ମଧ୍ୟ ଯୋଡ଼ାଯାଇଥିଲା। ତେବେ ଏହି ଅଡିଓର ସତ୍ୟତା ଓ ଦାବିଗୁଡ଼ିକର ପ୍ରମାଣ ତଦନ୍ତର ବିଷୟ। ଅନ୍ୟପଟେ, ଝିଅ ଅଙ୍କିତାଙ୍କୁ ନ୍ୟାୟ ଦେବା ଦାବିରେ ତାଙ୍କ ବାପା ବୀରେନ୍ଦ୍ର ଭଣ୍ଡାରୀ ଓ ମାଆ ସୋନି ଦେବୀ ନୂଆଦିଲ୍ଲୀରେ ସିବିଆଇ ମୁଖ୍ୟାଳୟରେ ପହଞ୍ଚିଥିଲେ।

## ଦିଲ୍ଲୀରେ ଡିଟିସି ବସ୍ ଧକ୍କାରେ ଜଣେ ମୃତ, ୫ ଆହତ

ନୂଆଦିଲ୍ଲୀ,୧୭।୧୦: ଦିଲ୍ଲୀର ଆନନ୍ଦ ପର୍ବତ ଅଞ୍ଚଳରେ ଶନିବାର ଏକ ଡିଟିସି ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଲୋକ ଆହତ ହୋଇଛନ୍ତି। ଡିବିଜି ରୋଡରେ ଘଟିଥିବା ଏହି ଦୁର୍ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଜଣେ ମହିଳା ବସ୍ ଚଳାଉଥିଲେ। ବସ୍‌ଟି ଏକ ସ୍କୁଟିକୁ ଧକ୍କା ଦେବା ପରେ ନିୟନ୍ତ୍ରଣ ହରାଇଥିଲା। ସ୍କୁଟିରେ ଥିବା ଦୁଇଜଣ ଲୋକ ଆହତ ହୋଇଥିଲେ। ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଚାରି ଲୋକ ମଧ୍ୟ ବସ୍ ଧକ୍କାରେ ଆହତ ହୋଇଥିଲେ। ଦୁର୍ଘଟଣା ଯୋଗୁ ସ୍କୁଟିଟି ବସ୍ ତଳେ ଫସି ଯାଇଥିଲା। ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକେ ବସ୍ ଉପରକୁ ପଥର ମାଡ଼ କରିଥିଲେ।

## ଆରଜି କର ମେଡିକାଲ କଲେଜ ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ସୁପ୍ରିମକୋର୍ଟରୁ ଜାମିନ୍

ନୂଆଦିଲ୍ଲୀ,୧୭।୧୦: ଆର୍ଥିକ ଅନିୟମିତତା ମାମଲାରେ ତାଙ୍କର ଦୀର୍ଘ ସମୟ ଜେଲଦଣ୍ଡ ଓ ବିଚାରର ମନ୍ଥର ଗତିକୁ ଲକ୍ଷ୍ୟ କରି ସୁପ୍ରିମକୋର୍ଟ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ଜାମିନ୍ ପ୍ରଦାନ କରିଛନ୍ତି। ଜଷ୍ଟିସ ଏମ୍‌ଏମ୍ ସୁନ୍ଦରେଶ୍ ଓ ପିବି ଭାରାଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଘୋଷଙ୍କ ଜାମିନ ଆବେଦନକୁ ଖାରଜ କରିବା ପାଇଁ କୋଲକାତା ହାଇକୋର୍ଟଙ୍କ ୨୩ ଫେବ୍ରୁଆରି, ୨୦୨୬ ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ଉଲ୍ଲେଖ କରିଛନ୍ତି ଯେ, ଘୋଷ ଦୁଇ ବର୍ଷରୁ ଅଧିକ ସମୟ ହାଜତରେ ରହିଥିଲେ ମଧ୍ୟ ୧୪୭ ଜଣ ସାକ୍ଷୀଙ୍କ ମଧ୍ୟରୁ କେବଳ ୭ ଜଣଙ୍କୁ ଜେରା କରାଯାଇଛି। ଟ୍ରାଏଲ କୋର୍ଟଙ୍କ ଦ୍ୱାରା ଲାଗୁ ହୋଇଥିବା ସର୍ତ୍ତରେ ଘୋଷ ଜାମିନରେ ମୁକୁଳିବେ। ସିବିଆଇ ଆରଜି ମେଡିକାଲ କଲେଜରେ ଜଣେ କନିଷ୍ଠ ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାର ତଦନ୍ତ କରୁଛି ଓ ଅଗଷ୍ଟ ୨୪, ୨୦୨୪ର ଅଭିଯୋଗଫର୍ଦ୍ଦରେ ଘୋଷଙ୍କ ନାମ ଉଲ୍ଲେଖ କରିଥିଲା। ଘୋଷଙ୍କୁ ଜାମିନ୍ ମିଳିବା ପରେ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଡାକ୍ତରଙ୍କ ବାପା ସିବିଆଇ ଉପରେ ବର୍ଷିଛନ୍ତି।

### ଏସ୍‌ଆଇଆର୍ ପ୍ରତିବାଦ

# ଦିଲ୍ଲୀ ପୋଲିସ ମୁଖ୍ୟାଳୟ ସାମ୍ନାରେ ମହିଳା ସଂଗଠନର ବିକ୍ଷୋଭ




ନୂଆଦିଲ୍ଲୀ,୧୭।୧୦: ଭୋଟର ତାଲିକାର ସ୍ୱତନ୍ତ୍ର ସଘନସଂଶୋଧନ (ଏସ୍‌ଆଇଆର) ପ୍ରତିବାଦ ସମୟରେ ମହିଳାମାନଙ୍କ ଉପରେ ହୋଇଥିବା ପୋଲିସ ନିର୍ଯାତନା ଅଭିଯୋଗ ନେଇ ଶନିବାର ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଓମେନ୍ସ ଆସୋସିଏସନ(ଏଆଇଡିଡବ୍ଲ୍ୟୁଏ),ନ୍ୟାସନାଲ ଫେଡେରେସନ ଅଫ୍ ଇଣ୍ଡିଆନ ଓମେନ୍ସ (ଏନ୍‌ଏଫ୍‌ଆଇଡବ୍ଲ୍ୟୁ), ଅଲ୍ ଇଣ୍ଡିଆ ପ୍ରୋଗ୍ରେସିଭ୍ ଓମେନ୍ସ ଆସୋସିଏସନ (ଏଆଇପିଡବ୍ଲ୍ୟୁଏ) ଏବଂ ଅଲିଫା (ଏଏଲ୍‌ଆଇଏଫଏ) ସମେତ ଅନେକ ମହିଳା ସଂଗଠନ ପକ୍ଷରୁ ଦିଲ୍ଲୀ ପୁଲିସ ମୁଖ୍ୟାଳୟ ଅଭିମୁଖେ ଏକ ବିଶାଳ ମିଳିତ ପ୍ରତିବାଦ ଶୋଭାଯାତ୍ରା କରାଯାଇଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଚାଲିଥିବା ଏହି ଆନ୍ଦୋଳନରେ ମହିଳାମାନଙ୍କ ସ୍ୱରକୁ ଚାପିଦେବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଅସଦାଚରଣ କରାଯାଇଥିବା ସଂଗଠନଗୁଡ଼ିକ ଅଭିଯୋଗ ଆଣିଛନ୍ତି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ନେତ୍ରୀ ଏନି ରାଜା ଗଣମାଧ୍ୟମ ସଂସ୍ଥା ଏଏନ୍‌ଆଇକୁ କହିଛନ୍ତି ଯେ, ଭୋଟ୍ ଚୋରି କିମ୍ବା ନିର୍ବାଚନ ପ୍ରକ୍ରିୟାରେ ହେରଫେର ହେଉଛି ମହିଳାମାନଙ୍କ ଉପରେ ସବୁଠାରୁ ବଡ଼ ଆକ୍ରମଣ। ତେଣୁ ସେମାନେ ପ୍ରତିଦିନ ଏସ୍‌ଆଇଆର ସମ୍ପୂର୍ଣ୍ଣ ରଦ୍ଦ ଏବଂ ସିଇସିଙ୍କ ଇସ୍ତଫା ଦାବି କରି ପ୍ରତିବାଦ କରୁଛନ୍ତି। ମୋଦି ସରକାର କିମ୍ବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶ ବିନା ପୁଲିସ ଏଭଳି ବର୍ବର ଆଭିମୁଖ୍ୟ ଗ୍ରହଣ କରିବାକୁ କେବେହେଲେ ସାହସ କରିନଥାନ୍ତା। ତେଣୁ ଏହି ସଙ୍ଗୀନ ଘଟଣା ପାଇଁ ଅମିତ ଶାହ ଏବଂ ଦୋଷୀ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଗୃହମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି।

## ସର୍ତ୍ତମୂଳକ ଜାମିନରେ ମୁକୁଳିଲେ ଦୀପକେ



ନୂଆଦିଲ୍ଲୀ,୧୭।୧୦: ଭୋଟର ତାଲିକା ସଂଶୋଧନ ବିବାଦକୁ ନେଇ ଦିଲ୍ଲୀରେ ଉତ୍ତେଜନା ଲାଗି ରହିଥିବା ବେଳେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେ ଆଜି ସର୍ତ୍ତମୂଳକ ଜାମିନରେ ମୁକ୍ତ ହୋଇଛନ୍ତି। ପୂର୍ବରୁ ସେ ପୁଲିସ ସହ କରିଥିବା ଶାନ୍ତି ବଣ୍ଡର ସର୍ତ୍ତ ଉଲ୍ଲଂଘନ କରିଥିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଶନିବାର ସକାଳେ ତାଙ୍କୁ ଗିରଫ କରିଥିଲା। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୨୬ ଏବଂ ୧୭୦ ଅନୁଯାୟୀ ଶାନ୍ତି ଭଙ୍ଗ ଆଶଙ୍କାରେ ତାଙ୍କୁ ବିଶେଷ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ (ଏସ୍‌ଇଏମ୍) ଅଦାଲତରେ ହାଜର କରାଯାଇଥିଲା। ଅଦାଲତରେ ଆଜି ଆଉ ଏକ ଶାନ୍ତି ବଣ୍ଡ ସ୍ୱାକ୍ଷର କରିବା ପରେ ଦୀପକେଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଛି। ସିଜେପିର ଆଇନ ବ୍ୟାପାର ମୁଖ୍ୟ ରନ୍ନା ସିଂହ ଦୀପକେଙ୍କ ଏହି ଗିରଫଦାରୀକୁ ବେଆଇନ ଦର୍ଶାଇ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ସେ କହିଥିଲେ ଯେ ନାଗରିକମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଜାତୀୟ ପତାକା ଉଡ଼ାଇବା ପାଇଁ ଅନୁରୋଧ କରିବା କୌଣସି ଅପରାଧ ନୁହେଁ।

## ରିଜିମ୍ ଚେଞ୍ଜ୍ ବୟାନକୁ ନେଇ ରିଜିଜୁଙ୍କ କଡ଼ା ଜବାବ

# 'ଭାରତ ବାଂଲାଦେଶ ନୁହେଁ'



ନୂଆଦିଲ୍ଲୀ,୧୭।୧୦: ଦେଶରେ 'ରିଜିମ୍ ଚେଞ୍ଜ୍' ଅର୍ଥାତ୍ ସରକାର ପରିବର୍ତ୍ତନକୁ ନେଇ ରାଜନୈତିକ ବିତର୍କ ତୀବ୍ର ହୋଇଛି। ଏହି ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ବିରୋଧୀଙ୍କ ବୟାନର ଜବାବ ଦେଇଛନ୍ତି। ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ସେ କହିଛନ୍ତି, "ବଡ଼ ଆସିଲେ ରିଜିମ୍ ଚେଞ୍ଜ୍ କରିବାକୁ! କାନ ଖୋଲି ଶୁଣି ନିଅ, ଭାରତ ବାଂଲାଦେଶ ନୁହେଁ। ରିଜିଜୁ ଭାରତର ଯୁବପିଢ଼ିଙ୍କ ଉପରେ ଭରସା ପ୍ରକାଶ କରି କହିଛନ୍ତି ଯେ, ଦେଶର ଯୁବକ-ଯୁବତୀ ଭାରତକୁ ଗଢ଼ିବେ, ନଷ୍ଟ କରିବେ ନାହିଁ। କ୍ରୀଡ଼ା, ଦକ୍ଷତା ବିକାଶ, ନୂତନ ଉଦ୍ଭାବନ, ଷ୍ଟାର୍ଟଅପ୍ ଓ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ଯୁବପିଢ଼ି ଆଗକୁ ବଢୁଥିବା କଥା ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଏହି ବିବାଦର ପୃଷ୍ଠଭୂମିରେ ରହିଛି ବାଂଲାଦେଶର ଜେନ୍-ଜେଡ୍ ଆନ୍ଦୋଳନକୁ ନେଇ ଛାତ୍ରନେତ୍ରୀ ନେହା ବୋରାଙ୍କ ମନ୍ତବ୍ୟ। ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍‌ର ଅଧ୍ୟକ୍ଷ ନେହା ଅକ୍ଟୋବର ୧୪ରେ ଏକ ଛାତ୍ର ସମ୍ମିଳନୀରେ ବାଂଲାଦେଶର ଛାତ୍ର ଆନ୍ଦୋଳନକୁ ଗଣତନ୍ତ୍ର ଓ ଭୋଟ୍ ଅଧିକାର ସହ ଯୋଡ଼ିଥିଲେ। ଯୁବପିଢ଼ିଙ୍କ ଆନ୍ଦୋଳନ ପାଇଁ ସେ ବାଂଲାଦେଶକୁ ଧନ୍ୟବାଦ ମଧ୍ୟ ଜଣାଇଥିଲେ। ଏହା ପରେ 'ରିଜିମ୍ ଚେଞ୍ଜ୍' ପ୍ରସଙ୍ଗ ରାଜନୈତିକ ଚର୍ଚ୍ଚାକୁ ଆସିଥିଲା। ଅକ୍ଟୋବର ୧୫ରେ ଦିଲ୍ଲୀରେ ଆୟୋଜିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, ଏହା ସରକାର ପରିବର୍ତ୍ତନର ଲଢ଼େଇ ଏବଂ ସେମାନେ ଏକଚ୍ଛତ୍ରବାଦକୁ ଗ୍ରହଣ କରିବେ ନାହିଁ।

## ରାତିରେ ନୁଡଲ୍ସ ଖାଇ ସକାଳେ ୫ମୃତ

ନୂଆଦିଲ୍ଲୀ,୧୭।୧୦: ଗ୍ରେଟର ନୋଏଡାରେ ଚାଞ୍ଚଲ୍ୟ। ଗୋଟିଏ ପରିବାରର ୫ ଜଣଙ୍କର ସନ୍ଦେହଜନକ ମୃତ୍ୟୁ। ମୃତକଙ୍କ ମଧ୍ୟରେ ଅଛନ୍ତି ସ୍ୱାମୀ, ସ୍ତ୍ରୀ ଏବଂ ସେମାନଙ୍କର ୩ ଜଣ ନାବାଳକ ସନ୍ତାନ। ରାତିରେ ନୁଡଲ୍ସ ଖାଇ ଶୋଇଥିଲେ ପରିବାରର ସଦସ୍ୟ। ସକାଳେ ଆଉ ଉଠିଲେ ନାହିଁ। ପ୍ରାଥମିକ ଭାବେ ଖାଦ୍ୟ ବିଷକ୍ରିୟାର ସନ୍ଦେହ କରୁଛି ପୋଲିସ। ସନ୍ଦେହଜନକ ମୃତ୍ୟୁକୁ ନେଇ ସାରା ଅଞ୍ଚଳରେ ଶୋକ ଓ ଆଲୋଡ଼ନ ସୃଷ୍ଟି ହୋଇଛି। ସୂଚନା ଅନୁସାରେ, ପରିବାରର ସମସ୍ତ ସଦସ୍ୟ ରାତି ପ୍ରାୟ ୧୦ଟା ସମୟରେ ନୁଡଲ୍ସ ଖାଇ ଶୋଇଥିଲେ। କିନ୍ତୁ ସକାଳେ କେହି ନିଦରୁ ନ ଉଠିବାରୁ ସନ୍ଦେହ ହୋଇଥିଲା। ପରେ ଦେଖିବାରୁ ପାଞ୍ଚ ଜଣଙ୍କୁ ବିଛଣାରେ ମୃତ ଅବସ୍ଥାରେ ପାଇଥିଲେ। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ପୁଲିସ। ଉଚ୍ଚ ପଦାଧିକାରୀଙ୍କ ସହ ଫରେନ୍ସିକ୍ ଟିମ୍ ଓ ଫୁଡ୍ ସେଫ୍ଟି ବିଭାଗ ମଧ୍ୟ ତଦନ୍ତ ଆରମ୍ଭ କରିଥିଲେ । ଘଟଣାସ୍ଥଳରୁ ବୈଜ୍ଞାନିକ ପ୍ରମାଣ ସଂଗ୍ରହ କରାଯାଇଛି। ପ୍ରାଥମିକ ଭାବେ ଖାଦ୍ୟ ବିଷକ୍ରିୟାର ସନ୍ଦେହ କରାଯାଉଥିଲେ ମଧ୍ୟ, ଏଯାଏଁ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ । ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ରିପୋର୍ଟ ଏବଂ ଅନ୍ୟ ବୈଜ୍ଞାନିକ ଯାଞ୍ଚ ପରେ ହିଁ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ।

## ଏନ୍‌କାଉଣ୍ଟରରେ ଦୁଇ ଆତଙ୍କୀ ନିହତ

ନୂଆଦିଲ୍ଲୀ,୧୭।୧୦: ଜାମ୍ମୁ ଏବଂ କାଶ୍ମୀରରେ ଶୀତ ଋତୁରେ ସୀମାପାର ଆତଙ୍କବାଦୀ ଅନୁପ୍ରବେଶ ଘଟଣା ବୃଦ୍ଧି ପାଇଥାଏ। ତେବେ ସୁରକ୍ଷା ବାହିନୀର କଡ଼ା ସତର୍କତା ଯୋଗୁଁ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହେଉଛି। ଉତ୍ତର କାଶ୍ମୀରର କୁପୱାରା ଜିଲ୍ଲାରେ ନିୟନ୍ତ୍ରଣ ରେଖା(ଏଲଓସି) ନିକଟରେ ଏକ ସର୍ଚ୍ଚ ଅପରେସନ ସମୟରେ ଶନିବାର ଦୁଇ ଜଣ ଆତଙ୍କବାଦୀଙ୍କୁ ଏନକାଣ୍ଟର କରାଯାଇଛି। ସୂତ୍ର ଅନୁଯାୟୀ, କେରାନ ସେକ୍ଟରର ଜୁମାଗୁଣ୍ଡ ଅଞ୍ଚଳରେ ଯବାନମାନେ କିଛି ସନ୍ଦେହଜନକ କାର୍ଯ୍ୟକଳାପ ଦେଖି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଭାରତୀୟ ଯବାନଙ୍କ ଉପରକୁ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ଜବାବରେ ଯବାନମାନେ ପାଲଟା ଆକ୍ରମଣ ଆରମ୍ଭ କରିଥିଲେ। ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ କହିଛନ୍ତି,ଭୋର ପ୍ରାୟ ସାଢ଼େ ୩ଟା ସମୟରେ ଏନକାଉଣ୍ଟରରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି।

## ସାଉଦି ଆରବ ଆକ୍ରମଣରେ ୟେମେନର ୩ ଶିଶୁ ମୃତ

ସନା,୧୭।୧୦: ସାଉଦି ଆରବ ଓ ହୁତି ବିଦ୍ରୋହୀଙ୍କ ସଂଘର୍ଷ ଦିନକୁ ଦିନ ତୀବ୍ର ହୋଇଥିବାବେଳେ ୟେମେନ ଉପରେ ସାଉଦି ଆରବ ରାତି ସାରା ଆକ୍ରମଣ କରିଥିବାବେଳେ ଏଥିରେ ୩ ଜଣ ଶିଶୁଙ୍କର ମୃତ୍ୟୁ ହୋଇଥିବା ହୁତି ବିଦ୍ରୋହୀଙ୍କ ପକ୍ଷରୁ ଶନିବାର କୁହାଯାଇଛି। ହୁତିଙ୍କ ସବା ନ୍ୟୁଜ ଏଜେନ୍ସି କହିଛି ଯେ, ସାଉଦି ବାୟୁସେନା ପକ୍ଷରୁ ଧାମାର୍ ପ୍ରଦେଶରେ ଆବାସିକ ଅଞ୍ଚଳକୁ ଟାର୍ଗେଟ କରାଯାଇଥିଲା, ଯେଉଁଥିରେ ୩ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ୧୭ ଜଣ ଲୋକ ଆହତ ହୋଇଛନ୍ତି। ହୁତିଙ୍କ ପକ୍ଷରୁ ସାଉଦି ଆରବ ଉପରେ ବାରମ୍ବାର ଆକ୍ରମଣ ହେଉଛି ଯେଉଁଥିରେ ଲୋହିତ ସାଗରରେ ଥିବା ଜାହାଜ, ତୈଳ କେନ୍ଦ୍ର ଓ ରିୟାଦର ଅନ୍ତର୍ଜାତୀୟ ବିମାନବନ୍ଦର ରହିଛି। ଗତ ସପ୍ତାହରେ ରିୟାଦର କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣରେ ୧୩ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ ହୁତିମାନଙ୍କ ପକ୍ଷରୁ କୁହାଯାଇଛି ଯେ, ସେପ୍ଟେମ୍ବର ୩ରୁ ଅକ୍ଟୋବର ୧୫ ତାରିଖ ମଧ୍ୟ ସାଉଦି ଆରବର ଆକ୍ରମଣରେ ୧୧୫ ଜଣ ୟେମେନ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୩୦୫ ଜଣ ଆହତ ହୋଇଛନ୍ତି।

## ଜଳ ସଂକଟ କ୍ଷେତ୍ର ଘୋଷିତ ହେଲା ମହାରାଷ୍ଟ୍ରର ଲାଟୁର ବୋରୱେଲ ଓ କୂଅ ପାଣି ଉପରେ ଲାଗିଲା କଟକଣା



ମୁମ୍ବାଇ,୧୭।୧୦: ଲାଟୁର ପ୍ରଶାସନ ଜିଲ୍ଲାକୁ ବର୍ଷକ ଲାଗି ଜଳ ସଂକଟ କ୍ଷେତ୍ର ଘୋଷଣା କରିଛି। ଏହି ଅନୁସାରେ ମହାରାଷ୍ଟ୍ର ଭୂଜଳ ଅଧିନିୟମ ୨୦୦୯ ଅନୁସାରେ ଭୂତଳ ଜଳର ଉପଯୋଗ ଓ ନୂଆ ବୋରୱେଲ ଖନନ ଲାଗି କଟକଣା ଲଗାଇ ଦିଆଯାଇଛି। ଅଧିକାରୀମାନେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଗତ ମୌସୁମୀ ଋତୁରେ ସ୍ୱଳ୍ପ ବୃଷ୍ଟିପାତ ଜିଲ୍ଲାର ଭୂତଳ ଜଳସ୍ତର ହ୍ରାସର କାରଣ ପାଲଟିଛି। ଭୂତଳ ଜଳସ୍ତର ପାଖାପାଖି ୪.୫୮ ମିଟର ତଳକୁ ଚାଲି ଯାଇଛି। ଏଣୁ ପ୍ରଶାସନ ଦ୍ୱାରା ଜାରି ନିର୍ଦ୍ଦେଶରେ କୃଷି ଅଥବା ଉଦ୍ୟୋଗ ଉପଯୋଗ ପାଇଁ ୬୦ ମିଟରରୁ ଅଧିକ ଗଭୀର କୂଅ ଅଥବା ବୋରୱେଲ ଖୋଳିବା ଉପରେ ରୋକ ଲଗାଇ ଦିଆଯାଇଛି। ସେହିପରି ପିଇବା ଯୋଗ୍ୟ ପାଣିର ସାର୍ବଜନିକ ଜଳସ୍ରୋତର ୫୦୦ ମିଟର ପରିସରରେ କୌଣସି ପ୍ରକାରର ନୂଆ ବୋରୱେଲ ଖୋଳାଯାଇ ପାରିବନି। ଆଦେଶ ଉଲ୍ଲଂଘନ ହେଲେ ବୋରୱେଲକୁ ତୁରନ୍ତ ସିଲ୍ କରିଦିଆଯିବ। ସେହିପରି ସାର୍ବଜନିକ ପେୟ ଜଳ ସ୍ରୋତର ୧ କିଲୋମିଟର ପରିସରରେ କୂଅ ଅଥବା ବୋରୱେଲରୁ ବ୍ୟବସାୟୀକ ଅଥବା ଜଳ ସେଚନ ଲାଗି ଅବାଧରେ ପାଣି ଉଠା ଉପରେ ରୋକ ଲଗାଇ ଦିଆଯାଇଛି। ଏହା ଛଡା ସକ୍ଷମ ଅଧିକାରୀଙ୍କ ପୂର୍ବ ଅନୁମତି ବିନା ଟ୍ୟାଙ୍କର ମାଧ୍ୟମରେ ଭୂତଳ ଜଳର ବ୍ୟବସାୟୀକ ବିକ୍ରି ଓ ପରିବହନ ଉପରେ କଟକଣା ଜାରି ହୋଇଛି। ଏହା ଛଡା ଜିଲ୍ଲାରେ ସଞ୍ଚାଳିତ ହେଉଥିବା ସବୁ ବୋରୱେଲ ଡ୍ରିଲିଂ ମେସିନ ମାଲିକମାନଙ୍କୁ ୩୦ ଦିନ ମଧ୍ୟରେ ସମ୍ବନ୍ଧିତ ଉପବିଭାଗୀୟ ମାଜିଷ୍ଟ୍ରେଟ୍ ଅଥବା ତହସିଲଦାରଙ୍କ ନିକଟରେ ନିଜ ମେସିନାରୀକୁ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିନା ଅନୁମତିରେ ବୋରୱେଲ ଖୋଳୁଥିବା ମେସିନକୁ ପ୍ରଶାସନ ଜବତ କରିନେବ ବୋଲି ଚେତାବନୀ ଦିଆଯାଇଛି। ଜିଲ୍ଲାରେ ନିୟମ କଡ଼ାକଡି ଲାଗୁ କରିବା ପାଇଁ ଏସଡିଏମ, ତହସିଲଦାର, ବିଡିଓ ଏବଂ ପୋଲିସ ଅଧିକାରୀଙ୍କୁ ନିରୀକ୍ଷଣ କରିବା, ଅବୈଧ ଉପକରଣ ଜବତ କରିବା ଓ ବିଦ୍ୟୁତ ସଂଯୋଗ କାଟିବାକୁ ଅଧିକାର ଦିଆଯାଇଛି।

### ଟ୍ରମ୍ପଙ୍କ ନିଷ୍ପତ୍ତି ଭାରତକୁ ଆଶ୍ୱସ୍ତି

# ରୁଷିଆ ତେଲ କିଣୁଥିବା ଦେଶକୁ କଟକଣା ଛାଡ଼




ନୂଆଦିଲ୍ଲୀ,୧୭।୧୦: ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ନେଇ ଆମେରିକାର ନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଦେଖିବାକୁ ମିଳିଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷିଆ ସମ୍ପର୍କିତ କେତେକ କଟକଣା, ପ୍ରତିବନ୍ଧକ ଓ ଶୁଳ୍କ ଲାଗୁ କରିବା ନିଷ୍ପତ୍ତିରେ ଛାଡ଼ ଦେଇଛନ୍ତି । ଏହି ନିଷ୍ପତ୍ତି ଫଳରେ ରୁଷିଆଠାରୁ ଅଶୋଧିତ ତୈଳ କିଣୁଥିବା ଭାରତ ଓ ଚୀନ୍ ଭଳି ଦେଶ ସାମୟିକ ଆଶ୍ୱସ୍ତି ପାଇପାରନ୍ତି । ରୁଷରୁ ତେଲ ଏବଂ ଗ୍ୟାସ କ୍ରୟ ଉପକୁ ହଟିଲା କଟକଣା । ଭାରତ ସମେତ ୫ଟି ଦେଶ ଉପରେ ରୁଷରୁ ତେଲ ଏବଂ ଗ୍ୟାସ କିଣିବା ପାଇଁ କୌଣସି ଶୁଳ୍କ ଆଦାୟ କରାଯିବନି ବୋଲି ବଡ଼ ଘୋଷଣା କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ରୁଷ ଉପରେ କଠୋର କଟକଣା ଲାଗୁ କରୁଥିବା ଆଇନକୁ ସ୍ଥଗିତ ରଖାଯାଇଛି। ଟ୍ରମ୍ପ୍ ଏକ ଆଦେଶରେ ସ୍ୱାକ୍ଷର କରି କହିଛନ୍ତି ଯେ ଆମେରିକାର ଜାତୀୟ ସ୍ୱାର୍ଥରେ ଏହି ପଦକ୍ଷେପ ନିଆଯାଇଛି। ଏହି ଆଇନ ଅନୁଯାୟୀ, ଭାରତ ଏବଂ ଚୀନ୍ ଭଳି ଦେଶମାନେ ରୁଷରୁ ତେଲ ଏବଂ ଗ୍ୟାସ୍ କିଣୁଛନ୍ତି, ସେମାନଙ୍କ ଉପରେ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରାଯାଇଥାନ୍ତା। ଏହି ପ୍ରତିବନ୍ଧକ ଆଇନର ଲକ୍ଷ୍ୟ ଥିଲା ରୁଷର ଅର୍ଥନୀତିକୁ ପ୍ରଭାବିତ କରିବା । ତେବେ ଟ୍ରମ୍ପ ଅକ୍ଟୋବର ୯ ତାରିଖରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଡିଜେଲ କ୍ରୟ ଚୁକ୍ତି କରିସାରିବା ପରେ ଏହି ଆଇନକୁ ହଟାଇ ଦିଆଯାଇଛି। ଟ୍ରମ୍ପ ୧୮ ସେପଟ୍ଟେମ୍ବରରେ ରୁଷ ଉପରେ କଟକଣା ଲଗାଇବା ପାଇଁ ବିଲ୍ ରେ ସ୍ୱାକ୍ଷର କରିଥିଲେ। ଏହି ପଦକ୍ଷେପ ଲିଣ୍ଡସେ ଗ୍ରାହାମ୍‌ଙ୍କ ନାମରେ ନାମିତ ନୂଆ ଆମେରିକୀୟ ଆଇନ ଅନୁସାରେ ନିଆଯାଇଛି । ରୁଷିଆ ଉପରେ ଚାପ ସୃଷ୍ଟି ପାଇଁ ହୋଇଥିଲା ଆଇନ ୟୁକ୍ରେନ୍ ଯୁଦ୍ଧ ପାଇଁ ରୁଷିଆକୁ ଆର୍ଥିକ ଚାପରେ ରଖିବା ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ । ରୁଷିଆରୁ ତୈଳ ଓ ପ୍ରାକୃତିକ ଗ୍ୟାସ୍ କିଣୁଥିବା ଦେଶଗୁଡ଼ିକ ଉପରେ ଅତିରିକ୍ତ ଶୁଳ୍କ ଲଗାଇବା ପାଇଁ ଏଥିରେ ଆମେରିକାର ରାଷ୍ଟ୍ରପତିଙ୍କୁ କ୍ଷମତା ଦିଆଯାଇଛି । ଏହି ଆଇନ ଅନୁସାରେ କେତେକ ଦେଶରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ସର୍ବାଧିକ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିବାର ବ୍ୟବସ୍ଥା ରହିଛି । ଏହାର ପ୍ରଭାବ ଭାରତ ଓ ଚୀନ୍ ଉପରେ ପଡ଼ିବାର ଆଶଙ୍କା ଥିଲା। ଟ୍ରମ୍ପ ଏହି ଛାଡ଼କୁ ଆମେରିକାର ଜାତୀୟ ସ୍ୱାର୍ଥ ପାଇଁ ଆବଶ୍ୟକ ବୋଲି ଦର୍ଶାଇଛନ୍ତି।

## ଦୁଇ ନାବାଳକଙ୍କୁ ମାଡ ମାରିବା ଭିଡିଓ ଭାଇରାଲ ଅଭିଯୋଗରେ ୪ ନାବାଳକ କୋର୍ଟ ଚାଲାଣ

ତରଭା(ନିପ୍ର): ଜଣେ ୧୬ ବର୍ଷର ନାବାଳକ ଦୁଇଜଣ ୧୫ ବର୍ଷର ନାବାଳକଙ୍କୁ ମାଡ ମାରୁଥିବା ଭିଡିଓ ଭାଇରାଲ ହେବା ପରେ ତରଭା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅଗଷ୍ଟ ୧୬ ଓ ସେପ୍ଟେମ୍ବର ମାସରେ ସଂଗଠିତ ଏହି ଘଟଣା ଭିଡିଓ ଭାଇରାଲ ହେବା ପରେ ଜଣାପଡିଥିଲା। ଏହି ଘଟଣାରେ ସମ୍ପୃକ୍ତ ନାବାଳକମାନଙ୍କୁ ଗିରଫ କରିବା ଦାବିରେ ବହୁ ଲୋକ ତରଭା ଥାନାରେ ଭିଡ଼ ଜମାଇଥିଲେ। ପୋଲିସ ସମ୍ପୃକ୍ତ ନାବାଳକ ମାନଙ୍କୁ ଥାନାକୁ ଆଣି ପଚରା ଉଚରା କରିବାରୁ ଉଭୟ ଘଟଣାରେ ଜଣେ ନାବାଳକ ମାଡ଼ ମାରୁଥିବା ବେଳେ ଅନ୍ୟ ତିନିଜଣ ଭିଡିଓ ଉତ୍ତୋଳନ କରୁଥିଲେ। ପୋଲିସ ତରଭା ଥାନା କେସ ନମ୍ବର ୩୫୪ ଭାରତୀୟ ଦଣ୍ଡ ସଂହିତାର ଧାରା ୧୨୬/୧୧୫/୨୯୬/୩୫୧, ୩(୫)ରେ ମକଦ୍ଦମା ରୁଜୁ କରି ଚାରିଜଣ ନାବାଳକଙ୍କୁ ସୋନପୁର ପିଏମଜେଜେବିକୁ ପଠାଇ ଦେଇଥିବା ତଦନ୍ତ ଦାୟିତ୍ୱରେ ଥିବା ଏଏସଆଇ ସୁଶୀଲ ବିଶିଙ୍କଠାରୁ ପ୍ରକାଶ।

## ପୁଣି ବିମାନବନ୍ଦରରେ ନିଶା ସାମଗ୍ରୀ
# ୧.୮୦ କୋଟି ଟଙ୍କାର ମାରିଜୁଆନା ଜବତ, ୪ ଯାତ୍ରୀ ଅଟକ






ଭୁବନେଶ୍ୱର: ପୁଣି ବିମାନ ବନ୍ଦରରେ ମାରିଜୁଆନା । ଶନିବାର ଭୁବନେଶ୍ୱର ଏୟାରପୋର୍ଟରେ ୪ ଯାତ୍ରୀଙ୍କ ଠାରୁ ୫ କେଜିରୁ ଅଧିକ ମାରିଜୁଆନା ଜବତ କରାଯାଇଛି । ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ୫କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି । ଏହି ଚାଲାଣରେ ସମ୍ପୃକ୍ତ ୪ ଜଣ ଯାତ୍ରୀଙ୍କୁ କଷ୍ଟମ୍ସ ଟିମ୍ ଅଟକ ରଖି ପଚରାଉଚରା କରୁଛି । କଷ୍ଟମ୍ସ ଟିମ୍ ସହ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଭୁବନେଶ୍ୱର ୟୁନିଟ୍ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବିମାନରେ ବ୍ୟାଙ୍କକ୍‌ରୁ ଅଭିଯୁକ୍ତମାନେ ଭୁବନେଶ୍ୱର ଆସିଥିଲେ । ତେବେ ଜବତ ମାରିଜୁଆନାର ଆନୁମାନିକ ମୂଲ୍ୟ ୧.୮୦ କୋଟିରୁ ଅଧିକ ହେବ ବୋଲି ଜଣାପଡିଛି । କଷ୍ଟମ୍ସ ଓ ଡଜଓ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ୟାଙ୍କକ୍‌ରୁ ଉଡ଼ାଣ ଭରିଥିବା ଏକ ବିମାନ ସକାଳ ସମୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲା । ପୂର୍ବରୁ ସୂଚନା ପାଇ କଷ୍ଟମ୍ସ ଓ ଡିଆରଆଇ ମିଳିତ ଟିମ୍ ଯାତ୍ରୀମାନଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲା । ସମସ୍ତଙ୍କ ଲଗେଜ୍ ବ୍ୟାଗ୍ ସ୍କାନ୍ କରାଯିବା ସହ ସନ୍ଧାନୀ କୁକୁରର ମଧ୍ୟ ସାହାଯ୍ୟ ନିଆଯାଇଥିଲା । ଡଗ ଫୁଡ୍ ପ୍ୟାକେଟରେ ମଧ୍ୟ କୌଶଳର ସହ ମାରିଜୁଆନା ଭର୍ତ୍ତି କରାଯାଇଥିଲା । ବିମାନ ଦେଇ ନିଶା ସାମଗ୍ରୀ ଚାଲାଣ ବଢୁଛି । କେବଳ ଏହି ଗୋଟିଏ ଘଟଣା ନୁହେଁ । ପୂର୍ବରୁ ଅନେକ ଥର ଏଭଳି ଚାଲାଣ ଧରାପଡିଛି। ଗତ ଜୁଲାଇ ଦ୍ୱିତୀୟ ଜୁଲାଇ ୮ରେ ୧୧ କେଜିର ମାରିଜୁଆନା ଜବତ କରାଯାଇଥିଲା । ଏହି ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ସେହିପରି ମେ ୧୨ରେ ବିମାନବନ୍ଦରରୁ ୧୧ କେଜିର ମାରିଜୁଆନା ଜବତ ହୋଇଥିଲା । ତାମିଲନାଡୁର ଦୁଇ ଯାତ୍ରୀଙ୍କୁ ଗିରଫ କରାଯାଇଥିଲା । ସେହିପରି ଗତ ମାର୍ଚ୍ଚ ୨୫ରେ ବିମାନବନ୍ଦରରୁ ୫ କେଜି ମରିଜୁଆନା ଜବତ ହୋଇଥିଲା । ବ୍ୟାଙ୍କକ୍‌ରୁ ଭୁବନେଶ୍ୱରକୁ ଆସୁଥିବା ତାମିଲନାଡୁର ଦୁଇ ଯାତ୍ରୀଙ୍କ ପାଖରୁ ଏହି ମାରିଜୁଆନା ଜବତ କରାଯାଇଥିଲା । ଜାନୁଆରୀ ୪ରେ ଡଜଓ ଟିମ୍ ୮ କେଜି ମାରିଜୁଆନା ଜବତ କରିଥିଲା । ଏହି ଘଟଣାରେ ମୁମ୍ବାଇର ଜଣେ ଯୁବକଙ୍କୁ ଗିରଫ କରାଯାଇଥିଲା । ସେହିପରି ଡିସେମ୍ବର ୩୦ରେ ଟିମ୍ ୪ କେଜି ମାରିଜୁଆନା ଜବତ କରିଥିଲା। ଏହି ମାମଲାରେ ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଥିଲା ।

## ଯାଁଳା ଓଭରବ୍ରିଜ ଉପରେ କଣ୍ଟେନର ପଛକୁ ପିଟିଲା ଆଇଚର: ଚାଳକ ମୃତ

ଜଟଣୀ(ନିପ୍ର): ୧୬ ନମ୍ବର ଜାତୀୟ ରାଜପଥ ଯାଁଳା ଓଭରବ୍ରିଜ ଉପରେ ଶନିବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ କଣ୍ଟେନର ଟ୍ରକ ପଛରେ ଏକ ଆଇଚର ଟ୍ରକ ପିଟି ହେବା ଫଳରେ ଆଇଚର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସୂଚନା ମୁତାବକ, ଭୁବନେଶ୍ୱର ପଟୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ କଣ୍ଟେନର ଟ୍ରକର ତେଲ ସରିଯିବାରୁ ତାହା ଯାଁଳା ଓଭରବ୍ରିଜ ଉପରେ ଛିଡା ହୋଇଥିଲା। ସେହି ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ



ଆଇଚର ମାଲବାହୀ ଟ୍ରକ ଭାରସାମ୍ୟ ହରାଇ କଣ୍ଟେନର ପଛରେ ପିଟି ହୋଇଯାଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ ଆଇଚରର ସାମ୍ନା ଅଂଶ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା ଏବଂ ଚାଳକ କ୍ୟାବିନ ଭିତରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ଏବଂ ଜାତୀୟ ରାଜପଥ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ମୃତ ଚାଳକ ଜଣକ କଳାହାଣ୍ଡି ଜିଲ୍ଲା ମଦନପୁର ଅଞ୍ଚଳର ଜିତେନ୍ଦ୍ର ବାରିକ ବୋଲି ଜଣାପଡିଛି। ଏହି ଦୁର୍ଘଟଣା ଯୋଗୁଁ ଜାତୀୟ ରାଜପଥରେ ପ୍ରାୟ ଏକ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଇନଫୋସିଭାଲି ଥାନା ପୋଲିସ, ତମାଣ୍ଡୋ ଥାନା ପୋଲିସ ଏବଂ ଜଟଣୀ ଓ ତମାଣ୍ଡୋ ଫାୟାର ଷ୍ଟେସନ ଗାଡି ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମୁଖ୍ୟ ଡାକ୍ତରଖାନାକୁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ବୁଦ୍ଧିଜୀବୀଙ୍କ ମତରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଏପରି ଭୟଙ୍କର ଦୁର୍ଘଟଣା ବାରମ୍ବାର ଘଟୁଛି। ଜାତୀୟ ରାଜପଥରେ ଦ୍ରୁତଗତି ନିୟନ୍ତ୍ରଣ ପାଇଁ କ୍ୟାମେରା ଲଗାଇ ସରକାର ଫାଇନ ଆଦାୟ କରିବାରେ ବ୍ୟସ୍ତ ଥିବା ବେଳେ ବେପରୁଆ ଗାଡି ଚାଳନା ରୋକିବା ପାଇଁ ପାଟ୍ରୋଲିଂର କୌଣସି ସଠିକ ବ୍ୟବସ୍ଥା ନାହିଁ। ଯାହା ଫଳରେ ଏପରି ବେପରୁଆ ଗାଡି ଚାଳନା ଯୋଗୁଁ ଏକ ବର୍ଷ ଭିତରେ ୩୬ ଜଣଙ୍କ ଜୀବନ ଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ କଠୋର ନିୟମ ପ୍ରଣୟନ କରି ଦୁର୍ଘଟଣା ରୋକିବା ଦିଗରେ ଧ୍ୟାନ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ଗଣେଶ ପୂଜାରେ ନାବାଳିକା ଅପହରଣ, ଭୁବନେଶ୍ୱରରୁ ଉଦ୍ଧାର

ପିପିଲି(ନିପ୍ର): ଗଣେଶ ପୂଜା ଦେଖିବାକୁ ଆସିଥିବା ଜଣେ ନାବାଳିକା ଅପହରଣ ମାମଲାରେ ବଳଙ୍ଗା ପୋଲିସ ଶୁକ୍ରବାର ରାତିରେ ଭୁବନେଶ୍ୱରରୁ ନାବାଳିକାକୁ ଉଦ୍ଧାର କରିଛି। ସୂଚନା ମୁତାବକ ଏହି ଥାନା ଅନ୍ତର୍ଗତ ଏକ ଗ୍ରାମର ଜଣେ ୧୭ବର୍ଷୀୟା ନାବାଳିକା ଗତ ମାସରେ ବଳଙ୍ଗା ବଜାରକୁ ଗଣେଶ ପୂଜା ଦେଖିବାକୁ ଯାଇଥିଲା ବେଳେ ନାବାଳିକାକୁ ଅପହରଣ ହୋଇଥିବା ନେଇ ନାବାଳିକାର ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ୨୭୧/୨୬ ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଗତକାଲି ଥାନା ଆଇଆଇସି ସସ୍ମିତା ସାହୁ ବିଶେଷ ସୂତ୍ରରୁ ଖବର ପାଇ ମାମଲାର ତଦନ୍ତ ଦାୟିତ୍ୱରେ ଥିବା ଏସ ଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ ଭୁବନେଶ୍ୱରର ଏକ ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିଥିଲା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ପୋଲିସ ନାବାଳିକାକୁ ଉଦ୍ଧାର ପରେ ଶନିବାର ପୁରୀ ସିଡବ୍ଲୁସିରେ ଛାଡି ଅଧିକ ତଦନ୍ତ ଜାରି ରଖିଛି।

## କର କ୍ଲିନିକ୍ ସମ୍ମୁଖରେ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର) : ଭୁବନେଶ୍ୱରର କର କ୍ଲିନିକ୍ ସମ୍ମୁଖରେ ମାରଣାସ୍ତ୍ର (ଖଣ୍ଡା) ଧରି ଆତଙ୍କ ସୃଷ୍ଟି କରିବା ସହ ଦୁଇ ଜଣଙ୍କୁ ହାଣି ହତ୍ୟା କରିବାକୁ ଉଦ୍ୟମ କରିଥିବା ଏକ କୁଖ୍ୟାତ ଅପରାଧୀ ଗ୍ୟାଙ୍ଗର ଆଉ ଜଣେ ଦୁର୍ଦ୍ଦାନ୍ତ ସଦସ୍ୟକୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବରୁଣ ରାଓ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୨୭.୦୬.୨୦୨୬ ତାରିଖ ରାତି ପ୍ରାୟ ୮.୦୦ ଟାରେ ଅଭିଯୋଗକାରୀ ଜଗନ୍ନାଥ ଦାଶ ଓ ତାଙ୍କ ସାଙ୍ଗ ତାରିଣୀ ମନ୍ଦିର ନିକଟସ୍ଥ କର କ୍ଲିନିକ୍ ଆଗରେ ଛିଡ଼ା ହୋଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗେଡା ରାଜା, କୁମ୍ଭିରା ଏବଂ ବରୁଣ ଏକ ବାଇକରେ ହାତରେ ଖଣ୍ଡା ଧରି ସେଠାରେ ପହଞ୍ଚିଥିଲେ। ସେମାନେ ଆସୁଆସୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଖଣ୍ଡାରେ ଅଭିଯୋଗକାରୀଙ୍କୁ ହାଣିଦେବାକୁ ଉଦ୍ୟମ କରିଥିଲେ। ଅଭିଯୋଗକାରୀ ଏବଂ ତାଙ୍କ ସାଙ୍ଗ ଜୀବନ ବଞ୍ଚାଇବାକୁ ଯାଇ ଏକ ଚେୟାର୍ ପଛରେ ଲୁଚି ଯାଇଥିଲେ। ଦୁର୍ବୃତ୍ତମାନେ ଖଣ୍ଡାରେ ଚେୟାରକୁ ହାଣିବା ସହ ସେମାନଙ୍କୁ ଆକ୍ରମଣ କରି ଆହତ କରିଥିଲେ। ପୋଲିସକୁ ଜଣାଇଲେ ଜୀବନରୁ ମାରିଦେବାର ଧମକ ଦେଇ ସେମାନେ ଫେରାର୍ ହୋଇଯାଇଥିଲେ। ଏହି ଆକ୍ରମଣ ଘଟଣାରେ ସାମିଲ ଥିବା ଗେଡା ରାଜାକୁ ଗତ ୩୦.୦୬.୨୦୨୬ ରେ ଏବଂ କୁମ୍ଭିରାକୁ ୦୩.୦୭.୨୦୨୬ ରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିସାରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ବରୁଣ ଦୀର୍ଘ ଦିନ ଧରି ଫେରାର୍ ଥିଲା ଏବଂ ତା' ନାମରେ ପୂର୍ବରୁ ଏକାଧିକ ମାମଲାରେ ଗିରଫ ପରୱାନା ମଧ୍ୟ ଜାରି ରହିଥିଲା। ଶେଷରେ ଆଜି ତା ୧୬.୧୦.୨୦୨୬ ପୋଲିସ ଗୋପନୀୟ ସୂତ୍ରରୁ ଖବର ପାଇ ୟୁନିଟ୍-୩ ଖଣ୍ଡିଆ ପାର୍କ ନିକଟରେ ଚଢ଼ାଉ କରି ଫେରାର୍ ଅଭିଯୁକ୍ତ ବରୁଣକୁ କାବୁ କରିବାରେ ସଫଳ ହୋଇଛି। ଗିରଫ ସମୟରେ ତା' ନିକଟରୁ ଏକ ଲୁହା ବେଣ୍ଟ ଥିବା ଧାରୁଆ ବିଲହୁକ୍ ଜବତ କରାଯାଇଛି। ଅଭିଯୁକ୍ତକୁ ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ବରୁଣ ରାଓ ରାଜଧାନୀର ଜଣେ ଦୁର୍ଦ୍ଦାନ୍ତ ଓ ଅଭ୍ୟାସଗତ ଅପରାଧୀ। ତା' ନାମରେ ହତ୍ୟା ଉଦ୍ୟମ, ଡକାୟତି ଏବଂ ବେଆଇନ୍ ଅସ୍ତ୍ରଶସ୍ତ୍ର ରଖିବାର ୧୩ଟି ସଙ୍ଗିନ ମାମଲା ବିଭିନ୍ନ ଥାନାରେ ରହିଛି। ସେ ଏହିସବୁ ମାମଲାରେ ଫେରାର୍ ଘୋଷିତ ହୋଇଥିଲା ଏବଂ ତା' ନାମରେ ଏକ କୋର୍ଟ ଗିରଫ ପରୱାନା ମଧ୍ୟ ପେଣ୍ଡିଂ ଥିଲା।

## ଓଡ଼ାପଡା ତହସିଲଦାର ନିଲମ୍ବିତ

ଭୁବନେଶ୍ୱର: ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଜ୍ୟ ସରକାର ତାଙ୍କୁ ନିଲମ୍ବିତ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ହୋଇଥିବା ସରକାରୀ ଆଦେଶ ଅନୁଯାୟୀ, ଓଡ଼ିଶା ସିଭିଲ୍ ସର୍ଭିସେସ୍ (କ୍ଲାସିଫିକେସନ୍, କଣ୍ଟ୍ରୋଲ୍ ଆଣ୍ଡ ଅପିଲ୍) ନିୟମାବଳୀ, ୧୯୬୨ର ନିୟମ ୧୨(୧)(କ) ଅନୁଯାୟୀ ଏହି ନିଲମ୍ବନ ଆଦେଶ ଜାରି କରାଯାଇଛି। ତେବେ ଏହି ନିଲମ୍ବନ ଅବଧିରେ ଶ୍ରୀ ମାଝୀ କଟକସ୍ଥିତ ରାଜସ୍ୱ ଡିଭିଜନାଲ୍ କମିଶନର (କେନ୍ଦ୍ରାଞ୍ଚଳ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବେ । ଆରଡିସିଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଏଥିସହ ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଶ୍ରୀ ମାଝୀଙ୍କ ବିରୋଧରେ ଅଭିଯୋଗର ଖସଡ଼ା ଏବଂ ସମ୍ପୃକ୍ତ ପ୍ରମାଣପତ୍ର ସହ ଆବଶ୍ୟକ ଦଲିଲ ଦାଖଲ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଭିଜିଲାନ୍ସ ଜାଲରେ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ୨୧.୮୮ ଲକ୍ଷ ଟଙ୍କା ଜବତ
### ଏଜି ଛକରେ ଅଟକାଇଲା ଭିଜିଲାନ୍ସ, ଭଡ଼ା ଘରୁ ମିଳିଲା ଆଉ ୧୪.୬୦ ଲକ୍ଷ

କଟକ/ଭୁବନେଶ୍ୱର(ନି.ପ୍ର) : ଓଡ଼ିଶା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଜଳସମ୍ପଦ ବିଭାଗର ଜଣେ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର। ସେ ହେଉଛନ୍ତି କଟକ ଜଗତପୁରସ୍ଥିତ ମହାନଦୀ ନର୍ଦ୍ଦର୍ଣ୍ଣ ଡିଭିଜନର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ପ୍ରସନ୍ନଜିତ ଦାସ। ତାଙ୍କଠାରୁ ମୋଟ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କା ଜବତ କରାଯାଇଛି। ଆୟବହିର୍ଭୂତ ଅର୍ଥ ସମ୍ପର୍କିତ ଏକ ମାମଲାରେ ଗିରଫ ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଛି। ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଭିନ୍ନ ଠିକାଦାରଙ୍କଠାରୁ ଲାଞ୍ଚ ଅର୍ଥ ସଂଗ୍ରହ କରାଯାଉଥିବା ନେଇ ବିଶ୍ୱସନୀୟ ସୂଚନା ମିଳିବା ପରେ ଶ୍ରୀ ଦାସଙ୍କ ଗତିବିଧି ଉପରେ ଭିଜିଲାନ୍ସ ଟିମ୍ ନଜର ରଖିଥିଲା। ଶୁକ୍ରବାର ରାତିରେ ଭୁବନେଶ୍ୱରର ଏଜି ଛକ ନିକଟରେ ସରକାରୀ ଭାବେ ଭଡ଼ାରେ ନିଆଯାଇଥିବା ବୋଲେରୋ ଗାଡ଼ି (ଓଡି୦୫-ବିଏସ୍୨୬୭୬)ରେ ଯାଉଥିବା ବେଳେ ତାଙ୍କୁ ଅଟକାଇଥିଲା ଭିଜିଲାନ୍ସ ଟିମ୍। ଯାଞ୍ଚ ସମୟରେ ତାଙ୍କ ନିକଟରୁ ୭ ଲକ୍ଷ ୨୮ ହଜାର ୬୨୦ ଟଙ୍କାର ସନ୍ଦେହଜନକ ନଗଦ ଅର୍ଥ ମିଳିଥିଲା। ଏହି ଟଙ୍କାର ଉତ୍ସ ସମ୍ପର୍କରେ ସେ ସନ୍ତୋଷଜନକ ହିସାବ ଦେଇପାରି ନଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଫଳରେ ଟଙ୍କା ସହ ବୋଲେରୋ ଗାଡ଼ିକୁ ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ଅଧିକାରୀମାନେ ଭୁବନେଶ୍ୱରର ଘାଟିକିଆସ୍ଥିତ ଟ୍ରାଇଡେଣ୍ଟ ଗାଲାକ୍ସିରେ ଥିବା ତାଙ୍କ ଭଡ଼ା ଘର ଏବଂ ବରଗଡ଼ ଜିଲ୍ଲାର ବରଗଡ଼ାସ୍ଥିତ ପୈତୃକ ଘରେ ଏକକାଳୀନ ଚଢ଼ାଉ କରିଥିଲେ। ଭୁବନେଶ୍ୱରସ୍ଥିତ ଭଡ଼ା ଘରୁ ଆଉ ୧୪ ଲକ୍ଷ ୬୦ ହଜାର ଟଙ୍କା ମିଳିଥିଲା। ଏହାକୁ ମିଶାଇ ମୋଟ ଜବତ ନଗଦ ଅର୍ଥର ପରିମାଣ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କାରେ ପହଞ୍ଚିଛି। ଏହି ଘଟଣାରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଗତ ୧୬ ତାରିଖରେ ମାମଲା ନମ୍ବର ୨୪/୨୦୨୬ ରୁଜୁ ହୋଇଛି। ଦୁର୍ନୀତି ନିବାରଣ ଆଇନ, ୨୦୧୮ର ଧାରା ୧୩(୨) ସହ ଧାରା ୧୩(୧)(ଖ) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରସନ୍ନଜିତ ଦାସ ୧୮ ମାର୍ଚ୍ଚ ୨୦୧୬ରେ ଭୁବନେଶ୍ୱରସ୍ଥିତ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ସିଭିଲ୍) ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ସେତେବେଳେ ତାଙ୍କର ମାସିକ ଦରମା ପ୍ରାୟ ୨୫ ହଜାର ଟଙ୍କା ଥିଲା। ପରେ ୧୦ ଜୁନ୍ ୨୦୧୬ରେ ତାଙ୍କୁ ଓଡ଼ିଶା ଡିଜାଇନ୍ସ କାର୍ଯ୍ୟାଳୟରେ ନିଯୁକ୍ତି ମିଳିଥିଲା। ୩୧ ଡିସେମ୍ବର ୨୦୨୧ରେ ବରଗଡ଼ କେନାଲ ସବ୍-ଡିଭିଜନକୁ ବଦଳି ହେବା ପରେ ସେ ୧୦ ଜାନୁଆରୀ ୨୦୨୨ରେ ସେଠାରେ ଯୋଗ ଦେଇଥିଲେ। ୨୯ ଜୁଲାଇ ୨୦୨୨ରେ ପଦୋନ୍ନତି ପାଇ ବିଜେପୁରସ୍ଥିତ ଗଙ୍ଗାଧର ମେହେର ଲିଫ୍ଟ ଇରିଗେସନ୍ ଡିଭିଜନ୍-୧ରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ନିଯୁକ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ୫ ଜୁନ୍ ୨୦୨୬ରେ ପଦୋନ୍ନତି ପାଇ ମହାନଦୀ ନର୍ଦ୍ଦର୍ଣ୍ଣ ଡିଭିଜନ୍, କଟକର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଭାବେ ନିଯୁକ୍ତ ହୋଇଥିଲେ। ୧୦ ଜୁନ୍ ୨୦୨୬ରେ ସେ ଏହି ପଦରେ ଯୋଗ ଦେଇଥିଲେ। ଭିଜିଲାନ୍ସ ମାମଲାରେ ତଦନ୍ତ ଜାରି ରହିଥିବାରୁ ଆଗକୁ ଅଧିକ ତଥ୍ୟ ସାମ୍ନାକୁ ଆସିବାର ସମ୍ଭାବନା ରହିଛି।

## ଅନଲାଇନ୍ ଟ୍ରେଡିଂ ମାଧ୍ୟମରେ ଠକେଇ, ୩ ଗିରଫ

ଭୁବନେଶ୍ୱର(ନି.ପ୍ର) : ଅନଲାଇନ୍ ଟ୍ରେଡିଂ ମାଧ୍ୟମରେ ଅଧିକ ଲାଭର ଲୋଭ ଦେଖାଇ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକୁଥିବା ଏବଂ ସାଇବର ଅପରାଧୀଙ୍କୁ ମ୍ୟୁଲ୍ ବ୍ୟାଙ୍କ୍ ଆକାଉଣ୍ଟ ଯୋଗାଉଥିବା ଏକ ଆନ୍ତଃରାଜ୍ୟ ସାଇବର ଠକ ନେଟୱର୍କକୁ ଭୁବନେଶ୍ୱରର ସାଇବର ଥାନା ପୋଲିସ ପର୍ଦ୍ଦାଫାସ୍ କରିଛି। ଏହି ବିପୁଳ ଆର୍ଥିକ ଠକେଇ ଘଟଣାରେ ପୋଲିସ ମୁଖ୍ୟ ମାଷ୍ଟରମାଇଣ୍ଡ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସର୍ବେଶ୍ୱର ମହାନ୍ତି, ପ୍ରଦୀପ ଷଡଙ୍ଗୀ ଓ ସୁମନ୍ତ ମହାଲିକ। ପୁଲିସ ଏମାନଙ୍କୁ ଆଜି କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀଙ୍କୁ ଫେସବୁକରେ 'ପ୍ରିୟା ରେଡ୍ଡି' ନାମକ ଏକ ଫେକ୍ ପ୍ରୋଫାଇଲରୁ ଯୋଗାଯୋଗ କରାଯାଇଥିଲା। ପରେ ୱାଟସ୍‌ଆପ ମାଧ୍ୟମରେ ତାଙ୍କୁ ଏକ ଅନଲାଇନ୍ ଟ୍ରେଡିଂ ପ୍ଲାଟଫର୍ମରେ ଟଙ୍କା ନିବେଶ କଲେ ବହୁତ ଲାଭ ମିଳିବ ବୋଲି ପ୍ରବର୍ତ୍ତା ଯାଇଥିଲା। ପ୍ରଥମେ କିଛି ଲାଭାଂଶ ପାଇବା ପରେ ଅଭିଯୋଗକାରୀ ବିଶ୍ୱାସ କରି ନିଜର ଓ ନିଜ ସମ୍ପର୍କୀୟଙ୍କ ମୋଟ ୮ଟି ବ୍ୟାଙ୍କ୍ ଆକାଉଣ୍ଟରୁ ସର୍ବମୋଟ ୬୨,୮୯,୮୬୫/- ଟଙ୍କା ନିବେଶ କରିଦେଇଥିଲେ। ପରେ ଯେତେବେଳେ ସେ ତାଙ୍କ ଟଙ୍କା ଉଠାଇବାକୁ ଚେଷ୍ଟା କଲେ, ସେତେବେଳେ ତାଙ୍କ ଆକାଉଣ୍ଟକୁ ବ୍ଲକ୍ କରିଦିଆଯାଇଥିଲା। ସେ ଠକେଇର ଶିକାର ହୋଇଥିବା ଜାଣି ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ କରିବାରୁ ଜାଣିବାକୁ ପାଇଥିଲା ଯେ, ଏକ ସୁସଂଗଠିତ ଗ୍ୟାଙ୍ଗ୍ ଜାଲ୍ କାଗଜପତ୍ର ବ୍ୟବହାର କରି ତ୍ରିଶୁଳିଆ ଅଞ୍ଚଳର ବିଭିନ୍ନ ବ୍ୟାଙ୍କରେ ଏକାଧିକ ଫେକ୍ କରେଣ୍ଟ ଆକାଉଣ୍ଟ ଖୋଲିଥିଲେ। ପରେ ଲୋକଙ୍କ ଠକେଇ କରି ଚାଲିଥିଲେ। ତେବେ ମୁଖ୍ୟ ଅଭିଯୁକ୍ତ ସର୍ବେଶ୍ୱର ମହାନ୍ତି ଏହି ନେଟୱର୍କକୁ ପରିଚାଳନା କରୁଥିଲା। ସେ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ଖୋଲିବା ପରେ ତାହାର ଆକ୍ସେସ୍‌କୁ କମିଶନ୍ ଆକାରରେ ମୂଳ ସାଇବର ଠକମାନଙ୍କୁ ଯୋଗାଉଥିଲା, ଯେଉଁଥିପାଇଁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରିଥିଲା। ପ୍ରଦୀପ କୁମାର ଷଡ଼ଙ୍ଗୀ ଏବଂ ସୁମନ୍ତ ମହାଲିକ ତାକୁ ଏହି ଆକାଉଣ୍ଟ ଖୋଲିବା ଓ ପରିଚାଳନା କରିବାରେ ସାହାଯ୍ୟ କରୁଥିଲେ। ଏଥିପାଇଁ ପ୍ରଦୀପକୁ ୧ ଲକ୍ଷ ଟଙ୍କା ମିଳିଥିବା ବେଳେ ସୁମନ୍ତକୁ ମାସିକ ୧୫ ହଜାର ଟଙ୍କା ଦରମା ଆକାରରେ ଦିଆଯାଉଥିଲା।

## ଜମି ନାଁରେ ଠକେଇ, ଜମି ଦଲାଲ ଗିରଫ

ଭୁବନେଶ୍ୱର(ନି.ପ୍ର) : ଜମି ବିକ୍ରି କରିବା ଏବଂ ରେଜିଷ୍ଟ୍ରେସନ୍ କରାଇଦେବା ନାଁରେ ଜଣେ ବରିଷ୍ଠ ନାଗରିକଙ୍କ ଠାରୁ ପର୍ଯ୍ୟାୟକ୍ରମେ ୯୦ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ପ୍ରପର୍ଟି ଡିଲରକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ତୁଷାର ରଂଜନ ପଣ୍ଡା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ତମାଣ୍ଡୋ ଅଞ୍ଚଳର ବରିଷ୍ଠ ନାଗରିକ ଅଜୟ କୁମାର ପାତ୍ର (୬୧ ବର୍ଷ) ଏବଂ ତାଙ୍କ ପତ୍ନୀଙ୍କୁ ନନ୍ଦନକାନନ ନିକଟ ରଘୁନାଥପୁର ଠାରେ ଏକ ଜମି ଦେବାକୁ କହି ଅଭିଯୁକ୍ତ ତୁଷାର ରଞ୍ଜନ ପଣ୍ଡା ଗତ ୧୪.୦୨.୨୦୨୨ ତାରିଖରେ ତିନୋଟି ଚେକ୍ ମାଧ୍ୟମରେ ୩୦ ଲକ୍ଷ ଟଙ୍କା ନେଇଥିଲା। ଏହାପରେ ସେ ଅଜୟଙ୍କୁ ଅନ୍ୟ ଜଣେ ପ୍ରପର୍ଟି ଡିଲର ପ୍ରକାଶ ଚନ୍ଦ୍ର ନାୟକ ସହ ପରିଚୟ କରାଇଥିଲା। ପ୍ରକାଶ ପୁରୀର ମାଳତୀପାଟପୁର ଠାରେ ଜମି ଦେବାକୁ କହି ଆହୁରି ୩୦ ଲକ୍ଷ ଟଙ୍କା ତା' ଆକାଉଣ୍ଟକୁ ଫେବୃଆରୀ ୨୦୨୩ ରେ ଟ୍ରାନ୍ସଫର୍ କରାଇଥିଲା। ଶେଷରେ ତହସିଲରୁ ଜମିର କାଗଜପତ୍ର କାଢ଼ିବା ଏବଂ ଅନ୍ୟାନ୍ୟ ଆଳ ଦେଖାଇ ୨୪.୦୩.୨୦୨୩ ତାରିଖରେ ଅଭିଯୁକ୍ତ ତୁଷାର ଆଉ ୩୦ ଲକ୍ଷ ଟଙ୍କା ନିଜ ଆକାଉଣ୍ଟକୁ ନେଇଥିଲା। ଏହିପରି ଜମି ନାଁରେ ଅଭିଯୋଗକାରୀଙ୍କ ଠାରୁ ମୋଟ ୯୦ ଲକ୍ଷ ଟଙ୍କା ଠକି ନିଆଯାଇଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ସେମାନେ ଜମି ଦେଇନଥିଲେ କିମ୍ବା ଟଙ୍କା ଫେରାଇନଥିଲେ। ପ୍ରକାଶର ଅଫିସ୍ ମଧ୍ୟ ବନ୍ଦ ମିଳିଥିଲା। ଏହି ଠକେଇ ଯୋଗୁଁ ମାନସିକ ଆଘାତ ପାଇ ଅଭିଯୋଗକାରୀ ବର୍ତ୍ତମାନ ଉତ୍କଳ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଅଭିଯୋଗ ପାଇବା ପରେ ଚନ୍ଦ୍ରଶେଖରପୁର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଏବଂ ବ୍ୟାଙ୍କରୁ ଟ୍ରାଞ୍ଜାକସନ୍ ରିପୋର୍ଟ ସଂଗ୍ରହ କରିଥିଲା। ଗତକାଲି ୧୫.୧୦. ୨୦୨୬ ରାତି ପ୍ରାୟ ୧୧.୩୦ ମିନିଟରେ ପୋଲିସ ପଟିଆସ୍ଥିତ ଶୁଭମ୍ ରେସିଡେନ୍ସିରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ତୁଷାରକୁ କାବୁ କରିଥିଲା। ପଚରାଉଚରା ବେଳେ ସେ ନିଜ ଦୋଷ ସ୍ୱୀକାର କରିଛି। ଅଭିଯୁକ୍ତକୁ ଗିରଫ କରାଯାଇ ୧୫ ଦିନିଆ ରିମାଣ୍ଡ ପ୍ରାର୍ଥନା ସହ କୋର୍ଟ ଚାଲାଣ କରାଯାଇଛି।

## ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକୁ ନେଇ ଅସନ୍ତୋଷ, ପାଇପ ଫାଟି ଭୁଶୁଡିଲା ସିମେଣ୍ଟ କାନ୍ଥ

କଣ୍ଟିଲୋ(ନି.ପ୍ର): ମହାନଦୀରୁ ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ମାଟି ତଳେ ବିଛା ଯାଇଥିବା ପାଇପ ଲାଇନରେ ଫାଟ ସୃଷ୍ଟି ହେବା ଯୋଗୁଁ ପାନୀୟ ଜଳର ଅଯଥା ଅପଚୟ ହେବା ସହ ନିକଟସ୍ଥ ବାହାଡା ଗ୍ରାମର ବାସିନ୍ଦା ନବ କିଶୋର ବରାଡଙ୍କ ବାସଗୃହ ସମ୍ମୁଖସ୍ଥ ପ୍ରାଚୀରଟି ଶୁକ୍ରବାର ଭାଙ୍ଗି



ତଳେ ଖସି ପଡିଥିବା ଜଣାପଡିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବାହାଡା ଗ୍ରାମବାସୀ ଏ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି ମେଗା ପାନୀୟଜଳ ପ୍ରକଳ୍ପ ଜରିଆରେ ମାଟି ତଳେ ପାଇପ ଲାଇନ ବିଛାଇବା କାର୍ଯ୍ୟ ଯୋଗୁଁ ମୁଖ୍ୟ ରାସ୍ତା ପାର୍ଶ୍ୱ ଓ ଗଳିକନ୍ଦି ରାସ୍ତା ବେଳକୁ ବେଳ ନଷ୍ଟ ହେବାରେ ଲାଗିଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ODISHA
ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର-୭୫୧୦୧୨

ପ୍ରଦୂଷଣମୁକ୍ତ ଗଣେଶ ପୂଜା, ଖୁଦୁରୁକୁଣୀ ପୂଜା, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, କାଳୀପୂଜା ତଥା ସରସ୍ୱତୀ ପୂଜା ପାଳନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ନିବେଦନ

ପୂଜା କମିଟି କର୍ମକର୍ତ୍ତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ — ସଂଖ୍ୟା VISC(LEM)Proj-64/25-26/[illegible] ତା [illegible]

- ମୂର୍ତ୍ତି ନିର୍ମାଣରେ ପୋଡା ମାଟି ତଥା Plaster of Paris ପରିବର୍ତ୍ତେ ପ୍ରାକୃତିକ ମୃତ୍ତିକା ବ୍ୟବହାର କରନ୍ତୁ ।
- ମୂର୍ତ୍ତିରେ ବିଷାକ୍ତ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗ ବ୍ୟବହାର କରନ୍ତୁ ।
- ମୂର୍ତ୍ତିର ଉଚ୍ଚତାକୁ ୨୦ ଫୁଟ ଏବଂ ମଣ୍ଡପ ଉଚ୍ଚତାକୁ ୪୦ ଫୁଟ ମଧ୍ୟରେ ସୀମିତ ରଖନ୍ତୁ ।
- ପୂଜା ପରେ ମୂର୍ତ୍ତିକୁ ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରନ୍ତୁ ।
- ବିସର୍ଜନ ପୂର୍ବରୁ ମୂର୍ତ୍ତି ଓ ମେଢରୁ ଫୁଲ ତଥା ଅନ୍ୟ ସାଜସଜ୍ଜା ପଦାର୍ଥକୁ ମୂର୍ତ୍ତିରୁ କାଢି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ସ୍ଥାନରେ ପକାନ୍ତୁ । ଏହାକୁ ବିସର୍ଜନ ସ୍ଥଳରେ ପୋଡନ୍ତୁ ନାହିଁ ।
- ସାଜସଜ୍ଜା ତଥା ପ୍ରସାଦ ବିତରଣ ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ ।

ଜିଲ୍ଲା ପ୍ରଶାସନ ତଥା ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ

- ଜନ ସାଧାରଣଙ୍କୁ ମୂର୍ତ୍ତି ବିସର୍ଜନ ଜନିତ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନ କରନ୍ତୁ ।
- ଜନ ସାଧାରଣଙ୍କୁ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣିବାକୁ ସଚେତନ କରନ୍ତୁ ।
- ସଂପୃକ୍ତ ସହରରେ ଅନୁଷ୍ଠିତ ପୂଜାର ସଂଖ୍ୟା ଅନୁପାତରେ ଆବଶ୍ୟକ ଅସ୍ଥାୟୀ ପୋଖରୀ ଖୋଳାଯାଇ ଏଠାରେ ବିସର୍ଜନ ନିମନ୍ତେ ପୂଜା କମିଟିକୁ ଅବଗତ କରାନ୍ତୁ ।
- ନଦୀ ତଟବର୍ତ୍ତୀ ଅଞ୍ଚଳରେ ମୂର୍ତ୍ତି ବିସର୍ଜନ ନିମନ୍ତେ ମାଟିବନ୍ଧ ଓ synthetic liner ଥାଇ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଉ ସମସ୍ତ ପୂଜା କମିଟିମାନଙ୍କୁ ଏହି ପୋଖରୀରେ ମୂର୍ତ୍ତି ବିସର୍ଜନ କରିବା ନିମନ୍ତେ ଅନୁରୋଧ କରନ୍ତୁ ।
- ମୂର୍ତ୍ତି ବିସର୍ଜନ ହେବାର ୨୪ ଘଣ୍ଟା ମଧ୍ୟରେ ଅସ୍ଥାୟୀ ପୋଖରୀ ମଧ୍ୟରୁ ବିସର୍ଜିତ ସାମଗ୍ରୀକୁ ବାହାର କରି ନିର୍ଦ୍ଦିଷ୍ଟ Municipal dumpsite କୁ ସ୍ଥାନାନ୍ତର କରିବା ସଙ୍ଗେ ସଙ୍ଗେ ଅସ୍ଥାୟୀ ପୋଖରୀ ଜଳକୁ ଚୂନ ପକାଇ ବିଶୋଧନ ପରେ ନଦୀ ବା ନାଳକୁ ନିଷ୍କାସିତ କରାଯାଇପାରେ ।

ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ନିବେଦନ

- ପୂଜା ନିମନ୍ତେ କେବଳ ମୃତ୍ତିକା ନିର୍ମିତ ଓ ପ୍ରାକୃତିକ ରଙ୍ଗ ବ୍ୟବହୃତ ମୂର୍ତ୍ତି କିଣନ୍ତୁ । ସାଜସଜ୍ଜା ନିମନ୍ତେ ଏକକ ବ୍ୟବହାର ପ୍ଲାଷ୍ଟିକ କିମ୍ବା ଥର୍ମୋକଲରେ ତିଆରି ଜିନିଷର ବ୍ୟବହାର କରନ୍ତୁ ନାହିଁ ।
- ପୂଜା ପରେ ମୂର୍ତ୍ତି ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀକୁ ନିଜ ଘରେ ବିସର୍ଜନ କରନ୍ତୁ କିମ୍ବା ଜିଲ୍ଲା ପ୍ରଶାସନ ତଥା ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଚିହ୍ନିତ ଅସ୍ଥାୟୀ ପୋଖରୀରେ କିମ୍ବା ଚିହ୍ନିତ କୃତ୍ରିମ ଭ୍ରାମ୍ୟମାଣ କୁଣ୍ଡରେ ବିସର୍ଜନ କରନ୍ତୁ ।
- ବ୍ୟବହୃତ ପୂଜା ସାମଗ୍ରୀକୁ ଜରିରେ ବାନ୍ଧି କୌଣସି ନଦୀ କିମ୍ବା ପୋଖରୀରେ ନ ଫୋପାଡି ଚିହ୍ନଟ ବିସର୍ଜନ ସ୍ଥଳୀରେ ପକାନ୍ତୁ ।

ଫାଇନ୍ ଓ ଦଣ୍ଡ ବ୍ୟବସ୍ଥା

**Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021** ଅନୁଯାୟୀ, ମୂର୍ତ୍ତି କାରିଗର ମାନେ ରୁଲ୍ ୩ ର ଅବମାନନା କଲେ, ସଂପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନେ ଦୁଇ ବର୍ଷ ପାଇଁ ମୂର୍ତ୍ତି ତିଆରିରୁ ବାସନ୍ଦ ହେବେ । ଏହା ବ୍ୟତୀତ ମୂର୍ତ୍ତି ନିର୍ମାତା ମାନଙ୍କର ରେଜିଷ୍ଟ୍ରେସନ ଫି ମଧ୍ୟ ଜବତ କରାଯିବ ।
ପୂଜା କମିଟି କର୍ମକର୍ତ୍ତା ମାନଙ୍କ ଦ୍ୱାରା ରୁଲ୍ ୫ ଏବଂ ୬ ର ଅବମାନନା ହେଲେ, ସଂପୃକ୍ତ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ନିମ୍ନଲିଖିତ ଜୋରିମାନା ଆଦାୟ କରାଯିବ ।
- ପଞ୍ଚାୟତ ସୀମା ମଧ୍ୟରେ ଥିଲେ ୩୦୦୦ ଟଙ୍କା ;
- ମୁନିସିପାଲିଟି କିମ୍ବା NAC ସୀମା ମଧ୍ୟରେ ଥିଲେ ୫୦୦୦ ଟଙ୍କା ;
- ମୁନିସିପାଲିଟି କର୍ପୋରେସନ ସୀମା ମଧ୍ୟରେ ଥିଲେ ୭୦୦୦ ଟଙ୍କା ।

ଆସନ୍ତୁ ମିଳିମିଶି ପ୍ରଦୂଷଣମୁକ୍ତ ପୂଜା ପାଳନ ନିମନ୍ତେ ଯତ୍ନବାନ ହେବା ।

ବି.ଦ୍ର. : ଏ ସମ୍ପର୍କୀୟ ବିଶଦ ବିବରଣୀ "The Odisha Prevention and Control of Water Pollution (Procedure for Immersion of Idol after Pujas) Rules, 2021 ରେ ମିଳିପାରିବ।
(Weblink:http://ospcboard.org/wp-content/uploads/2022/02/1741-F-E-Idol-Immersion-Rule-by-Odisha.pdf)

ସଦସ୍ୟ ସଚିବ

**OFFICE OF THE PARADEEP MUNICIPALITY, PARADEEP**
**Quotation Call Notice no.5315/ dt.15.10.2026** 13001/2199/2627

The Executive Officer, Paradeep Municipality Paradeep invites sealed Quotation Call Notice from interested/ intending eligible Firms/ Fabricator Agencies/ Contractors for **"Barricading arrangement Sea Beach for the observance of Baliyatra-2026"** DTCN alongwith terms & conditions can be obtained in the office of the Paradeep Municipality, Paradeep during office hours on payment of ₹2,000.00 (Rupees:- Two thousand) only (not refundable) and also available on office website www.paradeepmunicipality.in. from **dt.16.10.2026 to dt.02.11.2026**. Paper cost shall be paid as per the same method noted in DTCN downloaded online. The firms/ agencies/ febricator must be accompanied with photo copy of valid (i) PAN (ii) GSTIN (iii) Complete Organisation details, Authenticated proof of the firm (Registration certificate of firm or agency) (iv) Cost of tender paper and (v) EMD. The sealed Quotation and other documents will be received offline on or before **dt.03.11.2026 upto 1.00 PM** and will be opened on the same day at **4.00 PM** in presence of the bidder or their authorized representatives. The authority reserves the right to accept or cancel any or all quotations without assigning any reason thereof.

Executive Officer
Paradeep Municipality

OIPR 13001/13120/1/26-27/0019

## ଅତିରିକ୍ତ କ୍ଲାସ୍ ରୁମ୍ ନିର୍ମାଣ ପାଇଁ ୯ ଲକ୍ଷ ଟଙ୍କା ଅନୁମୋଦନ

କୃଷ୍ଣପ୍ରସାଦ ୧୭।୧୦ (ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ରୁକ୍ମିଣୀ ଦେବୀ ଚିଲିକା ନୂଆପଡ଼ା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ହୋଇଥିବା ଏବିଭିପିର ସଭାପତି , ଉପସଭାପତି ଓ ସାଧାରଣ ସମ୍ପାଦିକାଙ୍କ ସମେତ ସମସ୍ତ ବିଜୟୀ ପ୍ରାର୍ଥୀ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ବିଧାୟିକା ଉପାସନା ମହାପାତ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ । ଏହି ଅବସରରେ ଐତିହାସିକ ବିଜୟ ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହି ସାକ୍ଷାତ୍ ସମୟରେ ମହାବିଦ୍ୟାଳୟର କ୍ଲାସ୍ ରୁମ୍ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବା ବିଷୟ ସହିତ ଅନ୍ୟ କିଛି ସମସ୍ୟା ବିଷୟରେ ଛାତ୍ରଛାତ୍ରୀମାନେ ଅବଗତ କରାଇଥିଲେ । ସମସ୍ତ ସମସ୍ୟାକୁ ଗୁରୁତ୍ୱର ସହିତ ଗ୍ରହଣ କରିବା ସହ ସେଗୁଡ଼ିକର ଶୀଘ୍ର ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି ରକ୍ଷା କରି ବିଧାୟିକାତାଙ୍କ ବିଧାୟିକା ଅନୁଦାନ ପାଣ୍ଠିରୁ ଟ ୯୦୦୦୦୦/-( ନଅ ଲକ୍ଷ ଟଙ୍କା) ଅତିରିକ୍ତ କ୍ଲାସ୍ ରୁମ୍ ନିର୍ମାଣ ପାଇଁ ଅନୁମୋଦନ କରିଛନ୍ତି ।



ମା' କଟକ ଚଣ୍ଡୀଙ୍କ ବଗଳାମୁଖୀ ବେଶ (ଫଟୋ-ପ୍ରତାପ ସାହୁ)

## ଇ-କଣ୍ଟେଣ୍ଟକୁ ମାଗଣାରେ ବ୍ୟବହାର କରି ପାଠ ପଢ଼ିହେବ

ନୟାଗଡ଼: ୧୭।୧୦(ନିପ୍ର): ରୋଟାରୀ କ୍ଲବ ନୟାଗଡ଼ ଏବଂ ଓକେସିଏଲ୍‌ର ମିଳିତ ଉଦ୍ୟମରେ ପିଏମ୍‌ଶ୍ରୀ ଏନ୍‌ଏସି ସରକାରୀ ହାଇସ୍କୁଲରେ ଏକ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) କ୍ଷମତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ଖଣ୍ଡା ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିବା ବେଳେ ରୋଟାରୀ କ୍ଲବର ସଭାପତି ବାସୁଦେବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମର ସଂଯୋଜକ ରୋଟାରିଆନ୍ ଧୀରେନ୍ଦ୍ର କୁମାର ପଟ୍ଟନାୟକ ଏଆଇର ବ୍ୟବହାର ଓ ଉପଯୋଗିତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏଆଇ କିପରି ସେମାନଙ୍କ ଦକ୍ଷତା ବୃଦ୍ଧି, ପରୀକ୍ଷା ପ୍ରସ୍ତୁତି ଏବଂ ଭବିଷ୍ୟତରେ କ୍ୟାରିୟର ଗଠନରେ ସହାୟକ ହୋଇପାରିବ, ସେ ସମ୍ପର୍କରେ ଏକ ଉପସ୍ଥାପନା ମାଧ୍ୟମରେ ଆଲୋକପାତ କରିଥିଲେ। ଏହି ଅବସରରେ ଓକେସିଏଲ୍‌ର ସଂଯୋଜକ ଅଜୟକାନ୍ତ ପୃଷ୍ଟି ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ କିପରି ଓକେସିଏଲ୍ ଦ୍ୱାରା ପ୍ରସ୍ତୁତ ଇ-କଣ୍ଟେଣ୍ଟକୁ ମାଗଣାରେ ବ୍ୟବହାର କରି ପାଠ ପଢ଼ିପାରିବେ, ସେ ସମ୍ପର୍କରେ ଏକ ଡେମୋ ପ୍ରଦର୍ଶନ କରିଥିଲେ।

## ୧୩ ବିଶ୍ୱବିଦ୍ୟାଳୟରେ ଏବିଭିପି ବିଜୟକୁ ନେଇ ଅମିତ ଶାହଙ୍କ ପୋଷ୍ଟ

ଭୁବନେଶ୍ୱର, ୧୭/୧୦(ନିପ୍ର): ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଛି, ହେଲେ ଏହାକୁ ନେଇ ରାଜନୈତିକ ଉଷ୍ମତା ବଢ଼ିଛି। ନିର୍ବାଚନରେ କେଉଁ ଛାତ୍ର ସଂଗଠନ କେତେ ସିଟ୍ ଜିତିଲା, ତାହାକୁ ନେଇ ବିଜେପି ଓ ବିଜେଡି ମଧ୍ୟରେ ବୟାନବାଜି ଜୋର ଧରିଛି । ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଇଇଠଚ)ର ବିଜୟକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁଭେଚ୍ଛା ଜଣାଇଥିବା ବେଳେ ନିର୍ବାଚନରେ ଟଙ୍କା ଓ କ୍ଷମତାର ଅପବ୍ୟବହାର ହୋଇଥିବା ଅଭିଯୋଗ ଆଣିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଛାତ୍ର ସଂସଦ ନିର୍ବାଚନରେ ଇଇଠଚର ସଫଳତାକୁ ନେଇ ଅମିତ ଶାହ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟରେ ଇଇଠଚ ପ୍ରାର୍ଥୀଙ୍କ ବିଜୟକୁ ସେ ଯୁବଶକ୍ତିର ସମର୍ଥନ ବୋଲି ଦର୍ଶାଇଛନ୍ତି । ତାଙ୍କ ମତରେ, ଏହି ବିଜୟ ଦେଶର ଯୁବପିଢ଼ିଙ୍କ ମଧ୍ୟରେ 'ରାଷ୍ଟ୍ର ପ୍ରଥମ' ବିଚାରଧାରା ପ୍ରତି ଆସ୍ଥାକୁ ପ୍ରତିଫଳିତ କରୁଛି ।






ପୁରୀ: ନବ ନିଯୁକ୍ତ ରାଜ୍ୟପାଳ ବ୍ରଜ ମୋହନ ରାମ ସସ୍ତ୍ରିକ ଶ୍ରୀ ମନ୍ଦିରରେ ଶ୍ରୀଜୀଉଙ୍କ ଆଶୀର୍ବାଦ ଗ୍ରହଣ ପୂର୍ବକ ରାଜ୍ୟବାସୀଙ୍କ ମଙ୍ଗଳ କାମନା ପ୍ରାର୍ଥନା କରିଛନ୍ତି। ରବିବାର ସକାଳ ୧୧ଟାରେ ନେବେ ଶପଥ। (ଫଟୋ- ବିଜୟ ପଟ୍ଟନାୟକ)

## କାଳନ୍ଦୀଙ୍କୁ ଓଡ଼ିଶା ସିଲ୍‌କି ଚାମ୍ପିଅନ ସମ୍ମାନ ପ୍ରଦାନ

କଣ୍ଟିଲୋ ୧୭।୧୦ (ନି.ପ୍ର) ଖଣ୍ଡପଡ଼ା ବ୍ଲକର ରୟତି ଢୋଲମରା ପଞ୍ଚାୟତ ଅଧୀନ କୃଷ୍ଣଚନ୍ଦ୍ରପୁର ଗ୍ରାମର ଯୁବ ଉଦ୍ୟୋଗୀ ତଥା ବିଶିଷ୍ଟ ବ୍ୟବସାୟୀ କାଳନ୍ଦୀ ସାହୁଙ୍କୁ ଓଡ଼ିଶା ସିଲ୍କି ଚମ୍ପିୟାନ ସମ୍ମାନରେ ସମ୍ମାନିତ କରାଯାଇଥିବା ଜଣାପଡିଛି। ରାଜ୍ୟରେ ସିଲ୍କି ବ୍ୟବସାୟ କ୍ଷେତ୍ରରେ ବିଶେଷ ସୁନାମ ଅର୍ଜନ କରି ପ୍ରତିଷ୍ଠିତ ହୋଇ ପାରିଥିବା ଶ୍ରୀ ସାହୁଙ୍କୁ ପୁରୀସ୍ଥିତ ଏକ ପଞ୍ଚ ତାରକା ହୋଟେଲ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସମ୍ମାନିତ କରାଯାଇଥିବା ଜଣାଯାଇଛି ।ଏ ପରିପ୍ରେକ୍ଷୀରେ ଯୁବ ଉଦ୍ୟୋଗୀ ଭାବେ ଜଣାଶୁଣା ଶ୍ରୀ ସାହୁଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ,ଟ୍ରଫି ସହ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସମେତ ରାଜ୍ୟ ଓ ରାଜ୍ୟ ବାହାରର ଏକାଧିକ ପ୍ରତିଷ୍ଠିତ ବ୍ୟବସାୟୀମାନେ ଯୋଗ ଦେଇଥିଲେ।

### AFFIDAVIT

By virtue of an affidavit sworn before The Executive Magistrate, Khandapara affidavit no. 1583 dtd.13.10.2026, I, Sri Baidhar Behera S/o-Late Panchu Behera, At-Basantpur, Po-Banamalipur, Ps-Fategarh, Dist-Nayagarh do hereby declare that, in the aadhar card of my daughter name is written as Sarojini Behera vide aadhar card no.687591829298 but in her bank account of Bank of Baroda her name is written as Sasmita Behera vide A/c No.23430100010993 of Banamalipur Branch. Sasmita Behera & Sarojini Behera D/o-Baidhar Behera are one & the same person.

**Sd/-Sri Baidhar Behera**




## ସୋନପୁର ବ୍ଲକ ଛକ ଦୁର୍ଗା ପୂଜା ବଜେଟ୍ ୨୭ ଲକ୍ଷ

ସୋନପୁର, ୧୭/୧୦(ନିପ୍ର): ଚଳିତ ବର୍ଷ ସୋନପୁର ବ୍ଲକଛକ ଦୁର୍ଗାପୂଜା କମିଟି ପକ୍ଷରୁ ଅନ୍ୟୂନ ୨୭ ଲକ୍ଷ ଟଙ୍କାର ବଜେଟ୍ ସହ ଭବ୍ୟ ଆୟୋଜନ କରାଯାଇଛି। ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ, ଚଳିତ ବର୍ଷ ପୂଜାର ମୁଖ୍ୟ ଆକର୍ଷଣ ଭାବେ ବଲିଉଡ୍ ସିଙ୍ଗର ଅରୁନିତା କାଞ୍ଜିଲାଲ୍ ୨୨ ତାରିଖରେ ନିଜର ସଙ୍ଗୀତ ପରିବେଷଣ କରିବେ । ୧୮ ତାରିଖରୁ ସୁନ୍ଦରାକାଣ୍ଡ ପାରାୟଣ, ୧୯ରେ 'ମିଷ୍ଟର ସୁବର୍ଣ୍ଣପୁର' ବଡିବିଲ୍ଡିଂ ପ୍ରତିଯୋଗିତା ଏବଂ ୨୧ରେ ପାରମ୍ପରିକ ରାବଣପୋଡି ଉତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ଓଏଏସ୍ କୃତକାର୍ଯ୍ୟା ଶୀତଳ କୁଶଳ, ନିତିଶ ବାରିକ ଏବଂ ପର୍ବତାରୋହୀ ସୋନାଲି ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯିବ ।







## ରେଡକ୍ରସ ଭବନରେ ବିଶ୍ୱ ଛାତ୍ରଛାତ୍ରୀ ଦିବସ



ଭୁବନେଶ୍ୱର, ୧୫ / ୧୦(ନିପ୍ର): ସ୍ଥାନୀୟ ୯ ନମ୍ବର ସ୍ଥିତ ରେଡକ୍ରସ ଭବନଠାରେ 'ସମର କ୍ରାନ୍ତି ସେନା' ପକ୍ଷରୁ ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଜନ୍ମଜୟନ୍ତୀ ଅବସରରେ ବିଶ୍ୱ ଛାତ୍ରଛାତ୍ରୀ ଦିବସ ପାଳିତ ହୋଇଯାଇଛି । ଡକ୍ଟର ସୁଶାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ଉପଦେଷ୍ଟା (ନିର୍ବାଚନ ଆୟୋଗ) ଡକ୍ଟର ଭଗବାନ ପ୍ରକାଶ ଉଦ୍‌ଘାଟକ ଏବଂ ଡକ୍ଟର ସିପ୍ରା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଛାତ୍ର ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଜାତୀୟ ପତ୍ରକାର ମହାସଙ୍ଘର ସଭାପତି ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ଶିଶିର ପରିଜା ଓ ଶୁଭାଶିଷ ମିଶ୍ର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପବିତ୍ର ଅବସରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃତୀ ଛାତ୍ରଛାତ୍ରୀ, ଶିକ୍ଷକ, ଅଧ୍ୟକ୍ଷ ଓ ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନଜନକ 'ଏପିଜେ ଅବଦୁଲ କଲାମ ଗୌରବ ସ୍ମୃତି ସମ୍ମାନ' ରେ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ସଂଗଠନର ସଭାପତି ଶରତ ଚନ୍ଦ୍ର ଜେନା ଓ ସଦସ୍ୟମାନେ ସହଯୋଗ କରିଥିଲେ।

## ରାହୁଲ ଗାନ୍ଧୀଙ୍କ ଉପରେ ବର୍ଷିଲେ ସ୍ମୃତି ପଟ୍ଟନାୟକ



ଭୁବନେଶ୍ୱର, ୧୬/୧୦(ନିପ୍ର): ଗଣତାନ୍ତ୍ରିକ ଉପାୟରେ କ୍ଷମତା ହାସଲ କରିବାରେ ବିଫଳ ହୋଇ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ ଇଣ୍ଡି ମେଣ୍ଟର ସହଯୋଗୀମାନେ 'ରାଜନୈତିକ ପ୍ରତିରୋଧ' ଆଳରେ ଦେଶରେ ଅରାଜକତା ସୃଷ୍ଟି କରୁଥିବା ବିଜେପି ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି । ଶନିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ଦିଲ୍ଲୀ ପ୍ରତିବାଦ ସମୟରେ ବାଂଲାଦେଶର ହିଂସାତ୍ମକ 'ଜେନ୍-ଜି' ଆନ୍ଦୋଳନକୁ ନିଜର ଆଦର୍ଶ ବୋଲି କହୁଥିବା ଏବଂ 'ଲାଲ ସଲାମ' ଜଣାଉଥିବା ଛାତ୍ର ସଂଗଠନର ଜାତୀୟ ସଭାପତି ନେହା ବୋରାଙ୍କ ଭଳି ଚରିତ୍ରଙ୍କ ସହ ଠିଆ ହୋଇ ରାହୁଲ ନିଜର ଷଡ଼ଯନ୍ତ୍ରକୁ ପର୍ଦ୍ଦାଫାଶ କରିଛନ୍ତି । ଶ୍ରୀମତୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି ଯେ, ବାଂଲାଦେଶରେ ୧୪୦୦ରୁ ଅଧିକ ଲୋକଙ୍କ ଜୀବନ ନେଇଥିବା ଏବଂ ଅଳ୍ପସଂଖ୍ୟକ ହିନ୍ଦୁମାନଙ୍କ ଉପରେ ବ୍ୟାପକ ଆକ୍ରମଣ କରିଥିବା ରକ୍ତାକ୍ତ ମଡେଲକୁ ଗୌରବାନ୍ୱିତ କରୁଥିବା ବ୍ୟକ୍ତିଙ୍କ ସହ କାନ୍ଧରେ କାନ୍ଧ ମିଶାଇ ରାହୁଲ କେଉଁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ? ଆଇନଜୀବୀ ପ୍ରଶାନ୍ତ ଭୂଷଣ ନିଜ 'ଟ୍ୱିଟର ସ୍ପେସ୍ ?'ରେ 'ବିପ୍ଲବ ଓ ରକ୍ତପାତ' ବିଷୟରେ ବକ୍ତବ୍ୟ ଦେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ରାହୁଲ ଗାନ୍ଧୀ ସେମାନଙ୍କ ସହ ମିଳିତ ସାମ୍ବାଦିକ ସମ୍ମିଳନୀ କରିବା ଏକ ଗମ୍ଭୀର ଚିନ୍ତାଜନକ ବିଷୟ। ପବିତ୍ର ନବରାତ୍ରୀ ଓ ଦଶହରା ସମୟରେ ଦେଶରେ ଦଙ୍ଗା ଓ ଅସ୍ଥିରତା ସୃଷ୍ଟି କରିବା ପାଇଁ ଏହା ଏକ ବଡ଼ ଗୁପ୍ତ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି । ପ୍ରତିବାଦ ନାମରେ ହିଂସା କିମ୍ବା ସାମ୍ବିଧାନିକ ବ୍ୟବସ୍ଥାକୁ ଅସ୍ଥିର କରିବାର କୌଣସି ପ୍ରବୃତ୍ତିକୁ ଦେଶବାସୀ ଆଦୌ ପ୍ରଶ୍ରୟ ଦେବେ ନାହିଁ ବୋଲି ସେ ସିଧାସଳଖ ଚେତାବନୀ ଦେଇଛନ୍ତି ।




Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ